RNI No.ODIODI/2010/33031
୧୭ ବର୍ଷ Volume- 17
ISSUE -95 ସଂଖ୍ୟା-୯୫
ଭୁବନେଶ୍ୱର, ସୋମବାର ୨୨ ଜୁନ୍ ୨୦୨୬
Bhubaneswar, Monday 22 June, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର

ସଙ୍କଟରେ ଶାନ୍ତି ବୁଝାମଣା

ନୂଆଦିଲ୍ଲୀ, ୨୧।୦୬; ଲେବାନନ ଉପରେ ଇସ୍ରାଏଲ୍ ବାରମ୍ବାର ଆକ୍ରମଣକୁ ନେଇ ଶନିବାର କଠୋର ଆଭିମୁଖ୍ୟ ଆପଣାଇଛି ଇରାନ୍ । ଏଥିପାଇଁ ଆମେରିକାକୁ ସିଧାସଳଖ ଦାୟୀ କରି ପୁଣି ହୋର୍ମୁଜ ପ୍ରଣାଳୀକୁ ବନ୍ଦ କରିଦେଇଛି । ଇରାନର ଜଏଣ୍ଟ ମିଲିଟାରି କମାଣ୍ଡ ହୋର୍ମୁଜ ବନ୍ଦ ନେଇ ଘୋଷଣା କରିବା ପରେ ସମଗ୍ର ବିଶ୍ୱକୁ ଝଟକା ଲାଗିଛି । ଆମେରିକା-ଇରାନ ମଧ୍ୟରେ ହୋଇଥିବା ସଦ୍ୟ ଶାନ୍ତି ବୁଝାମଣା ଉପରେ ବି ସଙ୍କଟ ସୃଷ୍ଟି ହୋଇଛି । ଇରାନ ହୋର୍ମୁଜ ବନ୍ଦ ନେଇ ଘୋଷଣା କରିବା ପୂର୍ବରୁ ଶନିବାର ମୋଟ ୫୫ ବାଣିଜ୍ୟିକ ଜାହାଜ ଏହି ଜଳମାର୍ଗ ଅତିକ୍ରମ କରିଥିଲା । ଏହାଦ୍ୱାରା ବୃହତ ମାତ୍ରାର ସାମଗ୍ରୀ ଏବଂ ୧.୭ କୋଟିରୁ ଅଧିକ ବ୍ୟାରେଲ୍ ତୈଳ ବିଶ୍ୱ ବଜାରରେ ପହଞ୍ଚିଛି ।ଆମେରିକାର ସେଣ୍ଟ୍ରାଲ କମାଣ୍ଡ ହିଁ ଏହି ସୂଚନା ଦେଇଛି । ବଡ କଥା ହେଉଛି ଆଜି ୯୪ କ୍ରୁ ସଦସ୍ୟ ସହ ଭାରତୀୟ ପତାକା ଲାଗିଥିବା ୩ଟି ତୈଳ ଟ୍ୟାଙ୍କର ସୁରକ୍ଷିତ ଭାବେ ହୋର୍ମୁଜ ପାର୍ କରିଛି । ଏଥିରେ ୮.୬ ଲକ୍ଷ ମେଟ୍ରିକ ଟନ ତୈଳ ରହିଛି । ଜାହାଜ ଚଳାଚଳ ସଂଖ୍ୟା ଧୀରେ ଧୀରେ ବୁଢ଼ୁଥିବା ବେଳେ ହୋର୍ମୁଜକୁ ପୁଣି ଇରାନ ବନ୍ଦ କରିଦେଇଛି। ହୋର୍ମୁଜ ଜଳମାର୍ଗ ଦେଇ କୌଣସି ଜାହାଜ ଅତିକ୍ରମ କଲେ ସୁରକ୍ଷା ଗ୍ୟାରେଣ୍ଟି ଦେଇହେବ ନାହିଁ ବୋଲି ଇରାନର ରିଭୋଲ୍ୟୁସନାରି ଗାର୍ଡ (ଆଇଆରଜିସି) ଚେତାବନୀ ଦେଇଛି ।

କୋଲକାତାରେ ଯୋଗର ଭବ୍ୟ ଆୟୋଜନ

୩୫ ହଜାର ଲୋକଙ୍କ ଗହଣରେ ଯୋଗ କଲେ ପ୍ରଧାନମନ୍ତ୍ରୀ

'ଯୋଗ କେବଳ ବ୍ୟାୟାମ ନୁହେଁ, ସୁସ୍ଥ ଜୀବନର ରାସ୍ତା'

ନୂଆଦିଲ୍ଲୀ, ୨୧/୦୬; ଯୋଗ କରନ୍ତୁ ସୁସ୍ଥ ରୁହନ୍ତୁ । ଯୋଗ କରିବା ଦ୍ୱାରା ମାନସିକ ଶାନ୍ତି ସହିତ ଶାରିରୀକ ସୁସ୍ଥତା ମିଳିଥାଏ । ତେଣୁ ପ୍ରତିବର୍ଷ ଜୁନ୍ ୨୧ ତାରିଖକୁ ଅନ୍ତର୍ଜାତୀୟ ଯୋଗ ଦିବସ ଭାବେ ପାଳନ କରାଯାଏ । ଆଜି ୧୨ ତମ ଯୋଗ ଦିବସରେ ଦେଶ ଯୋଗମୟ ହୋଇଛି । ଦେଶବିଦେଶରେ ମହା ଆଡମ୍ବରରେ ପାଳନ ହୋଇଛି ଯୋଗ ଦିବସ । ଚଳିତବର୍ଷର ଥିମ୍ ରହିଛି କୋଲକାତାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିଲେ 'ସୁସ୍ଥ ଆୟୁ ପାଇଁ ଯୋଗ' । କୋଲକାତାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିଛନ୍ତି ପ୍ରଧାନମନ୍ତ୍ରୀ ମୋଦି । ରେଡ୍ ରୋଡରେ ଆୟୋଜିତ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି । ୩୫୦୦୦ ଲୋକଙ୍କ ଗହଣରେ ଯୋଗ କରିଛନ୍ତି ମୋଦି । ଗୁଜରାଟରେ ଆୟୋଜିକ କାର୍ଯ୍ୟକ୍ରମରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ଯୋଗ କରିଛନ୍ତି । ବିଶ୍ୱରେ ପ୍ରାୟ ୨୫୦୦ ସ୍ଥାନରେ ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଦେଶବ୍ୟାପୀ ୧୦୦ଟି ପ୍ରସିଦ୍ଧ ସାଂସ୍କୃତିକ ଏବଂ ଐତିହାସିକ ସ୍ଥାନରେ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ।

ଅନ୍ତର୍ଜାତୀୟ ଯୋଗ ଦିବସରେ ପ୍ରଧାନମନ୍ତ୍ରୀ ମୋଦି ବିଶ୍ୱବାସୀଙ୍କୁ ଉଦବୋଧନ ଦେଇ କହିଛନ୍ତି, ବିଶ୍ୱର ସବୁଠୁ ବଡ଼ ସାମୂହିକ ଦିବସ ଭାବେ ପାଳିତ ହେଉଛି ଯୋଗ ଦିବସ । ସାରା ବିଶ୍ୱରେ ଯୋଗର ଲୋକପ୍ରିୟତା ରହିଛି । ଯୋଗ ପାଇଁ ବୟସ ସୀମା ନାହିଁ, ସବୁ ବର୍ଗ ପାଇଁ ଏହା ଜରୁରୀ । ଯୋଗ କେବଳ ବ୍ୟାୟାମ ନୁହେଁ,

ସୁସ୍ଥ ଜୀବନର ରାସ୍ତା । ବଙ୍ଗଳା ଯୋଗର ମାଟି । ସ୍ୱାମୀ ବିବେକାନନ୍ଦ ଯୋଗ ସହ ପରିଚିତ କରାଇଥିଲେ । ଭାରତରେ, ହିମାଳୟରୁ ଭାରତ ମହାସାଗର, ଉତ୍ତର-ପୂର୍ବରେ ବଙ୍ଗଳା ଏବଂ ପୂର୍ବରେ ପଶ୍ଚିମରେ ସୌରାଷ୍ଟ୍ର ପର୍ଯ୍ୟନ୍ତ, ସମଗ୍ର ଦେଶ ଯୋଗର ଶକ୍ତିରେ ପରିପୂର୍ଣ୍ଣ, ଚେତନାପୂର୍ଣ୍ଣ ପରି ମନେହୁଏ । ସମଗ୍ର ବିଶ୍ୱ ଏବଂ ସମଗ୍ର ଦେଶ ପରସ୍ପର ସହିତ ଜଡିତ ପରି ମନେହୁଏ, ଏବଂ ଏହା ଯୋଗର ଶକ୍ତି । ଯୋଗ ସମସ୍ତଙ୍କୁ ଯୋଡେ । ଏହି ଅବସରରେ, ମୁଁ ଅନ୍ତର୍ଜାତୀୟ ଯୋଗ ଦିବସରେ ସମଗ୍ର ବିଶ୍ୱକୁ, ସମଗ୍ର ମାନବ ସମ୍ପ୍ରଦାୟକୁ ମୋର ଶୁଭକାମନା ଜଣାଉଛି । '

ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, 'ପୃଥିବୀର କିଛି ସ୍ଥାନରେ ଜୁନ୍ ୨୧ ତାରିଖ ବର୍ଷର ସବୁଠାରୁ ଲମ୍ବା ଦିନ ଏବଂ ଅନ୍ତର୍ଜାତୀୟ ଯୋଗ ଦିବସ ଯୋଗୁଁ, ଜୁନ୍ ୨୧ ବିଶ୍ୱର ସବୁଠାରୁ ବଡ଼ ସାମୁହିକ ଉତ୍ସବର ଦିନ ପାଲଟିଛି । ଯୋଗ ହେଉଛି ମାନବ ଚେତନାର ଆଲୋକ । ଆଜି ହେଉଛି ସାମୂହିକ ଉତ୍ସବର ଦିନ । ଏହି ଦିନଟି ସମସ୍ତଙ୍କୁ ଏକାଠି କରିଥାଏ । ସ୍ୱାମୀ ବିବେକାନନ୍ଦ ଆମକୁ ଯୋଗ ସହିତ ପରିଚିତ କରାଇଥିଲେ । ବିଶ୍ୱ ସଂଯୋଗ ହେଉଛି ଯୋଗର ମୌଳିକ ଆତ୍ମା । ଯେତେବେଳେ ଆମେ ସୁସ୍ଥ ବାର୍ଦ୍ଧକ୍ୟ ପାଇଁ ଯୋଗ ବିଷୟରେ କଥା ହେଉ, ଏହାର ଅର୍ଥ ହେଉଛି ଯେ, ଆମେ ଏହା ସୁନିଶ୍ଚିତ କରିପାରିବା ଯେ ବୟସ ମଣିଷର ସମ୍ଭାବନାକୁ ହ୍ରାସ ନ କରେ । ଯୋଗ ମଣିଷ ଜୀବନକୁ ନିରନ୍ତର ବିକାଶ ପାଇଁ ଆକାଂକ୍ଷା କରିବାରେ ସାହାଯ୍ୟ କରିପାରେ। ଆମର ଲକ୍ଷ୍ୟ ୨୦ ବର୍ଷ ଅପେକ୍ଷା ୪୦ ବର୍ଷରେ ଅଧିକ ନମନୀୟ ହେବା ଉଚିତ । ଆମର ଲକ୍ଷ୍ୟ ୩୦ ବର୍ଷ ଅପେକ୍ଷା ୫୦ ବର୍ଷରେ ଅଧିକ ଶକ୍ତିଶାଳୀ ହେବା ଉଚିତ୍ । ଆମର ଲକ୍ଷ୍ୟ ୫୦ ବର୍ଷ ଅପେକ୍ଷା ୭୦ ବର୍ଷରେ ଜୀବନଶୈଳୀ ରୋଗ ପ୍ରତି ଅଧିକ ପ୍ରତିରୋଧୀ ହେବା ଉଚିତ୍ । ଏହିଠାରେ ଯୋଗ ଆମକୁ ସାହାଯ୍ୟ କରିପାରିବ । ଯୋଗ ମାଧ୍ୟମରେ ବିଶ୍ୱ ଯୋଡ଼ି ହୋଇଛି । ବୟସ ବୃଦ୍ଧି ପାଇଲେ ମଧ୍ୟ ଯୁବକ ଏବଂ ସୁସ୍ଥ ରହିବାରେ ସାହାଯ୍ୟ କରେ । ଯୋଗ ମାନବ ଜୀବନକୁ ନିରନ୍ତର ବିକାଶ ଆଡ଼କୁ ଆଗେଇ ଯିବାକୁ ପ୍ରେରଣା ଦେଇଥାଏ ଯୋଗ ।

ମୁମ୍ବାଇରେ ଦ୍ରୁତ ଗତିରେ ବଢୁଛି ସ୍ୱାଇନ୍ ଫ୍ଲୁ ଏବଂ କରୋନା କେସ୍

ନୂଆଦିଲ୍ଲୀ, ୨୧।୬: ମୁମ୍ବାଇରେ ଆଜିକାଲି ଥଣ୍ଡା ଏବଂ ଓ ଜ୍ୱର ରୋଗୀଙ୍କ ସଂଖ୍ୟାରେ ଖୁବ୍ ଅଧିକ ମାତ୍ରାରେ ବୃଦ୍ଧି ହୋଇଛି । ଡାକ୍ତରଙ୍କ ପ୍ରାଇଭେଟ୍ କ୍ଲିନିକ୍‌ରେ ମଧ୍ୟ ଲୋକଙ୍କର ଲମ୍ବା ଲାଇନ୍ ଲାଗିଛି । ଡାକ୍ତରଙ୍କ କହିବା ଅନୁସାରେ, ହସ୍ପିଟାଲରେ ସ୍ୱାଇନ୍ ଫ୍ଲୁ ଓ କୋଭିଡ୍ ପାଇଁ ଓପିଡି କାଉଣ୍ଟର ତିଆରି କରାଯାଇଛି । ସେଠାକୁ ରୋଗୀ ଯିବା ଆସିବା ଆରମ୍ଭ କରିଦେଇଛନ୍ତି । ଟାଇମ୍ସ ଅଫ୍ ଇଣ୍ଡିଆର ରିପୋର୍ଟ ଅନୁସାରେ, ମୁମ୍ବାଇର ନାମୀ ବ୍ରିଚ୍ କ୍ୟାଣ୍ଡି ହସ୍ପିଟାଲର ଲ୍ୟାବ୍ରେ ପ୍ରତି ଦିନ ଅତି କମ୍‌ରେ ୭ କୋଭିଡ୍ କିମ୍ବା ସ୍ୱାଇନ୍ ଫ୍ଲୁ ମାମଲା ସାମନାକୁ ଆସୁଛି । ସାଧାରଣତଃ ଏଭଳି ରୋଗୀଙ୍କୁ ଜର ହୋଇଥାଏ । ଯେଉଁମାନଙ୍କର ଜ୍ୱର ୧୦୨ ରୁ ୧୦୩ ଫାରେନ ହାଇଟସ୍ ଭିତରେ ପହଞ୍ଚି ଯାଇଛି । ଶରୀରରେ ଦରଜ, ଛାତିରେ ଜ୍ୱଳନ ଓ ନିଶ୍ୱାସ ନେବାରେ ସମସ୍ୟା ଭଳି ଲକ୍ଷଣ ଦେଖିବାକୁ ମିଳିଥାଏ । ଫର୍ଟିସ ହସ୍ପିଟାଲର ଡାକ୍ତରଙ୍କ କହିବା ଅନୁସାରେ, ଆଜିକାଲି ଷ୍ଟୋମାକ୍ ଫ୍ଲୁ ମାମଲା ମଧ୍ୟ ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି । ବିଏମସି ହେଲଥ୍ ଅଫିସର ଡକ୍ଟର ଦକ୍ଷ ଶାହଙ୍କ କହିବା ଅନୁସାରେ, ପାଣିପାଗରେ ପରିବର୍ତ୍ତନ କାରଣରୁ ରୋଗ ବଢ଼ୁଛି । ମୌସୁମୀରେ ବିଳମ୍ବ ହେବା କାରଣରୁ ଆଦ୍ରତା ବଢ଼ିବାରେ ଲାଗିଛି । ଏଭଳି ସ୍ଥିତିରେ ଭାଇରସ୍ ମଧ୍ୟ ବାୟୁରେ ଅଧିକ ସମୟ ପର୍ଯ୍ୟନ୍ତ ଜୀବିତ ରହିଥାଏ । ସ୍ୱାସ୍ଥ୍ୟ ଅଧିକାରୀଙ୍କ କହିବା ଅନୁସାରେ, ଯେତେବେଳେ ବର୍ଷା ଆରମ୍ଭ ହେବ ସେତେବେଳେ ଏଭଳି ସମସ୍ୟା କମ୍ ହେବାରେ ଲାଗିଥାଏ । ଏହି ଦିନରେ ଗର୍ଭବତୀ ମହିଳା, ଶିଶୁ ଏବଂ ବୟସ୍କଙ୍କୁ ଅଧିକ ସତର୍କ ହେବାକୁ ପଡିବ ।

ସୁସ୍ଥ ଓ ଚାପମୁକ୍ତ ଜୀବନ ପାଇଁ ନିୟମିତ ଯୋଗାଭ୍ୟାସ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର, ୨୧।୬(ନି.ପ୍ର.): ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମଠାରେ ଆଜି ଅନ୍ତର୍ଜାତୀୟ ଯୋଗ ଦିବସ-୨୦୨୬ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଯୋଗକୁ ଶାରୀରିକ, ବୌଦ୍ଧିକ ଓ ଆଧ୍ୟାତ୍ମିକତାର ଏକ ଅପୂର୍ବ ସଙ୍ଗମ ଭାବେ ଅଭିହିତ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଯୋଗ କୌଣସି ନିର୍ଦ୍ଦିଷ୍ଟ ଧର୍ମ ମଧ୍ୟରେ ସୀମିତ ନୁହେଁ, ବରଂ ମାନବ ଚେତନାର ବିକାଶ ପାଇଁ ଏକ ବିଶ୍ୱବ୍ୟାପୀ ଅମୂଲ୍ୟ ଉପହାର । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ଯୋଗୁଁ ଆଜି ଯୋଗ ବିଶ୍ୱ ସ୍ତରରେ ସ୍ୱୀକୃତି ଲାଭ କରି ଭାରତର ସାଂସ୍କୃତିକ ଗୌରବକୁ ପ୍ରତିଷ୍ଠିତ କରିଛି ବୋଲି ସେ ପ୍ରକାଶ କରିଛନ୍ତି ।

ଚଳିତ ବର୍ଷ ଯୋଗ ଦିବସର ବିଷୟବସ୍ତୁ 'ନିରୋଗ ଓ ସୁସ୍ଥ ଜୀବନ ପାଇଁ ଯୋଗ' । ଏହା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବୟସ ବଢ଼ିବା ସହିତ ଶରୀରରେ ଦେଖାଦେଉଥିବା ବିଭିନ୍ନ ଶାରୀରିକ ଓ ମାନସିକ ଆହ୍ୱାନ, ଯେପରିକି ଉଚ୍ଚ ରକ୍ତଚାପ, ମଧୁମେହ, ଚିନ୍ତା ଓ ଏକାକୀପଣର ସହଜ ସମାଧାନ ଯୋଗ ଏବଂ ପ୍ରାଣାୟାମ ମାଧ୍ୟମରେ ସମ୍ଭବ । ରାଜ୍ୟର ବୟୋଜ୍ୟେଷ୍ଠ ନାଗରିକମାନଙ୍କ ସୁସ୍ଥତା ସମାଜ ପାଇଁ ଏକ ଅମୂଲ୍ୟ ସମ୍ପଦ ବୋଲି ସେ ମତବ୍ୟକ୍ତ କରିଛନ୍ତି । ସେହିପରି ଆଜିର ଡିଜିଟାଲ ଯୁଗରେ ମୋବାଇଲ ଓ ସୋସିଆଲ ମିଡିଆରେ ବ୍ୟସ୍ତ ରହୁଥିବା ଯୁବପିଢ଼ିଙ୍କୁ

ମାନସିକ ଚାପମୁକ୍ତ ରହିବା ପାଇଁ ପ୍ରତିଦିନ ଅତିକମରେ ୨୦ ରୁ ୩୦ ମିନିଟ୍ ଯୋଗ କରିବାକୁ ସେ ପରାମର୍ଶ ଦେଇଛନ୍ତି । ରାଜ୍ୟରେ ସ୍ୱାସ୍ଥ୍ୟ ସେବା ଏବଂ ପ୍ରାଚୀନ ଚିକିତ୍ସା ପଦ୍ଧତିର ବିକାଶ ପାଇଁ ସରକାରଙ୍କ ପ୍ରତିବଦ୍ଧତା ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ଯେ, ଆୟୁଷ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଗଜପତି, ମାଲକାନଗିରି ଏବଂ ରାୟଗଡ଼ା ଜିଲ୍ଲାରେ ୩ଟି ନୂଆ ଆୟୁର୍ବେଦିକ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବ । ଜଟଣିର ବିଂଝଗିରିଠାରେ ୨୦ ଏକର ପରିମିତ ଅଞ୍ଚଳରେ ଏକ ଅତ୍ୟାଧୁନିକ ଯୋଗ ଓ ନେଚୁରୋପାଥି ଅନୁଷ୍ଠାନ ନିର୍ମାଣ ଚାଲିଥିବା ବେଳେ, ରାଇରଙ୍ଗପୁରଠାରେ କେନ୍ଦ୍ରୀୟ ଆୟୁର୍ବେଦିକ ମେଡିକାଲ କଲେଜର ଶିଳାନ୍ୟାସ କରାଯାଇଛି । ସରକାର ଯୋଗକୁ ବିଦ୍ୟାଳୟ ପାଠ୍ୟକ୍ରମ ଓ ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ସାମିଲ କରିବା ପାଇଁ ପଦକ୍ଷେପ ନେଉଥିବା ସେ ସୂଚନା ଦେଇଛନ୍ତି ।

ଏଠାରେ ସୂଚନାଯୋଗ୍ୟ ଯେ କଳିକତାରୁ ପ୍ରସାରିତ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ଲାଇଭ୍ ଯୋଗ କାର୍ଯ୍ୟକ୍ରମରେ ଭର୍ଚ୍ଚୁଆଲ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ସାମିଲ ହୋଇଥିଲେ । ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ ପରେ ମୁଖ୍ୟମନ୍ତ୍ରୀ ନିଜେ ଷ୍ଟାଡିୟମରେ ଉପସ୍ଥିତ ସମସ୍ତ ବରିଷ୍ଠ ଅଧିକାରୀ, ଛାତ୍ରଛାତ୍ରୀ ଏବଂ ଯୋଗ ପ୍ରେମୀମାନଙ୍କ ଗହଣରେ ବସି ସାମୂହିକ ଭାବେ ପ୍ରତ୍ୟକ୍ଷ ଯୋଗାଭ୍ୟାସ କରିଥିଲେ । ଯୋଗ ମହୋତ୍ସବ ସମିତି ତରଫରୁ କାର୍ଯ୍ୟକ୍ରମକୁ ଶ୍ରୀଯୁକ୍ତ ଆଲୋକ ଦାସ ଏବଂ ସତ୍ୟ ଶୋଭନ ମିଶ୍ର ପରିଚାଳନା କରୁଥିଲେ ।

ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡିକେ ସିଂ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ଶାସନ ସଚିବ ଭୂପିନ୍ଦର ସିଂ ପୁନିଆ ଙ୍କ ସମେତ ଅନେକ ବରିଷ୍ଠ ଅଧିକାରୀ, କ୍ରୀଡ଼ାବିତ୍, ଓ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

କଲ୍ୟାଣସିଂହପୁର ଭିଡ ହିଂସା ମାମଲା ହେଲା ରେଡ୍ ଫ୍ଲାଗ୍

ରାୟଗଡ଼ା, ୨୧।୬(ନି.ପ୍ର.): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ଠାରେ ପିଲାଚୋରି ସନ୍ଦେହରେ ଘଟିଥିବା ଭିଡ଼ ହିଂସା ଘଟଣାର ଗୁରୁତ୍ୱ ଏବଂ ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି ରାଜ୍ୟ ପୋଲିସ ଡିଜି ଏହି ମାମଲାକୁ ତୁରନ୍ତ 'ରେଡ୍ ଫ୍ଲାଗ୍' ଅନ୍ତର୍ଭୁକ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ଏହାର ମନିଟରିଂ ଦାୟିତ୍ୱ 'କ୍ରାଇମ୍ ଆଗେନ୍ଷ୍ଟ ଉଇମେନ୍' ଶାଖାକୁ ପ୍ରଦାନ କରିଛନ୍ତି । ଏଡିଜି ସିଏଡବ୍ଲ୍ୟୁ ଏସ୍. ସାଇନିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ରାୟଗଡ଼ା ଗସ୍ତ କରିବେ । ଆବଶ୍ୟକ ପଡ଼ିଲେ ତଦନ୍ତ ପାଇଁ ଏହି ଟିମ୍ ଦିଲ୍ଲୀ ମଧ୍ୟ ଯାଇପାରେ । ବର୍ତ୍ତମାନ ସୁଦ୍ଧା ଏହି ମାମଲାରେ ମୋଟ ୨୩ ଜଣଙ୍କୁ ଗିରଫ କରାଯାଇଛି । ଭାଇରାଲ୍ ଭିଡିଓ ଆଧାରରେ ଅନ୍ୟ ସମ୍ପୃକ୍ତ ଲୋକଙ୍କୁ

ଚିହ୍ନଟ କରାଯାଉଥିବାରୁ ଆଗକୁ ଗିରଫଦାରୀ ସଂଖ୍ୟା ଆହୁରି ବଢ଼ିବ । ଯେଉଁମାନେ ଘଟଣାର ଭିଡିଓ ଉତ୍ତୋଳନ କରି ସୋସିଆଲ୍ ମିଡିଆରେ ଭାଇରାଲ୍ କରିଛନ୍ତି, ସେମାନଙ୍କ ବିରୋଧରେ ଆଇଟି ଆକ୍ଟ ବଳରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଦକ୍ଷିଣ-ପୂର୍ବାଞ୍ଚଳ ଡିଆଇଜି ଅଖିଳେଶ୍ୱର ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଦନ୍ତ ଜାରି ରହିଛି ।

ଚିଙ୍ଗୁଡ଼ି କାରଖାନାରେ ଗ୍ୟାସ୍ ଲିକ୍ କାରଣରୁ ୭ ଶ୍ରମିକଙ୍କ ମୃତ୍ୟୁ

ଚେନ୍ନାଇ: ତାମିଲନାଡୁର ତିରୁଭାଲୁର ଜିଲ୍ଲାରୁ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି । ଜିଲ୍ଲାର ପେରିୟାପାଲାୟମ୍ ନିକଟରେ ଥିବା ଏକ ବେସରକାରୀ ସାମୁଦ୍ରିକ ଖାଦ୍ୟ (ସୀ-ଫୁଡ୍) ପ୍ରକ୍ରିୟାକରଣ କାରଖାନାରେ ହଠାତ୍ ଆମୋନିଆ ଗ୍ୟାସ୍ ଲିକ୍ ହେବା ଯୋଗୁଁ ୭ ଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଛି । ଏହି ବିଷାକ୍ତ ଗ୍ୟାସ୍ ସଂସ୍ପର୍ଶରେ ଆସି ଶତାଧିକ ଶ୍ରମିକ ଅସୁସ୍ଥ ହୋଇ ପଡ଼ିଥିବା ବେଳେ ସେମାନଙ୍କୁ ଜରୁରୀକାଳୀନ ଚିକିତ୍ସା ପାଇଁ ନିକଟସ୍ଥ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।

ତେବେ କାରଖାନାରେ ୩୦୦ରୁ ଅଧିକ ଶ୍ରମିକ କାମ କରୁଥିବା ବେଳେ ଦୁର୍ଘଟଣା ସମୟରେ ୧୦୦ ରୁ ଅଧିକ ଶ୍ରମିକ କାର୍ଯ୍ୟରତ ଥିଲେ । ଗ୍ୟାସ୍ ଲିକ୍ ହେବା ମାତ୍ରେ ସେଠାରେ ଶ୍ରମିକମାନେ ନିଶ୍ୱାସ ପ୍ରଶ୍ୱାସ ନେବାରେ ପ୍ରବଳ କଷ୍ଟ ଅନୁଭବ କରିଥିଲେ । ରିପୋର୍ଟ ଅନୁଯାୟୀ, ୭୦ ରୁ ଅଧିକ ଶ୍ରମିକ ଗୁରୁତର ଭାବେ ଶ୍ୱାସକ୍ରିୟା ଜନିତ ସମସ୍ୟାର ସମ୍ମୁଖୀନ ହୋଇଥିବା ବେଳେ କେତେକଙ୍କ ନାକ ଓ ପାଟିରୁ ରକ୍ତସ୍ରାବ ହୋଇ ସେମାନେ ଚେତାଶୂନ୍ୟ ହୋଇପଡ଼ିଥିଲେ । ଖବର ପାଇ ପୋଲିସ

ଓ ଅଗ୍ନିଶମ ବାହିନୀ ସେଠାରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିବା ସହ ଅସୁସ୍ଥ ଶ୍ରମିକମାନଙ୍କୁ ବେସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ । ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ୭ ଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଛି । ଏହା ସହିତ ଅନ୍ୟ ୧୦ ଜଣଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ଚେନ୍ନାଇର ଷ୍ଟାନଲେ ମେଡିକାଲ କଲେଜ ହସ୍ପିଟାଲର ଆଇସିୟୁରେ ଭର୍ତ୍ତି କରାଯାଇଛି । ତିରୁଭାଲୁର ଜିଲ୍ଲାପାଳ କବିତା କାରଖାନା ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିବା ସହ ହସ୍ପିଟାଲରେ ଆହତମାନଙ୍କୁ ଭେଟି ଚିକିତ୍ସା ବ୍ୟବସ୍ଥାର ତଦାରଖ କରିଛନ୍ତି । ପ୍ରଶାସନ ପକ୍ଷରୁ ଏହି ଗ୍ୟାସ୍ ଲିକର ପ୍ରକୃତ କାରଣ ଜାଣିବା ପାଇଁ ଏକ ବିଧିବଦ୍ଧ ତଦନ୍ତ ଆରମ୍ଭ କରାଯାଇଛି ।

ଡାହୁକ



ଯେମିତି ବଢୁଚି ବେକାରୀ ସମସ୍ୟା
ନିଯୁକ୍ତି ମିଳିବା କଷ୍ଟ
ପ୍ରଧାନମନ୍ତ୍ରୀଙ୍କ କଥା ଅନୁସାରେ
ପକୁଡି ଛାଣିବା ସ୍ପଷ୍ଟ
ପାଠ କିଏ କାହିଁ ପଢ଼ିବ
ବାପାଙ୍କ ଟଙ୍କାକୁ ସାରିବ
ସେଟଙ୍କା ସଂଚୟ କରି ରଖି ଥିଲେ
ବେସନ ପିଆଜ କିଣିବ

-ବିଧୁ

୧୧୦୦ କୋଟି ଟପିଲା ମହାପ୍ରଭୁଙ୍କ ଶ୍ରୀଜଗନ୍ନାଥ ବ୍ୟାଙ୍କ ଜମା

ପୁରୀ, ୨୧।୬: ୧୧୦୦ କୋଟି ଟପିଲା ମହାପ୍ରଭୁଙ୍କ ଶ୍ରୀଜଗନ୍ନାଥ ବ୍ୟାଙ୍କ ଜମା । ଏହି ଜମା ଉପରେ ବାର୍ଷିକ ୭% ସୁଧ ହିସାବ କଲେ ଏହା ୭୭ କୋଟି ଟପିବ । ଦିନକୁ ସୁଧର ପରିମାଣ ହିସାବ କଲେ ଏହି ଜମାରୁ ୨୧ ଲକ୍ଷ ଟଙ୍କା ଏବଂ ମାସିକ ୬ କୋଟିରୁ ଅଧିକ ଟଙ୍କା ସୁଧ ମିଳୁଛି । ଶ୍ରୀମନ୍ଦିର ପ୍ରଶାସନ ଏବେ ପ୍ରାୟ ୭ଟି ଜାତୀୟ ବ୍ୟାଙ୍କରେ ମହାପ୍ରଭୁଙ୍କ ନାମରେ ଦାନ ପାଣ୍ଠି ଅଛି । ଚଳିତ ମାସରେ ବ୍ୟାଙ୍କ ଅଫ୍ ବରୋଦାରେ ୩୭କୋଟି ୮୭ ଲକ୍ଷ ଟଙ୍କା ଶ୍ରୀମନ୍ଦିର ଫଣ୍ଡ ଜମା ହୋଇଛି । ଏହି ଟଙ୍କାକୁ ୭.୬୫% ସୁଧ ହାରରେ ଜମା କରାଯାଇଛି ।

ଚଳିତ ମାସରେ ଦୁଇଟି ଜାତୀୟ ବ୍ୟାଙ୍କ ବ୍ୟାଙ୍କ ଅଫ୍ ବରୋଦା ଓ ୟୁନିୟନ ବ୍ୟାଙ୍କରୁ ଉକ୍ତ ୩୭.୬୭ କୋଟି ଟଙ୍କା ମାଚ୍ୟୁରିଟି ପାଇଥିଲା । ପରେ ଚଳିତ ମାସ ଆୟ ଫଣ୍ଡକୁ ମିଶାଇ ମୋଟ ୩୭.୮୭ କୋଟି ବ୍ୟାଙ୍କ୍ ଅଫ୍ ବରୋଦାରେ ରଖାଯାଇଛି । ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଓ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କ ଉପସ୍ଥିତିରେ ଏହି ଶ୍ରୀମନ୍ଦିର ଫଣ୍ଡକୁ ବ୍ୟାଙ୍କ୍ ଅଫ ବରୋଦାକୁ ଅଧିକ ସୁଧ ପ୍ରଦାନ ବିଡିଂ ଆଧାରରେ ଦିଆଯାଇଛି । ଚଳିତ ମାସରେ ହୁଣ୍ଡି ଆୟ ଆଶାନୁରୂପ ଭାବରେ ବଢ଼ିଛି । ଗତ ସପ୍ତାହକର ଡାଟା ଦେଖିଲେ ଜୁନ୍ ୧୨ ତାରିଖରୁ ୧୯ ତାରିଖ ଭିତରେ କେବଳ ହୁଣ୍ଡିରୁ ୫୩ ଲକ୍ଷ ୪୭ ହଜାର ୯୭୬ ଟଙ୍କା ଆଦାୟ ହୋଇଛି । ଯେଉଁଥିରେ କେବଳ ଜୁନ୍ ୧୨ ତାରିଖରେ



୧୨ ଲକ୍ଷ ୬୫ ହଜାର ୭୬୯ ଟଙ୍କା ରହିଛି । ଏହାବାଦ୍ ଅନ୍‌ଲାଇନ୍ ଦାନ ଓ ରସିଦ୍ ଦାନ ମଧ୍ୟ ଲୋକେ ବିପୁଳ ପରିମାଣରେ ଦେଉଛନ୍ତି ।

ଭକ୍ତମାନଙ୍କ ସୂତ୍ରରୁ ବିପୁଳ ଦାନ ମିଳୁଥିଲେ ମଧ୍ୟ ସେମାନଙ୍କ ନିମନ୍ତେ ଶ୍ରୀମନ୍ଦିର ଭିତର କିମ୍ବା ବାହାରେ ପ୍ରଶାସନ ପର୍ଯ୍ୟାପ୍ତ ମୌଳିକ ସୁବିଧା କରିପାରୁନାହିଁ । ଶ୍ରୀମନ୍ଦିର ପ୍ରଶାସନ ତିନିଟି ପାଙ୍ଗରି ଜମା ବ୍ୟବସ୍ଥା କରିଛି । କର୍ପସ ଫଣ୍ଡ, ଶ୍ରୀମନ୍ଦିର ଫଣ୍ଡ, ଫାଉଣ୍ଡେସନ ଫଣ୍ଡ ନାମରେ ଏହି ତିନିଟି ଫଣ୍ଡ ରହିଛି । ଏହା ଭିନ୍ନଭିନ୍ନ କାମରେ ପ୍ରଶାସନ ବ୍ୟବହାର କରୁଛି । ସରକାରୀ ତଥ୍ୟ ମୁତାବକ, ୨୦୨୧-୨୨ରେ ହୁଣ୍ଡିରୁ ୮ କୋଟି ୨୩ ଲକ୍ଷ ୧୩ ହଜାର ୧୨୭ ଟଙ୍କା, ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ୬ କୋଟି ୮୩ ଲକ୍ଷ ୩୧ ହଜାର ୯୬୧ ଟଙ୍କା ଓ ଅନ୍ୟାନ୍ୟ ସୂତ୍ରରୁ ୨ କୋଟି ୨୫ ଲକ୍ଷ ୩୧ ହଜାର ୯୪୭ ଟଙ୍କା ମିଳିଥିଲା । ସେହିପରି ୨୦୨୨- ୨୩ରେ ହୁଣ୍ଡିରୁ ୧୫ କୋଟି ୪୬ ଲକ୍ଷ ୧୭ ହଜାର ୧୫୨, ବ୍ୟାଙ୍କ ଆକାଉଣ୍ଟରୁ ୩୦ କୋଟି ୭୨ ଲକ୍ଷ ୨୭ ହଜାର ୨୧୬ ଓ ଅନ୍ୟାନ୍ୟ ସୂତ୍ରରୁ ୪ କୋଟି ୬୨ ଲକ୍ଷ ୩୪୩ ଟଙ୍କା ମିଳିଥିଲା ।୨୦୨୩-୨୪ରେ ହୁଣ୍ଡିରୁ ୧୬ କୋଟି ୯୨ ଲକ୍ଷ ୩୬ ହଜାର ୯୪୭, ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ୨୨ କୋଟି ୨୪ ଲକ୍ଷ ୩୯ ହଜାର ୯୧୮ ଓ ଅନ୍ୟାନ୍ୟ ସୂତ୍ରରୁ ୮ କୋଟି ୭୩ ଲକ୍ଷ ୫୭ ହଜାର ୭୦୧ ଟଙ୍କା ଦାନ ରାଶି ମିଳିଥିଲା ।

ଶ୍ରୀମନ୍ଦିର ଭିତରୁ ଧରାପଡିଲେ ଫେକ୍ ଆର୍ମି ଅଫିସର

ପୁରୀ: ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ଉଠିଲା ପ୍ରଶ୍ନବାଚୀ । ଦଲାଲଙ୍କ ପରେ ମନ୍ଦିର ଭିତରୁ ଧରା ପଡ଼ିଲେ ଫେକ୍ ଆର୍ମି ଅଫିସର । ନିଜକୁ ଆର୍ମି ଅଫିସରର ପରିଚୟ ଦେଇ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରୁଥିଲେ । ତେବେ ଏହି ବ୍ୟକ୍ତିଙ୍କୁ କାବୁ କରିଛି ଏନଫୋର୍ସମେଣ୍ଟ ସ୍କ୍ୱାଡ୍ । ଯୁବକ ଜଣକ ହିନ୍ଦୀରେ କଥା ହେଉଥିବା ବେଳେ ରାଜସ୍ଥାନର ହୋଇଥିବା ଜଣାପଡିଛି । କାନ୍ଧରେ ଅଶୋକ ସ୍ତମ୍ଭ ଥିବା ଆର୍ମି ପୋଷାକ ପିନ୍ଧି ମନ୍ଦିର ଭିତରକୁ ପ୍ରବେଶ କରିଥିଲେ । ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ସିଂହଦ୍ୱାର ଥାନା ପୋଲିସ ଅଟକ ରଖି ପଚରାଉଚରା କରୁଛି । କହି ରଖୁଛୁ କି, ରବିବାର ସକାଳେ ଜଣେ ଦଲାଲକୁ ଧରିଛନ୍ତି ସେବାୟତ । ଧରାପଡ଼ିଥିବା ଯୁବକ ଜଣକ ହେଲେ ଓମ୍ ପ୍ରକାଶ ପାଣି । ତାଙ୍କ ମାଆ ଜଣେ ହୋମଗାର୍ଡ ହୋଇଥିବାବେଳେ ସେ ଦଲାଲ । ପୁରୀ ଶ୍ରୀମନ୍ଦିରକୁ ପ୍ରତିଦିନ ହଜାର ହଜାର ଭକ୍ତ ଆସୁଥିବା ବେଳେ ଭିଆଇପି ଦର୍ଶନ ନାଁରେ ଦଲାଲ୍ ମାନେ ଭକ୍ତଙ୍କୁ ଶୋଷଣ କରୁଛନ୍ତି । ଖବର ପ୍ରସାରଣ ପରେ ୧୩ ଜଣ ଗିରଫ ହେଲେଣି । ଆଉ ଏବେ ଫେକ୍ ଆର୍ମି ଅଫିସରଙ୍କୁ ଧରାଯାଇଛି ।

ସୁସ୍ଥ ଶରୀର ଓ ସୁସ୍ଥ ମନ ପାଇଁ ଯୋଗର ବାର୍ତ୍ତା
କୋଇଡାରେ ପାଳିତ ହେଲା ଆନ୍ତର୍ଜାତୀୟ ଯୋଗ ଦିବସ

କୋଇଡା, ୨୧।୬:(ମନ୍ଥନ) ଆନ୍ତର୍ଜାତୀୟ ଯୋଗ ଦିବସ ଅବସରରେ କୋଇଡା +୨ କଲେଜ ହଲ୍ ପରିସରରେ ଏକ ସାମୂହିକ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି । ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ କୁ ଆଧାର କରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ ପ୍ରଶାସନ, ଶିକ୍ଷାନୁଷ୍ଠାନ ର ଛାତ୍ର ଛାତ୍ରୀ ଓ ସ୍ଥାନୀୟ ଜନସାଧାରଣ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ କୋଇଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିରେଖା ପାତ୍ର, ସାଂସଦ ପ୍ରତିନିଧି ଚେତନଦୀପ୍ତ ନାୟକ, କୋଇଡା +୨ କଲେଜର ଅଧ୍ୟାପକ ପ୍ରଦୀପ୍ତ କୁମାର ପଟ୍ଟନାୟକ , ଓଡ଼ିଆ ବିଭାଗ ର ଅଧ୍ୟାପକ ଧନଞ୍ଜୟ ସାହୁ ଙ୍କ ସମେତ ବ୍ଲକର ସମସ୍ତ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହିଥିଲେ । ଯୋଗ ପ୍ରଶିକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ଶିବିରରେ ଉପସ୍ଥିତ ଥିବା ଯୋଗ ଶିକ୍ଷାର୍ଥୀ ମାନେ ବିଭିନ୍ନ ଯୋଗାସନ, ପ୍ରାଣାୟାମ ଓ ଧ୍ୟାନ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିଲେ ।ଏହି ଅବସରରେ ସାଂସଦ ପ୍ରତିନିଧି ଚେତନ ଦୀପ୍ତ ନାୟକ ଯୋଗର ଉପକାରିତା ସମ୍ପର୍କରେ ଆଲୋକପାତ କରି କହିଥିଲେ ଯେ, ନିୟମିତ ଯୋଗାଭ୍ୟାସ ଶାରୀରିକ ସୁସ୍ଥତା, ମାନସିକ ସନ୍ତୁଳନ ଓ ଜୀବନଶୈଳୀର ଉନ୍ନତିରେ ସହାୟକ ହୋଇଥାଏ । ଆଜିର ବ୍ୟସ୍ତ ଜୀବନରେ ଯୋଗ ହେଉଛି ସୁସ୍ଥ ଜୀବନର ଏକ ପ୍ରଭାବଶାଳୀ ମାଧ୍ୟମ।ସମସ୍ତଙ୍କ ସକ୍ରିୟ ସହଯୋଗ ଓ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ଯୋଗୁଁ କାର୍ଯ୍ୟକ୍ରମଟି ସଫଳତାର ସହ ସମ୍ପନ୍ନ ହୋଇଥିବାରୁ ସାଂସଦ ପ୍ରତିନିଧି ସମସ୍ତଙ୍କୁ ସାଧୁବାଦ ଜଣେଇଥିଲେ । ପରିଶେଷରେ J2 କଲେଜ ର ଅଧ୍ୟାପକ ପ୍ରଦୀପ୍ତ କୁମାର ପଟ୍ଟନାୟକ ଉପସ୍ଥିତ ସମସ୍ତ ଅତିଥି ଓ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଜ୍ଞାପନ କରିବା ସହ ଯୋଗ ଦିବସ ର ସମାପନ ହୋଇଥିଲା ।

ଅଗ୍ରୱାଲା କମ୍ପାନୀ ର ୫୩ନମ୍ବର ଜାତୀୟ ରାଜପଥ ଭୁଲ ସର୍ଭେ ଯୋଗୁ ବର୍ଷା ଦିନେ ୫୦୦୦ ଲୋକ ଜଳ ବନ୍ଦୀ

ବାଲିଚନ୍ଦ୍ରପୁର, ୨୧।୬:(ମନ୍ଥନ) ୫୩ ନମ୍ବର ଜାତୀୟ ରାଜପଥର ପତରାଜପୁର ଠାରେ ଗଳି ପୋଲ ଓ ଜଳ ନିଷ୍କାସନ ସୁବିଧା ଦାବି ନେଇ ଆଜି ପତରାଜପୁର ନାଗରିକ ମଞ୍ଚ ର ସଭାପତି ତଥା ସମିତି ସଭ୍ୟ କୁଳମଣି ବାରିକଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଜାତୀୟ ରାଜପଥର ପତରାଜପୁର ଠାରେ ଦୀର୍ଘ ସମୟ ଧରି ଗଣଧାରଣାରେ ବସିଥିବା ଦେଖିବାକୁ ମିଳିଥିଲା ଫ ଆଜିର ଏହି ଗଣ ଧାରଣାରେ ବିନୋଦ କୁମାର ନାୟକ, ସିପକ କୁମାର ସ୍ୱାଇଁ, ନିରୋଦ ଚନ୍ଦ୍ର ସେନାପତି, ନିର୍ମଳ କୁମାର ସାମଲ, ରମେଶ ଚନ୍ଦ୍ର ବାରିକ, ନାରାୟଣ ଚନ୍ଦ୍ର ଦାସ, ନିରଞ୍ଜନ ବଳ, ହେମନ୍ତ କୁମାର ରେଙ୍ଗଲା, ପ୍ରତାପ ସେନାପତି, ପ୍ରକାଶ ଚନ୍ଦ୍ର ବାରିକ, ସେକ ଗୋରା ଓ ଚିତ୍ତ ରଞ୍ଜନ ବାରିକଙ୍କ ବହୁ ସଂଖ୍ୟକ ଚାଷୀ ସାମିଲ ହୋଇଥିଲେ । ସୂଚନା ମୁତାବକ ଏହି ଜାତୀୟ ରାଜପଥ ୮ ଲେନ ସମ୍ପ୍ରସାରଣର ନିର୍ମାଣ କାର୍ଯ୍ୟ ଏବେ ଶେଷ ହେବାକୁ ବସିଛି । ତେବେ ଏହି ରାଜପଥର ଦକ୍ଷିଣ ପାର୍ଶ୍ୱରୁ ଉତ୍ତର ପାର୍ଶ୍ୱକୁ ଯାତାୟତ ପାଇଁ କୌଣସି ସୁବିଧା ନଥିବାରୁ ଉତ୍ତର ପାର୍ଶ୍ୱରେ ଥିବା ଚାଷୀ ମାନଙ୍କର ଚାଷ ଜମିକୁ ଯିବା ପାଇଁ ସମସ୍ୟା ସୃଷ୍ଟି ହେଉଛି । ଉଭୟ ପାର୍ଶ୍ୱ ରେ ଜଳ ନିଷ୍କାସନ ପାଇଁ କୌଣସି ସୁବିଧା ନକରାଯାଇ ୮ଲେନ ରାସ୍ତା ନିର୍ମାଣ କରାଯିବା ଦ୍ୱାରା ବର୍ଷା ଦିନେ ଜଳ ନିଷ୍କାସନ ହୋଇ ନପାରିବାରୁ ଜାତୀୟ ରାଜପଥ ର ଉଭୟ ପାର୍ଶ୍ୱ ରେ ଥିବା ପାଞ୍ଚ ସହ ଏକରରୁ ଅଧିକ ଚାଷ ଜମିରେ ୩ରୁ ୪ ଫୁଟ ର ପାଣି ଜମି ରହୁଥିବାରୁ ୨ବର୍ଷ ହେବ ଧାନ ଫସଲ ଭଲରେ ହୋଇ ପାରୁନାହିଁ । ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀ ଙ୍କ ଖାମ ଖିଆଲି ମନୋଭାବ ପାଇଁ ୮ଲେନ ବିଶିଷ୍ଟ ରାସ୍ତା ପାରି ହୋଇ ଚାଷ ଜମି କୁ ଯିବା ପାଇଁ କୌଣସି ସୁବିଧା ନ ଥିବା ହେତୁ ପତରାଜପୁର ଚାଷୀ ମାନେ ଦୁଇ କିଲୋମିଟର ଦୂର ନଳିପୁର ଗଳି ପୋଲ ବାଟେ ୟୁ ଟର୍ନ ଦେଇ ନିଜ ନିଜ ଜମିକୁ ଟ୍ରାକ୍ଟର, ହଳ ଲଙ୍ଗଳ ନେବା ପାଇଁ ବାଧ ହେଉଛନ୍ତି । ଡ୍ରେନେଜ ସୁବିଧା ନଥିବାରୁ ଘର ଭିତରେ ପାଣି ପଶି ଲୋକ ମାନଂକର ବହୁ ଧନଜୀବନ କ୍ଷତି ହେଉଅଛି । ସେହିପରି ପତରାଜପୁର ପଞ୍ଚାୟତର ସିଂହ ସାହି,ପରମାଣିକ ସାହି ସହିତ ଓ ଆମ୍ବସୌରୀ ଗ୍ରାମର ଦଳିତ ସାହି ଓ ନାୟକ ସାହିର ଜନ ସାଧାରଣ ଓ ଛାତ୍ରଛାତ୍ରୀ ମାନେ ଜାତୀୟ ରାଜପଥ ଅତିକ୍ରମ କରି ଦକ୍ଷିଣ ପାର୍ଶ୍ୱରେ ଥିବା ବାଲିଚନ୍ଦ୍ରପୁର ବଜାର ଓ ବିଭିନ୍ନ ବିଦ୍ୟାଳୟକୁ ଆସିବା ପାଇଁ ସମସ୍ୟା ସୃଷ୍ଟି ହେଉଛି । ଏହାର ପ୍ରତିକାର ପାଇଁ ପତରାଜପୁରନାଗରିକ ମଞ୍ଚ ପକ୍ଷରୁ ୨୦୨୫ ମସିହା ଏପ୍ରିଲ ୪ ତାରିଖରେ ପ୍ରଥମ ଗଣଧାରଣା ହୋଇଥିଲା, ସେହିସମୟରେ ଥିବା ଜାତୀୟ ରାଜପଥ ପ୍ରକଳ୍ପ ଅଧିକାରୀ ଜେ ପି ବର୍ମା ଘଟଣା ସ୍ଥଳରେ ପହଁଚି ଆନ୍ଦୋଳନ କାରୀଙ୍କୁ ଖୁବ ଶୀଘ୍ର ଗଳିପୋଲ ନିର୍ମାଣ କରାଯିବ ଓ ଜଳ ନିଷ୍କାସନ କରାଯିବା ପାଇଁ ଧାରଣାରେ ବସିଥିବା ଚାଷୀ ମାନଂକୁ ପ୍ରତିଶୃତି ଦେବା ଦ୍ୱାରା ଚାଷୀ ମାନେ ବିଶ୍ୱାସ କରି ଧାରଣା ପ୍ରତ୍ୟାହୃତ କରିଥିଲେ । ଚାଷୀ ମାନଙ୍କ ଦାବି ଗୁଡିକ ଯଥାର୍ଥ ବୋଲି ଅନୁଭବ କରି ସ୍ଥାନୀୟ ବିଧାୟକ ଅମର କୁମାର ନାୟକ, ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର, ଦର୍ପଣ ତହସିଲଦାର ମାନସ କୁମାର ତ୍ରିପାଠୀ, ବଡ଼ଚଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ପ୍ରଧାନ,ଜାତୀୟ ରାଜପଥ ର ପ୍ରକଳ୍ପ ନିର୍ଦ୍ଦେଶକ ଜେ ପି ବର୍ମା ଏବଂ ଚଣ୍ଡିଖୋଲ ଜଳ ସେଚନ ଓ ଡ୍ରେନେଜ ବିଭାଗର ଅଧିକାରୀ ମାନେ ଅନୁଧ୍ୟାନ କରି ଖୁବ ଶୀଘ୍ର ଜଳ ନିଷ୍କାସନ ର ବ୍ୟବସ୍ଥା ବର୍ଷା ଦିନ ପୂର୍ବରୁ କରାଯିବ ବୋଲି ଚାଷୀ ମାନଂକୁ ସୂଚନା ଦେଇଥିଲେ । ଦୀର୍ଘ ଏକ ମାସ ବିତିଯାଇଥିଲେ ମଧ ବର୍ଷା ଦିନ ପୂର୍ବ ରୁ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନଥିବାରୁ ଆଜି ମଞ୍ଚ ତରଫରୁ ଦ୍ୱିତୀୟ ବାର ଏକ ଦିବାସୀୟ ଗଣ ଧାରଣା ଦିଆଯାଇଥିବା ନେଇ ସମିତି ସଭ୍ୟ ଶ୍ରୀ ବାରିକ ସୂଚନା ଦେଇଛନ୍ତି ୟ ତେବେ ଆଜିର ଏହି ଗଣ ଧାରଣା ସକାଳ ୮ ଟାରୁ ଦିନ ୨ ଟା ପର୍ଯ୍ୟନ୍ତ ଦିଆଯାଇଥିବା ସତ୍ତ୍ୱେ କୌଣସି ଜଣେ ହେଲେ ଅଧିକାରୀ ଧାରଣା ସ୍ଥଳରେ ପହଞ୍ଚି ନଥିଲେ । ତେଣୁ ଖୁବଶୀଘ୍ର ଏଥିପାଇଁ ଏକ ବଡ଼ ଧରଣର ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମଞ୍ଚ ଅଧକ୍ଷ ତଥା ସମିତି ସଭ୍ୟ ଶ୍ରୀ ବାରିକ ଗଣ ମାଧ୍ୟମକୁ ସୂଚନା ଦେଇଛନ୍ତି ।

ସୁସ୍ଥ ଜୀବନର ସର୍ବୋତ୍ତମ ପଥ :ଯୋଗ ପତରାଜପୁର ସରକାରୀ ଉଚ୍ଚ ବିଦ୍ୟାଳୟ ରେ ଯୋଗ ଦିବସ ପାଳିତ

ବାଲିଚନ୍ଦ୍ରପୁର, ୨୧।୬:(ମନ୍ଥନ)ବଡ଼ଚଣା ଶିକ୍ଷା ମଣ୍ଡଳ ଅଧୀନସ୍ତ ପତରାଜପୁର ସରକାରୀ ଉଚ୍ଚ ବିଦ୍ୟାଳୟ ରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ହରପ୍ରିୟା ମହାରଣା ଙ୍କ ଅଧ୍ୟକ୍ଷତା ରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି ।ଆଧୁନିକ ଜୀବନ ଶୈଳୀ ରେ ମାନସିକ ଚାପ, ଅନିୟମିତ ଖାଦ୍ୟାଭ୍ୟାସ ଓ ଶାରୀରିକ ପରିଶ୍ରମ ର ଅଭାବ ଯୋଗୁ ମଧୁମେହ, ରକ୍ତଚାପ, ହୃଦରୋଗ, ମେଦବହୁଳତା ଓ ମାନସିକ ଅବସାଦ ଭଳି ରୋଗ ବଢ଼ି ଚାଲିଛି । ନିୟମିତ ଯୋଗାଭ୍ୟାସ ଦ୍ୱାରା ଶରୀର ସୃଦୃଢ ହେବା ସହ ମନ କୁ ଶାନ୍ତ ଓ ସ୍ଥିର କରି ପରିବା ବୋଲି ଛାତ୍ରଛାତ୍ରୀ ମାନଂକୁ ବାର୍ତ୍ତା ଦେଇଥିଲେ । ଏହି କାଯ୍ୟକ୍ରମ ରେ ବିଦ୍ୟାଳୟ ପରିଚାଳନା କମିଟି ର ସଭାପତି ରାକେଶ କୁମାର ବାରିକ ଯୋଗ ଦେଇ ଭାରତୀୟ ସଂସ୍କୃତି ରେ ଯୋଗ ର ସ୍ଥାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ କ୍ଷ ବ୍ୟସ୍ତ ଆଧୁନିକ ଜୀବନ ଶୈଳୀ କୁ ସନ୍ତୁଳିତ କରିବା ଏବଂ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ନିମନ୍ତେ ସବୁଠାରୁ ପ୍ରଭାବ ଶାଳୀ ପ୍ରାକୃତିକ ସାଧନ ହେଉଛି ଯୋଗ ବୋଲି ଛାତ୍ର ଛାତ୍ରୀ ମାନଂକୁ ବୁଝାଇଥିଲେ । ଏହି ଦିବସ ରେ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଯୋଗ ଦେଇ କାଯ୍ୟକ୍ରମ କୁ ସୁଚାରୁ ରୂପେ ପରିଚାଳନା କରିଥିଲେ ।

ବରାଳ ମୀନାବଜାର ପଡ଼ିଆରେ ନାଟ୍ୟ କଳାର ଅପୂର୍ବ ସମାରୋହ

ଫୁଲନଖରା, ୨୧।୬:(ମନ୍ଥନ)କଟକ ସଦର ୪୨ ମୌଜା ଅନ୍ତର୍ଗତ ବରାଳ ଗ୍ରାମସ୍ଥିତ ମା' ନାରାୟଣୀ ମନ୍ଦିର ମୀନାବଜାର ପଡ଼ିଆରେ ପଲ୍ଲୀଶ୍ରୀ କଳା ପରିଷଦ ପକ୍ଷରୁ ପରିବେଶିତ ସାମାଜିକ ନାଟକ ମୁଁଅନାଥ ତୁ ଜଗନ୍ନାଥ ଅତ୍ୟନ୍ତ ଶୃଙ୍ଖଳିତ, ଆକର୍ଷଣୀୟ ଓ ରଙ୍ଗୀନ ପରିବେଶ ମଧ୍ୟରେ ମଞ୍ଚସ୍ଥ ହୋଇଯାଇଛି । କଳପଡ଼ା ପଞ୍ଚାୟତ ଓ କୁଲସରିଚୁଆଁ ପଞ୍ଚାୟତର ମିଳିତ ଆନୁକୂଲ୍ୟ ସହିତ ବରାଳ ଗ୍ରାମବାସୀଙ୍କ ଅକୁଣ୍ଠିତ ସହଯୋଗରେ ଆୟୋଜିତ ଏହି ନାଟକରେ ଗ୍ରାମାଞ୍ଚଳର ବିଶିଷ୍ଟ କଳାକାରମାନେ ନିଖୁଣ ଅଭିନୟ ପ୍ରଦର୍ଶନ କରି ଉପସ୍ଥିତ ଦର୍ଶକଙ୍କ ମନ ମୋହିନେଇଥିଲେ । ସାମାଜିକ ସଚେତନତାର ବାର୍ତ୍ତା ବହନ କରୁଥିବା ଏହି ନାଟକ ବିଶିଷ୍ଟ ନାଟ୍ୟକାର, ଲେଖକ ତଥା ନିର୍ଦ୍ଦେଶକ ସମରେନ୍ଦ୍ର କୁମାର ମହାପାତ୍ରଙ୍କ ନିର୍ଦ୍ଦେଶନାରେ ମଞ୍ଚସ୍ଥ ହୋଇଥିଲା । ଏହି ଅବସରରେ ପଲ୍ଲୀଶ୍ରୀ କଳା ପରିଷଦର ସହ-ନିର୍ଦ୍ଦେଶକ ଅଧ୍ୟାପକ ପ୍ରଦୀପ୍ତ କୁମାର ବିଶ୍ୱାଳ, ସାଂସ୍କୃତିକ ସମ୍ପାଦକ ନାରାୟଣ ସାସମଲଙ୍କ ସମେତ ବରାଳ ଗ୍ରାମର ବହୁ ଗଣ୍ୟମାନ୍ୟ ବ୍ୟକ୍ତି, ସ୍ଥାନୀୟ ଯୁବକ ଓ ଶୁଭେଚ୍ଛୁମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ ଭାବେ ପରିଚାଳନା କରିଥିଲେ । ଏହିନାଟ୍ୟ ଉତ୍ସବ ମାଧ୍ୟମରେ ଗ୍ରାମାଞ୍ଚଳର କଳା, ସଂସ୍କୃତି ଓ ନାଟ୍ୟ ପରମ୍ପରାକୁ ଆହୁରି ସୁଦୃଢ଼ କରିବା ସହ ଦର୍ଶକମାନଙ୍କ ମନରେ ଏକ ସ୍ୱତନ୍ତ୍ର ଛାପ ସୃଷ୍ଟି କରିଛି ।

ସଂଶୋଧିତ ପାଠ୍ୟପୁସ୍ତକ ଦାବି
ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କେନ୍ଦ୍ରପଡ଼ା,୨୧।୬:(ମନ୍ଥନ)ଏସ୍‌ସିଇ.ଆର.ଟି ଦ୍ୱାରା ରାଜ୍ୟର ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ଯୋଗାଇ ଦିଆଯାଇଥିବା ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକକୁ ଶିକ୍ଷକମାନେ ସଂଶୋଧନ କରି ପଢ଼ାଇବା ପାଇଁ ଶିକ୍ଷା ବିଭାଗ ପକ୍ଷରୁ ଦିଆଯାଥିବା ନିର୍ଦ୍ଦେଶକୁ ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସଂଘ ଅତ୍ୟନ୍ତ ଦାୟିତ୍ୱହୀନ ଓ ଅପରିଣାମୀ ଦର୍ଶାଇ ଘୋର ନିନ୍ଦା କରିଛି। ପ୍ରାଥମିକ ଓ ପ୍ରାକ୍-ପ୍ରସ୍ତୁତି ସ୍ତରର କୋମଳମତି ପିଲାମାନଙ୍କୁ ଏପରି ତ୍ରୁଟିପୂର୍ଣ୍ଣ ପୁସ୍ତକ ଶିକ୍ଷକମାନେ ସଂଶୋଧିତ କରି ପଢ଼ାଇବା ଗୁଣାତ୍ମକ ଶିକ୍ଷା ପାଇଁ ଥିବା ଶିକ୍ଷା ଅଧିକାର ଆଇନ - ୨୦୦୯ର ଖୋଲା ଉଲଂଘନ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଗୋଟିଏ ନିମ୍ନ ମାନର ଜୋତା ପାଇଁ ସମୁଦାୟ ଜୋତାକୁ ନଷ୍ଟ କରିଦେଇଥିବା ଉତ୍କଳ ଗୌରବ ମଧୁବାବୁଙ୍କ ଠାରୁ ଉଦାହରଣ ଗ୍ରହଣ କରି ସମୁଦାୟ ପାଠ୍ୟପୁସ୍ତକ ଫେରାଇ ନେଇ ନୂତନ ପୁସ୍ତକ ତୁରନ୍ତ ଯୋଗାଇ ଦେବାକୁ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଚାରି ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନାଙ୍କ ମାଧ୍ୟମରେ ଦାବିପତ୍ର ପ୍ରଦାନ କରାଯିବା ସମୟରେ ସଂଘର ଜିଲ୍ଲା ସଭାପତି ଡ. ବାସୁଦେବ ଦାସ ଓ ସମ୍ପାଦକ ଆଦିକନ୍ଦ ରାଉଳଙ୍କ ସମେତ ଅଧ୍ୟାପକ ଅଜୟ ସାମଲ, ଅବନ୍ତୀ ବେହେରା, ଶୈଳବାଳା ସାମଲ, ରମଣୀରଞ୍ଜନ ରାଉତରାୟ, ଗୟାଧର ଧଳ, ମହେନ୍ଦ୍ର ପଟ୍ଟନାୟକ, ରଣଧୀର ଜେନା, ପ୍ରତାପ ଚନ୍ଦ୍ର ପରିଡା ପ୍ରମୁଖ ଉପସ୍ଥିତ ଥିଲେ।



ସେବା ହିଁ ଧର୍ମର ବାର୍ତ୍ତା ଦେଲା ସ୍ୱର୍ଣ୍ଣଦେବୀ ଯୁବକ ସଂଘ

ଫୁଲନଖରା, ୨୧।୬:(ମନ୍ଥନ)ସମାଜସେବା ଏବଂ ମାନବିକତାର ଏକ ଉତ୍କୃଷ୍ଟ ନିଦର୍ଶନ ସୃଷ୍ଟି କରି ସାମାଜିକ ସଂଗଠନ ସ୍ୱର୍ଣ୍ଣଦେବୀ ଯୁବକ ସଂଘ ପକ୍ଷରୁ କଟକ ଶିଶୁଭବନ ପରିସରରେ ନିୟମିତ ଭାବେ ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି ସେବା କାର୍ଯ୍ୟକ୍ରମରେ ଉପମା, ଘୁଗୁନି, ଗରମ କ୍ଷୀର, ଚା' ଏବଂ ବିସ୍କୁଟ ବଣ୍ଟନ କରାଯାଇ ଶିଶୁଭବନକୁ ଆସୁଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ସହାୟତା କରାଯାଇଥିଲା । ସଂଘର ସମ୍ପାଦକ ଜ୍ଞାନେନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ମହତ୍ କାର୍ଯ୍ୟକ୍ରମରେ କର୍ପୋରେଟର ଲକ୍ଷ୍ମୀଧର ବେହେରା, ସଭାପତି ଅଭିଜିତ ସିଂ, ସହ ସମ୍ପାଦକ ପୂର୍ଣ୍ଣେନ୍ଦୁ ବେହେରା, କୋଷାଧ୍ୟକ୍ଷ ସନ୍ଦୀପ ଦଳାଇଙ୍କ ସମେତ ସୌରଭ ବେହେରା, ଆଲୋକ ବେହେରା, ତପନ ସାହୁ, ବିଶ୍ୱଜିତ ସାହୁ, ସୌରବ ବେହେରା, ଅରୁଣ ପ୍ରସାଦ ରାଉତ, ଦୀପ୍ତିରଞ୍ଜନ ପ୍ରଧାନ, ସନ୍ତୋଷ ସେନାପତି ଓ ଜୟଦୀପ ସାହୁ ପ୍ରମୁଖ ଉପସ୍ଥିତ ରହି ସେବା କାର୍ଯ୍ୟରେ ସହଯୋଗ କରିଥିଲେ । ସମାଜର ଅସହାୟ ଓ ଆବଶ୍ୟକତା ଥିବା ଲୋକଙ୍କ ପାଖରେ ସହାୟତା ପହଞ୍ଚାଇବା ଲକ୍ଷ୍ୟ ନେଇ ସ୍ୱର୍ଣ୍ଣଦେବୀ ଯୁବକ ସଂଘ ପକ୍ଷରୁ ଏଭଳି ସେବା କାର୍ଯ୍ୟ ନିରନ୍ତର ଭାବେ ଜାରି ରହିଥିବାରୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସାର ବିଷୟ ହୋଇଛି ।

ଫୁଲନଖରା ପ୍ରଭାତ ହତ୍ୟାକାଣ୍ଡର ପର୍ଦ୍ଦାଫାଶ: ଦୁଇ ଅଭିଯୁକ୍ତ ଗିରଫ

ଫୁଲନଖରା,୨୧।୬:(ମନ୍ଥନ)ରାଜଧାନୀ ଉପକଣ୍ଠ ଫୁଲନଖରା ଅଞ୍ଚଳରେ ଘଟିଥିବା ବହୁଚର୍ଚ୍ଚିତ ଯୁବକ ପ୍ରଭାତ କୁମାର ବେହେରା ଓରଫ ଜଗା ହତ୍ୟା ଘଟଣାର ରହସ୍ୟ ଉପରୁ ପର୍ଦ୍ଦା ଉଠାଇଛି କମିଶନରେଟ ପୋଲିସ । ଘଟଣାର ମାତ୍ର ଚାରି ଦିନ ମଧ୍ୟରେ ପୋଲିସ ଚମକପ୍ରଦ ଭାବେ ମାମଲାର ତଦନ୍ତ କରି ଦୁଇ ଜଣ ମୁଖ୍ୟ ଅଭିଯୁକ୍ତଙ୍କୁ କାବୁ କରିଥିବା ବେଳେ ଅନ୍ୟ ଦୁଇ ଜଣ ଅଭିଯୁକ୍ତ ଏବେ ମଧ ଫେରାର ରହିଛନ୍ତି । ପୋଲିସ ସେମାନଙ୍କୁ ଧରିବା ପାଇଁ ଜୋରଦାର ଚଢ଼ାଉ ଜାରି ରଖିଛିୟ ପାହାଳ ଥାନା ଅନ୍ତର୍ଗତ ଅନନ୍ତପୁର ଗ୍ରାମର ବିଷ୍ଣୁ ଚରଣ ବେହେରା ନିଜ ପୁଅ ପ୍ରଭାତଙ୍କ ହତ୍ୟା ନେଇ ପାହାଳ ଥାନାରେ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗ ଆଧାରରେ ପାହାଳ ଥାନାରେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଆରମ୍ଭ ହୋଇଥିଲା । ତଦନ୍ତ ସମୟରେ କମିଶନରେଟ ପୋଲିସ ସିସିଟିଭି ଫୁଟେଜ, ମୋବାଇଲର ବୈଷୟିକ ତଥ୍ୟ, ଗୁପ୍ତ ସୂଚନା ଓ ବିଭିନ୍ନ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଘଟଣାର ଖୋଳତାଡ଼ କରିଥିଲା । ତଦନ୍ତରୁ ଜଣାପଡ଼ିଥିଲା ଯେ, ଘଟଣାର ପଛରେ ରହିଥିଲା ପୁରୁଣା ବିବାଦ ଓ ଶତ୍ରୁତାୟ ଗତ ୧୬ ତାରିଖ ରାତି ପ୍ରାୟ ୧୧ଟା ୩୦ ମିନିଟ ସମୟରେ ପ୍ରଭାତ ଓ ତାଙ୍କ ସାଙ୍ଗ କୁନୁ ଭୋଇ ଅନନ୍ତପୁର ମଦ ଦୋକାନକୁ ଯାଇଥିଲେୟ ସେଠାରେ ସେମାନଙ୍କର ପୂର୍ବରୁ ପରିଚିତ ଚାରି ଯୁବକଙ୍କ ସହ ସାକ୍ଷାତ ହୋଇଥିଲା । ପରେ ସମସ୍ତେ ସିନର୍ଜି କଲେଜ ନିକଟରେ ନିର୍ମିତ ନୂତନ ସେତୁ ନିକଟକୁ ଯାଇ ଏକାଠି ମଦ୍ୟପାନ କରିଥିଲେ । ପୋଲିସ କହିବା ଅନୁଯାୟୀ, ପ୍ରାୟ ୧୦ରୁ ୧୫ ଦିନ ପୂର୍ବରୁ ସେହି ମଦ ଦୋକାନରେ ହୋଇଥିବା ଏକ ଝଗଡ଼ାକୁ କେନ୍ଦ୍ର କରି ଅଭିଯୁକ୍ତମାନଙ୍କ ମନରେ ପ୍ରଭାତଙ୍କ ପ୍ରତି ଆକ୍ରୋଶ ରହିଥିଲାୟ ରାତି ପ୍ରାୟ ୧ଟା ସମୟରେ ଏକ ଭିଡିଓ କଲକୁ ନେଇ ପୁଣି ବଚସା ଆରମ୍ଭ ହୋଇଥିଲା । ଏହାପରେ ଅଭିଯୁକ୍ତମାନେ ପ୍ରଭାତଙ୍କ ଉପରେ ଆକ୍ରମଣ କରିଥିଲେ । ପ୍ରଥମେ ଏକ ବିୟର ବୋତଲରେ ତାଙ୍କ ମୁଣ୍ଡକୁ ଜୋରଦାର ଆଘାତ କରାଯାଇଥିଲା ଏବଂ ପରେ ଚାରି ଜଣ ମିଶି ମାଡ଼ ମାରିଥିବା ତଦନ୍ତରୁ ସାମ୍ନାକୁ ଆସିଛି । ଫଳରେ ଘଟଣାସ୍ଥଳରେ ହିଁ ପ୍ରଭାତଙ୍କ ମୃତ୍ୟୁ ଘଟିଥିଲାୟ ଘଟଣା ପରେ ଅଭିଯୁକ୍ତମାନେ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ମୃତକଙ୍କ ମୋବାଇଲ ଫୋନକୁ ଭାଙ୍ଗି ଦେଇଥିବା ବେଳେ ପୁରୀ ଅଭିମୁଖେ ପଳାଇ ଯାଇଥିଲେ । ସେଠାରେ ସମୁଦ୍ର କୂଳରେ ରାତି କାଟିବା ପରେ ନିଜ ନିଜ ମୋବାଇଲ ଫୋନ ବନ୍ଦ କରି ବିଭିନ୍ନ ସ୍ଥାନରେ ଲୁଚି ରହିଥିଲେ । ପୋଲିସ ନାଗାବଳି ଅଞ୍ଚଳର ଆଦିତ୍ୟ ନାରାୟଣ ନାୟକ ଓରଫ ଆଦି (୨୧) ଏବଂ ନଛିପୁର ଅଞ୍ଚଳର ବିଶ୍ୱଜିତ ବେହେରା ଓରଫ ଜିତ (୨୧)ଙ୍କୁ ଗିରଫ କରିଛି । ସେମାନଙ୍କ ନିକଟରୁ ଏକ ହୋଣ୍ଡା ଏସପି ମୋଟରସାଇକେଲ, ଏକ ବୁଲେଟ ମୋଟରସାଇକେଲ, ମୋବାଇଲ ଫୋନ, ପୋଷାକ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସାକ୍ଷ୍ୟ ଜବତ କରାଯାଇଛିୟ ଅନ୍ୟ ଦୁଇ ଅଭିଯୁକ୍ତ ରାଜା ଓରଫ ବିଶ୍ୱରଞ୍ଜନ ସାହୁ ଏବଂ ଲୋକନାଥ ବାରିକ ଫେରାର ଥିବା ବେଳେ ସେମାନଙ୍କୁ ଗିରଫ କରିବା ପାଇଁ ପୋଲିସର ସ୍ୱତନ୍ତ୍ର ଟିମ୍ ଚଢ଼ାଉ ଜାରି ରଖିଛି । ଏହାସହ ଅଭିଯୁକ୍ତମାନଙ୍କ ପୂର୍ବ ଅପରାଧିକ ରେକର୍ଡର ଯାଞ୍ଚ ମଧ ଚାଲିଥିବା ସୂଚନା ମିଳିଛି । ଏହି ହତ୍ୟାକାଣ୍ଡର ପ୍ରକୃତ କାରଣ ଓ ଅନ୍ୟାନ୍ୟ ଦିଗକୁ ନେଇ ପୋଲିସ ତଦନ୍ତ ଜାରି ରଖିଛି ।

ଯାଜପୁର ମହିୟସୀ ମହିଳା ଅନ୍ନପୂର୍ଣ୍ଣା ଦାସଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ସଭା

ଯାଜପୁର,୨୧।୬:(ମନ୍ଥନ) ଯାଜପୁର ସହରର ତାରାମଦନ ଗ୍ରାମର ମହିୟସୀ ଓ ଧର୍ମପ୍ରାଣା ମହିଳା ଅନ୍ନପୂର୍ଣ୍ଣା ଦାସଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ସଭା ବିଶିଷ୍ଟ ଶିକ୍ଷାବିତ ତଥା ପ୍ରାକ୍ତନ ପ୍ରାଧ୍ୟାପକ ଦାମୋଦର ବେହେରାଙ୍କ ଅଧ୍ୟକ୍ଷତାରେ ଶାନ୍ତି ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବିଶିଷ୍ଟ ସାହିତ୍ୟ ସଂଗଠକ ସନ୍ତୋଷ କୁମାର ନନ୍ଦ ଯୋଗଦେଇ ସ୍ୱର୍ଗତ ଦାସଙ୍କ ଫଟୋରେ ମାଲ୍ୟାର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପଣ୍ଡିତ ହୃଷିକେଶ ପତି ଗୀତା ପାଠ କରିଥିଲେ। ସମ୍ମାନନୀୟ ଅତିଥିଭାବେ ବିରଜାରତ୍ନ ପଣ୍ଡିତ ଭୂପତି ଭୂଷଣ ମିଶ୍ର, ପ୍ରଦୀପ କୁମାର ଦାଶ, ଯାଜପୁର ସହର ଷ୍ଟେଟ୍‌ବ୍ୟାଙ୍କ ଅଫ୍ ଇଣ୍ଡିଆର ଚିଫ୍ ମ୍ୟାନେଜର ସ୍ମୃତିରଂଜନ ନାୟକ, ଡେପୁଟି କଲେକ୍ଟର କୁଳମଣି ନାୟକ, ସାମ୍ବାଦିକ ଆନନ୍ଦ ଚନ୍ଦ୍ର ସାହୁ, ଡା. କାର୍ତ୍ତିକଚନ୍ଦ୍ର ରାଉତ, ଡା. ମଦନ ମୋହନ ସାମଲ, କାମେଶ୍ୱର ପଣ୍ଡା, ରମେଶ ଚନ୍ଦ୍ର ସାମଲ, ସାମ୍ବାଦିକ ଅଜୟ ରାଉଳ ସ୍ୱର୍ଗତାଃ ଦାସଙ୍କର ସ୍ମୃତିଚାରଣ କରିବା ସହିତ ସେ ଜଣେ ଅତ୍ୟନ୍ତ ମେଳାପୀ, ପରୋପକାରୀ ଏବଂ ଆଧାତ୍ମିକବାଦୀ ମହିଳା ଭାବରେ ଯାଜପୁର ସହରରେ ବେଶ ଜଣାଶୁଣାଥିଲେ ବୋଲି ପ୍ରକାଶ କରିଥିଲେ। ସେ ସଦାସର୍ବଦା ରାମକୃଷ୍ଣ ପରମ ହଂସ ଓ ଶ୍ରୀମାଙ୍କର ଭଜନ କୀର୍ତ୍ତନରେ ମଗ୍ନ ରହି ଐଶ୍ୱରୀକ ଚିନ୍ତାଧରାରେ ନିଜ ସମୟ ଅତିବାହିତ କରୁଥିଲେ। ଯାଜପୁର ଗାନ୍ଧୀବାଦୀ ବିଶିଷ୍ଟ ବ୍ୟକ୍ତି ନିଶୀଥ ଦସଙ୍କର ସେ ଧର୍ମପତ୍ନୀ ଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ଦୁର୍ଯ୍ୟୋଧନ ବେହେରା, ବିଭୂତି ଭୂଷଣ ମହାପାତ୍ର, କ୍ଷୀରୋଦ ଚନ୍ଦ୍ର ପାଠୀ, ଲକ୍ଷ୍ମୀଧର ମିଶ୍ର, ମାଳତୀ ପତି, ପ୍ରତିଭା ରାଣୀ ସାମଲ, ଶ୍ରୀୟାଙ୍କ ଦତ୍ତ, ଶ୍ରାବଣୀସେନ, ମହେନ୍ଦ୍ର କୁମାର ଜେନା, ମୋନିକା ମୌସୁମୀ ଜେନା, କୈଳାସ ଚନ୍ଦ୍ର ବେହେରା, ଜ୍ଞାନରଞ୍ଜନ ପଣ୍ଡା, ଶରତ କୁମାର ସାହୁ, ପ୍ରଦୀପ କୁମାର ସାହୁ, ରଣଜିତ କୁମାର ବୋଷ, ଅଶୋକ କୁମାର ଦାସ, ତାରାପଦ ଦାସ, ଶାନ୍ତନୁ ସାମନ୍ତ ସତ୍ୟରଂଜନ ତ୍ରିପାଠୀ, ଅଜୟ ମିଶ୍ର ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିବା ସହିତ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଅନିମା ଦାସ, ବିବେକାନନ୍ଦ ଦତ୍ତ, ଶୁଭ୍ରାଂଶୁ ଶେଖର ରାୟ, ତାରାପଦ ଦାସ, ସୁବାସ ମହାପାତ୍ର, ଅଭିମନ୍ୟୁ ମିଶ୍ର, ରାଧାନାଥ ନାୟକ, ମନୋଜ କୁମାର ସାହୁ, ସୁନୀଲ କାନ୍ତ ମହାନ୍ତି, ଦିପିକା ଦେ, ସୁବାସ ଦାସ, ଜଗନ୍ନାଥ ବେହେରା, ମନୋରମା ରାଉତ ପ୍ରମୁଖ ସହଯୋଗ କରିଥିଲେ।

ବଜ୍ରାଘାତରେ ଜଣେ ମୃତ, ୪ଗୁରୁତର

କୁକୁଡ଼ାଖଣ୍ଡି,୨୧।୬:(ମନ୍ଥନ) ସଦର ଥାନା ଅନ୍ତର୍ଗତ ଲାଞ୍ଜିଅ। ଗ୍ରାମରେ ଶନିବାର ଅପରାହ୍ନରେ ଏକ ଚାଷ ଜମିରେ ୫ଜଣ ମହିଳା କାମ କରୁଥିବା ସମୟରେ କାଳ ବୈଶାଖୀ ପ୍ରଭାବରେ ବଜ୍ରାଘାତ ଘଟି ଜଣେ ମହିଳାଙ୍କ ମୃତ ଘଟିଥିବା ବେଳେ ୪ଜଣ ମହିଳା ଗୁରୁତର ହୋଇଥିବା ଜଣାପଡ଼ିଛି । ସୂଚନା ପ୍ରକାରେ ଆଜି ଅପରାହ୍ନରେ ଚାଷ ଜମିରେ କାମ କରୁଥିବା ବେଳେ କୁରଙ୍ଗି ଡ଼ାକୁଆ(୫୧), ଝୁନୁ ଗୌଡ(୪୦), କ୍ରିଷ୍ଣା କୁମାରୀ ଗୌଡ(୪୫), ନମିତା ଗୌଡ(୪୫), ଚନ୍ଦ୍ରକଳା ସାହୁ(୫୦) ବଜ୍ରାଘାତରେ ଆହତ ହୋଇଥିଲେ ।ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ମେଡ଼ିକାଲରେ ଭର୍ତ୍ତି କରିଥିଲେ । ପରେ କୁରଙ୍ଗି ଡ଼ାକୁଆଙ୍କୁ ଡ଼ାକ୍ତର ମୃତ ଘୋଷଣା କରିଥିଲେ । ଅନ୍ୟ ଆହତମାନେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି । ବିଧାୟକ ସିଦ୍ଧାନ୍ତ ମହାପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ସାଂସଦ ପ୍ରତିନିଧି ସନ୍ତୋଷ କୁମାର ଚୌଧୁରୀ, ବିଧାୟକ ପ୍ରତିନିଧି ନଳିନୀ ବିଷୋୟୀ,ପରମାନନ୍ଦ ଭାଇଙ୍କ ସମେତ ବହୁ ଦଳୀୟ କର୍ମୀ ମେଡ଼ିକାଲରେ ପହଂଚି .ତୁରନ୍ତ ପଦକ୍ଷେପ ନେବାପାଇଁ ଡାକ୍ତରଙ୍କୁ କହିଥିଲେ । ଖବର ପାଇ ସଦର ଥାନା ପୁଲିସ ଘଟଣା ସ୍ଥଳରେ ପହଂଚି ମୃତ ମହିଳାଙ୍କ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି । ଏନେଇ ଥାନାରେ ଏକ ମାମଲା ରୁଜୁ କରିଛି ।

ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ଜିଲ୍ଲା ସ୍ତରୀୟ ଜୈବିକ କୃଷି କର୍ମଶାଳା

କେନ୍ଦ୍ରାପଡ଼ା,୨୧।୬:(ମନ୍ଥନ)ଜିଲ୍ଲା ସଂସ୍କୃତି ଭବନରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମର ତୃତୀୟ ତଥା ଅନ୍ତିମ ଦିବସରେ ଜିଲ୍ଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଏକ ଜିଲ୍ଲାସ୍ତରୀୟ ଜୈବିକ କୃଷି କର୍ମଶାଳା ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଜୈବିକ କୃଷିର ମୂଳ ଧାରଣା ଓ ଗୁରୁତ୍ୱ, ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା, ଜୈବିକ ସାର ଓ ଜୈବ କୀଟନାଶକର ବ୍ୟବହାର, ଜୈବିକ ପ୍ରମାଣିକରଣ, ବଜାର ସୁଯୋଗ ଏବଂ ସଫଳ ଚାଷୀମାନଙ୍କ ଅନୁଭୂତି ବିନିମୟ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ରଘୁରାମ ଆର. ଆୟର ସମନ୍ୱିତ କୃଷି ପଦ୍ଧତିକୁ ଗୁରୁତ୍ୱ ଦେବା ସହ କମ୍ ୟୁରିଆ ସାର ବ୍ୟବହାର କରି ଜୈବିକ ସାରର ଅଧିକ ପ୍ରୟୋଗ ଉପରେ ଜୋର ଦେଇଥିଲେ। ସେ କହିଥିଲେ ଯେ ଅଷ୍ଟ୍ରେଲିଆ, ଆମେରିକା ଓ ବ୍ରାଜିଲ ଭଳି ଦେଶର କୃଷକମାନେ ଅଧିକ ଅମଳକ୍ଷମ ଓ ଅର୍ଥକାରୀ ଫସଲ ଉତ୍ପାଦନ କରି ରପ୍ତାନି ମାଧ୍ୟମରେ ଆର୍ଥିକ ସ୍ୱାବଲମ୍ବନ ହାସଲ କରୁଛନ୍ତି। ଆମ କୃଷକମାନେ ମଧ ଏଭଳି ଆଧୁନିକ ଓ ବୈଜ୍ଞାନିକ କୃଷି ପଦ୍ଧତି ଅବଲମ୍ବନ କରି ନିଜ ଆୟ ବୃଦ୍ଧି କରିବା ଉଚିତ। କର୍ମଶାଳାରେ ମୁଖ୍ୟ ଜିଲ୍ଲା ପଶୁ ଚିକିତ୍ସା ଅଧିକାରୀ ଡା. ଉମାକାନ୍ତ ସାହୁ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ କୃଷି ବୈଜ୍ଞାନିକ ଡ. ପ୍ରଭଞ୍ଜନ ମିଶ୍ର, ଡ. ତାପସ କୁମାର ସାହୁ, ନିରଞ୍ଜନ ଜେନା ପ୍ରମୁଖ ଯୋଗଦେଇ ଆଧୁନିକ କୃଷି ଯନ୍ତ୍ରପାତିର ବ୍ୟବହାର, ମାଟିର ଉର୍ବରତା ବୃଦ୍ଧି ଏବଂ ଜୈବିକ ସାରର ଗୁରୁତ୍ୱ ସମ୍ପର୍କରେ ମତ ରଖିଥିଲେ। ବିଶେଷଜ୍ଞମାନେ ଧାନ, ମୁଗ ଓ ବିରି ଚାଷ ସହିତ ଫୁଲ ଚାଷ, ଛତୁ ଚାଷ, କଦଳୀ ଚାଷ, କୁକୁଡ଼ା ପାଳନ ଓ ସମନ୍ୱିତ କୃଷି ପଦ୍ଧତି ଅବଲମ୍ବନ କରି କୃଷକମାନେ ଅଧିକ ଆୟ ହାସଲ କରିପାରିବେ ବୋଲି ପରାମର୍ଶ ଦେଇଥିଲେ। ଏହି ଅବସରରେ ପାଞ୍ଚଜଣ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କର୍ମଶାଳାରେ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ବ୍ଲକରୁ ୧୫୦ରୁ ଅଧିକ ଚାଷୀ ଯୋଗଦେଇ ଜୈବିକ କୃଷି ସମ୍ପର୍କିତ ବିଭିନ୍ନ ବିଷୟରେ ଜ୍ଞାନ ଆହରଣ କରିଥିଲେ। ଅପରାହ୍ନରେ କଲିକତାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଭାସି ମାଧ୍ୟମରେ ପିଏମ କିଷାନ ଯୋଜନାର ୨୩ତମ କିସ୍ତି ପ୍ରଦାନ କରିଥିବା ବେଳେ କଟକର ଧାନଗବେଷଣା କେନ୍ଦ୍ରରୁ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ କୃଷକମାନଙ୍କ କଲ୍ୟାଣ ନିମନ୍ତେ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଦେଇଥିବା ବକ୍ତବ୍ୟର ଆଭାସି କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ମାର୍ଶାଘାଇ ଜିଲ୍ଲା କୃଷି ଅଧିକାରୀ ହେମନ୍ତ କୁମାର ସାମଲ, ଅତିରିକ୍ତ ଜିଲ୍ଲା ପଶୁ ଚିକିତ୍ସା ଅଧିକାରୀ ଡା. ପ୍ରଭଞ୍ଜନ କର, ଜିଲ୍ଲା ମତ୍ସ୍ୟ ଅଧିକାରୀ ଆଲୋକ କୁମାର ନାଥ ଏବଂ ଅତିରିକ୍ତ ଜିଲ୍ଲା ମୃତ୍ତିକା ସଂରକ୍ଷଣ ଅଧିକାରୀ

ଘରୋଇ ବସ୍ ମାଲିକ ସଂଘର ବୈଠକ

ବୁଗୁଡା : ୨୧/୦୬/୨୬ : ସ୍ଥାନୀୟ ଶ୍ରୀ ଜଗନ୍ନାଥ ସ୍ୱାମୀ ଘରୋଇ ବସ୍ ମାଲିକ ସଂଘ ଆବାହକ୍‌ବରେ ଅନ୍ୟ କେତେକ ଘରୋଇ ବସ୍ ମାଲିକ ସଂଘର କର୍ମକର୍ତ୍ତାଙ୍କୁ ନେଇ ଏକ ସାଂଗଠନିକ ବୈଠକ ବୁଗୁଡାର ମାଳିଖୋଲା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛିୟ ପୁରୁଷୋତ୍ତମପୁର ଘରୋଇ ବସ୍ ମାଲିକ ସଂଘ ସଂଘ ସଭାପତି ସନ୍ତୋଷ କୁମାର ପତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ବସ୍ ଚଳାଚଳ କାଳରେ ବିଭିନ୍ନ କ୍ଷେତ୍ରରେ ଉପୁନ୍ନ ସମସ୍ୟାମାନର ସମାଧାନ ଦିଗରେ ମାଲିକମାନଙ୍କ ସକାରାତ୍ମକ ଭାବନାପୂର୍ଣ୍ଣ ଭୂମିକା ସମ୍ପର୍କେ ଆଲୋଚନା ସାଙ୍ଗକୁ ସାଂଗଠନିକ ଆଲୋଚନା ମଧ କରାଯାଇଥିଲାୟ ଏ ଅବସରରେ ରାଜ୍ୟ ସ୍ତରୀୟ ଜୋନ୍-ସମ୍ପାଦକ ବିପ୍ର ଚରଣ ବାରିକଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲାୟ ଏହି ବୈଠକରେ ଭୁବନେଶ୍ୱର, ବ୍ରହ୍ମପୁର, ଆସିକା, ଭଞ୍ଜନଗର, ପୋଲସରା, କୋଦଳା, ପୁରୁଷୋତ୍ତମପୁର ଓ ବୁଗୁଡା ଆଦିରେ ଥିବା ଘରୋଇ ବସ ମାଲିକ ସଂଘର କର୍ମକର୍ତ୍ତାଗଣ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ ସ୍ୱ ସ୍ୱ ମତବ୍ୟକ୍ତ କରିଥିଲେୟ ଏହି କାର୍ଯ୍ୟକ୍ରମକୁ ବୁଗୁଡା ଘରୋଇ ବସ ମାଲିକ ସଂଘ ସଭାପତି ଭି.ରାଜେନ୍ଦ୍ର ରାଓ ଦୋରା ଓ କୋଷାଧ୍ୟକ୍ଷ ସୁଦର୍ଶନ ନାୟକ ପରିଚାଳନା କରିଥିବା ବେଳେ ପରିଶେଷରେ ସମ୍ପାଦକ ଚିତ୍ରସେନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେୟ

ଆଞ୍ଚଳିକ ମନ୍ଥନ

ସୋମବାର,୨୨,ଜୁନ,୨୦୨୬ Monday,22 June 2026, Bhubaneswar

କେଶାଇବାହାଲ ବିଜିଡି କଲେଜରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ

କୁଚିଣ୍ଡା,୨୧।୬:(ମନ୍ଥନ)ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡ ବାସୁଦେବ ଗୋଦାବରୀ ଡିଗ୍ରୀ ମହାବିଦ୍ୟାଳୟରେ ଆନ୍ତର୍ଜାତୀୟ ଯୋଗ ଦିବସ ଅଧକ୍ଷ ଦୟା ସାଗର ପ୍ରଧାନଙ୍କ ପୌରହିତ୍ୟରେ ପାଳିତ ହୋଇଯାଇଅଛି ।ପ୍ରାରମ୍ଭରେ ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଯେଉଁଥିରେ ବିଭିନ୍ନ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । ଅଧକ୍ଷ ଦୟାସାଗର ପ୍ରଧାନ ଯୋଗ ଦେଇ ଯୋଗକୁ ନିଜର ଦୈନନ୍ଦିନ ଜୀବନର ଏକ ଅଙ୍ଗ ଭାବେ ନେବାକୁ ପରାମର୍ଶ ଦେବା ସଙ୍ଗେ ଯୋଗ ମାଧ୍ୟମରେ ନିଜର ବ୍ୟକ୍ତିତ୍ୱର ବିକାଶ ଘଟାଇବାକୁ ପରାମର୍ଶ ଦେଇଥିଲେ । ଆନନ୍ଦ ସମୃଦ୍ଧି ବିଦ୍ୟାପୀଠ କୁମୁଦପାଲି ଝାରସୁଗୁଡ଼ାରୁ ଆଗତ ତଥା ଆନନ୍ଦମାର୍ଗ ପ୍ରଚାରକ ସଂଘ ଓଡିଶାର ସ୍ୱାମୀ ଧିସୁଧାନନ୍ଦଜୀ ମହାରାଜ ଓ ଆଚାର୍ଯ୍ୟା କୌଶିକୀ ଦିଦି ଯୋଗଦେଇ ଯୋଗ ମାଧ୍ୟମରେ ମନୁଷ୍ୟ ଜୀବନ ତ୍ରିସ୍ତରୀୟ ବିକାଶ (ଶରୀର, ମନ, ଆତ୍ମା) ର ବିକାଶ ଘଟାଇବା ସଙ୍ଗେ ପୂର୍ଣ୍ଣାଙ୍ଗ ଜୀବନ ବଞ୍ଚିବାକୁ ପରାମର୍ଶ ଦେଇଥିଲେ । ଯୋଗ ମହୋତ୍ସବ ସମିତି ବ୍ଲକ ବାମରାର ପ୍ରତିନିଧି ଭାବରେ ଆଚାର୍ଯ୍ୟ ଧୀରେନ୍ଦ୍ର ଶାସ୍ତ୍ରୀ ଯୋଗ ଦେଇ ଯୋଗ ମାଧ୍ୟମରେ

ଜୀବନରେ ସ୍ୱଚ୍ଛତା ଆଣି ଜୀବନକୁ ପୂର୍ଣ୍ଣ ବିକଶିତ କରିବାକୁ ପରାମର୍ଶ କରିଥିଲେ । ଜାତୀୟ ସେବା ଯୋଜନାର ସଂଯୋଜକ ଅଧିକାରୀ ଶ୍ରୀମାନ ବିନୋଦ ବିହାରୀ ପୃଷେଠ ଯୋଗ ଦେଇ ଯୋଗ ମାଧ୍ୟମରେ ସମାଜ ତଥା ଜୀବନର ବିକାଶ ଘଟାଇବାକୁ ପରାମର୍ଶ ଦେଇଥିଲେ । ଶେଷରେ ଆଚାର୍ଯ୍ୟ ଧିସୁଧାନନ୍ଦଜୀ ମହାରାଜ, ଆଚାର୍ଯ୍ୟା କୌଶିକୀ ଦିଦି ଓ ଆଚାର୍ଯ୍ୟ ଧୀରେନ୍ଦ୍ର ଶାସ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ଯୋଗାସନ, ଧ୍ୟାନ ଓ ସଙ୍କଳ୍ପ ପାଠ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ୧୦୦ ଜଣ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ, ଅଧ୍ୟାପିକା ଅଞ୍ଜଳୀ ପଟେଲ, ଯଶୋଦା ମାଝୀ, ଅଧ୍ୟାପକ ବିକାଶ ପାଣି , ପି.ଇ.ଟି ମନୋଜ ପଟେଲ, କର୍ମଚାରୀ ଅମିୟ ପଟେଲ, ଗଗନ ପଟେଲ, ବସନ୍ତ ନାଏକ, ନିଳିମା ଖର୍ସେଲ ଯୋଗ ଦେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

ଶ୍ରୀବଳଦେବଜୀଉଙ୍କ ରଥନିର୍ମାଣର ସମୀକ୍ଷା କଲେ ଜିଲ୍ଲାପାଳ

କେନ୍ଦ୍ରାପଡ଼ା,୨୧।୬:(ମନ୍ଥନ)ତୁଳସୀ କ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀବଳଦେବଜୀଉଙ୍କ ରଥ ନିର୍ମାଣ ପ୍ରସ୍ତୁତି ସମ୍ପର୍କରେ ଶୁକ୍ରବାର ଇଛାପୁର ଯାତ୍ରୀନିବାସରେ ଜିଲ୍ଲାପାଳ ସମୀକ୍ଷା କରିଛନ୍ତି। ଟ୍ରଷ୍ଟ ବୋର୍ଡ ସଭାପତି ତଥା ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ବୈଠକରେ ଜିଲ୍ଲାପାଳ ଶ୍ରୀ ଆୟର ରଥ ନିର୍ମାଣର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ବୈଠକରେ ମନ୍ଦିର ଟ୍ରଷ୍ଟ ବୋର୍ଡ ଓ ରଥ ନିର୍ମାଣ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ। ପୁରୀ ଶ୍ରୀଜଗନ୍ନାଥଙ୍କ ରଥର ମୁଖ୍ୟ ଭୋଇ ମହାରଣା ଆସି ରଥ ନିର୍ମାଣକୁ ଅନୁଧାନ କରିବା ପାଇଁ ଶ୍ରୀ ମନ୍ଦିର ମୁଖ୍ୟ ପ୍ରଶାସକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଗଲା । ଏଥି ସହିତ ଭୁବନେଶ୍ୱରର ଆଇ.ଆଇ.ଟି ଇଞ୍ଜିନିୟର ମାନସରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ ଆସି ରଥ ନିର୍ମାଣର ଅନୁଧାନ କରିବେ ବୋଲି ସମ୍ମତି ଦେଇଥିବା ଟ୍ରଷ୍ଟ ବୋର୍ଡର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ସୂଚନା ଦେଇଥିଲେ । ଜିଲ୍ଲାପାଳ ଶ୍ରୀ ଆୟର

ସୂଚନା ଦେଇଥିଲେ ଯେ ପୁରୀ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀବଳଭଦ୍ର ମହାପ୍ରଭୁଙ୍କ ତାଳଧ୍ୱଜ ରଥର ଏକ ଚକ ଅଣାଯାଇ କେନ୍ଦ୍ରାପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସୁରକ୍ଷିତ ଭାବେ ରଖାଯିବ । ରଥଦାଣ୍ଡ ପାର୍ଶ୍ୱରେ କଲଭର୍ଟ ଓ ଡ୍ରେନ କାର୍ଯ୍ୟ ତୁରନ୍ତ ଶେଷ କରିବା ପାଇଁ ପୂର୍ତ୍ତ ବିଭାଗକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଶ୍ରୀ ଜିୟୁଙ୍କ ଚନ୍ଦନ ପୋଖରୀ ପଙ୍କ ଉଦ୍ଧାର, ସଫେଇ ଓ ଚନ୍ଦନ ତାଲା ମନ୍ଦିରର ଆବଶ୍ୟକୀୟ ମରାମତି କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଗତ ଜୁନ ୧୮ତାରିଖରେ ଟ୍ରଷ୍ଟ ବୋର୍ଡର ସଭାପତି ଅତିରିକ୍ତ ଜିଲ୍ଲାପାଳ ଓ ସଭ୍ୟମାନେ ଚନ୍ଦନ ପୋଖରୀ ପରିଦର୍ଶନ କରି କାର୍ଯ୍ୟର ତଦାରଖ କରିଥିବା ସମ୍ପର୍କରେ ଆଲୋଚଲା ହୋଇଥିଲା। ଏହି କାର୍ଯ୍ୟ ଯଥା ଶୀଘ୍ର ସାରିବା ପାଇଁ ଟ୍ରଷ୍ଟ ବୋର୍ଡକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ମନ୍ଦିର ସେବାୟତଙ୍କ ପକ୍ଷରୁ ଅନୁରୋଧ କରାଯାଇଥିବା ନିତୀକାନ୍ତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉକ୍ତ ବୈଠକରେ ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, କେନ୍ଦ୍ରାପଡା ତହସିଲଦାର କୁଇନ ଜେନା, କେନ୍ଦ୍ରାପଡା ପୌର ନିର୍ବାହୀ ଅଧିକାରୀ ତ୍ରିନାଥ ବେହେରା, ପୂର୍ତ୍ତବିଭାଗର ଇଞ୍ଜିନିୟରମାନେ, ଟ୍ରଷ୍ଟ ବୋର୍ଡ ସଭ୍ୟ ପଣ୍ଡିତ ହୃଶୀକେଷ ରଥ, ପୂର୍ବତନ ପୌରାଧକ୍ଷ ଧିରେନ କୁମାର ସାହୁ, ସେବକ ଟ୍ରଷ୍ଟି ନୃସିଂହ ପ୍ରସାଦ ପତ୍ରୀ, ଅନନ୍ତ ଚରଣ କର, ରଞ୍ଜନ କୁମାର ପୃଷ୍ଟି, ଅକ୍ଷୟ ମେକାପ, ଟୁକୁ ପତ୍ରୀ, ଉମାକାନ୍ତ ବଳ, ରଘୁନାଥ ମହାରଣା, ପୁପୁନ ସ୍ୱାଇଁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ଖଣ୍ଡପଡ଼ାରେ ଦେବ ଦମ୍ପତିଙ୍କ ମେଳଣ ପର୍ବ

ଖଣ୍ଡପଡ଼ା,୨୧।୬:(ମନ୍ଥନ)ଗତକାଲି ବିଳମ୍ବିତ ରାତିରେ ଖଣ୍ଡପଡା ଥାନା ସମ୍ମୁଖରେ ପବିତ୍ର ଶୀତଳ ଷଷ୍ଠୀ ଉପଲକ୍ଷେ ଦେବଦମ୍ପତିଙ୍କ ମେଳଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଗତ ଗୁରୁବାର ସହରାଞ୍ଚଳ ଅଧୀନ ପ୍ରଭୁ ନୀଳକଣ୍ଠେଶ୍ୱର ଦେବ, ବାଲୁଙ୍କେଶ୍ୱର ଦେବ, ସୁବର୍ଣ୍ଣେଶ୍ୱର ଦେବ, ଶ୍ରୀ ଲୋକନାଥ ଦେବ ଓ ବନ୍ଧ ବିମଳେଶ୍ୱର ଦେବଙ୍କ ପୀଠରେ ସ୍ୱତନ୍ତ୍ର ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ସହ ଶୀତଳ ଷଷ୍ଠୀ ଓ ଶିବ ବିବାହ ଅନୁଷ୍ଠିତ ହୋଇଥିଲା । ଅନ୍ୟପକ୍ଷରେ ଗତକାଲି ବିଳମ୍ବିତ ରାତିରେ ଘଣ୍ଟ, ମୃଦଙ୍ଗ ଆଦି ବାଦ୍ୟଯନ୍ତ୍ର ତାଳେ ତାଳେ ପଞ୍ଚ ଶମ୍ଭୁ ଠାକୁର ନଗର ପରିକ୍ରମା କରିଥିବା ବେଳେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବା ସହ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଥିଲା ।

ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ ପରିଚାଳନା ମକଡ୍ରିଲ ଅନୁଷ୍ଠିତ

ଯାଜପୁର,୨୧।୬:(ମନ୍ଥନ) ଗତକାଲି ଜରୁରୀକାଳୀନ ବିଭାଗ ପକ୍ଷରୁ ବରୀ ବ୍ଲକ ଅନ୍ତର୍ଗତ ଉଦୟନାଥପୁର ବାତ୍ୟା ଆଶ୍ରୟସ୍ଥଳୀରେ ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ ପରିଚାଳନା ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି । ଏଥି ସହିତ ଜିଲ୍ଲାର ବିଭିନ୍ନ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀରେ ମଧ୍ୟ ମକଡ୍ରିଲ ଅନୁଷ୍ଠିତ ହୋଇଛି । ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ପର୍ଯ୍ୟବେକ୍ଷକ ଜୟଜଗତ ସାହୁ ଯୋଗ ଦେଇ କହିଥିଲେ ଯେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକଙ୍କୁ କିପରି ବିଭିନ୍ନ ଉପାୟରେ ଉଦ୍ଧାର କରାଯାଇପାରିବ ଏବଂ ଧନଜୀବନ କ୍ଷୟକ୍ଷତିକୁ ରୋକି ହେବ ସେଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ। ଜନସାଧାରଣଙ୍କୁ ଏ ଦିଗରେ ସଚେତନ କରିବା ଉଦ୍ଦେଶ୍ୟରେ ସାରା ରାଜ୍ୟରେ ମକଡ୍ରିଲ ହୋଇଥିବା ବେଳେ ଯାଜପୁର ଜିଲ୍ଲାରେ ମୋଟ ୨୬ ଟି ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀ ରହିଛି। ପ୍ରାୟ ସମସ୍ତ ଆଶ୍ରୟସ୍ଥଳୀରେ ଏହି ମକଡ୍ରିଲ ଅନୁଷ୍ଠିତ ହୋଇଥିବା ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଅଶୋକ କୁମାର ବେହେରା କହିଛନ୍ତି।

ଟାଟା ଷ୍ଟିଲ୍ କଳିଙ୍ଗନଗର ଏବଂ ନୀଳାଚଳ ଇସ୍ପାତ ନିଗମରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ

କଳିଙ୍ଗନଗର, ୨୧।୬:(ମନ୍ଥନ) ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସକେ) ଏବଂ ନୀଳାଚଳ ଇସ୍ପାତ ନିଗମ (ଏନଆଇଏନଏଲ୍) ପକ୍ଷରୁ ରବିବାର ଦିନ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି ।ଏହି ଅବସରରେ ସେମାନଙ୍କ ନିଜ ନିଜର ଟାଉନସିପ୍‌ଗୁଡ଼ିକରେ ସ୍ୱତନ୍ତ୍ର ଯୋଗ ଶିବିର ଆୟୋଜନ କରାଯାଇଥିଲା। ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଲୋକଙ୍କ ମଧ୍ୟରେ ସ୍ୱାସ୍ଥ୍ୟ, କଲ୍ୟାଣ ଏବଂ କମ୍ୟୁନିଟି ଏକତାକୁ ପ୍ରୋତ୍ସାହିତ କରିବା ।ଟାଟା ଷ୍ଟିଲ୍ କଳିଙ୍ଗନଗରର କଳିଙ୍ଗନଗର

ଟାଉନସିପ୍ ଭିତରେ ଥିବା ସାର୍ ଦୋରାବଜୀ ଟାଟା ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ୱେଲନେସ୍ କମିଟି ପକ୍ଷରୁ ଏକ ଉତ୍ସାହଜନକ ପ୍ରାତଃକାଳୀନ ଯୋଗ ଶିବିରର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କର୍ମଚାରୀ ଏବଂ ସେମାନଙ୍କ ପରିବାର ବର୍ଗ ଅତ୍ୟନ୍ତ ଉତ୍ସାହର ସହ ଅଂଶଗ୍ରହଣ କରି ଏକାଠି ବିଭିନ୍ନ ଯୋଗାସନ ଏବଂ ପ୍ରାଣାୟାମର ଅଭ୍ୟାସ କରିଥିଲେ।ସେହିପରି, କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ମଧ୍ୟରେ ଏକ ସୁସ୍ଥ ଜୀବନଶୈଳୀକୁ ଆପଣେଇବା ପାଇଁ 'ନୀଳାଚଳ ଇସ୍ପାତ ନିଗମ' ଟାଉନସିପ୍‌ରେ ମଧ୍ୟ ଏକ ଯୋଗ ଶିବିରର ଆୟୋଜନ କରାଯାଇଥିଲା । ଏହି ଦୁଇଟି କାର୍ଯ୍ୟକ୍ରମ ନିଜର କର୍ମଚାରୀ ଓ ସେମାନଙ୍କ ପରିବାର ବର୍ଗଙ୍କ ଶାରୀରିକ ଏବଂ ମାନସିକ ସୁସ୍ଥତାକୁ ସୁଦୃଢ଼ କରିବା ପାଇଁ ସଂସ୍ଥା ଦ୍ୱୟର ନିରନ୍ତର ପ୍ରତିବଦ୍ଧତାକୁ ଦର୍ଶାଉଛି ।

ଗଞ୍ଜାମ କଲେଜରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ଗଞ୍ଜାମ, ୨୧।୬:(ମନ୍ଥନ)ଗଞ୍ଜାମ କଲେଜ, ଗଞ୍ଜାମରେ ରବିବାର ଉତ୍ସାହର ସହ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଛି। କଲେଜ ଅଧକ୍ଷା ଡ଼. ସ୍ମରଣିକା ହୋତାଙ୍କ ନିର୍ଦ୍ଦେଶନାରେ କଲେଜ ପରିସରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ୮୦ ରୁ ଉର୍ଦ୍ଧ କଲେଜ କର୍ମଚାରୀ, ଏନ୍‌ସିସି କ୍ୟାଡେଟ୍, ୱାଇଆରସି,ଏନ୍‌ଏସ୍‌ଏସ୍ ଏବଂ ସ୍ଥାନୀୟ ସ୍ୱେଚ୍ଛାସେବୀ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ଯୋଗ ମାଧ୍ୟମରେ ସ୍ୱାସ୍ଥ୍ୟ ଓ ସୁସ୍ଥତାର ବାର୍ତ୍ତା ପ୍ରଚାର କରୁଥିବା ଏହି ବିଶ୍ୱସ୍ତରୀୟ ଦିବସକୁ ସମସ୍ତେ ମିଳିତ ଭାବେ ପାଳନ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଶାରୀରିକ ସୁସ୍ଥତା, ମାନସିକ ସନ୍ତୁଳନ ଏବଂ ସୁସ୍ଥ ଜୀବନଶୈଳୀ ଗଠନରେ ଯୋଗର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରାଯାଇଥିଲା । ପରେ ଅଂଶଗ୍ରହଣକାରୀମାନେ ବିଭିନ୍ନ ଯୋଗାସନ, ପ୍ରାଣାୟାମ ଏବଂ ଧ୍ୟାନ ଅଭ୍ୟାସ କରିଥିଲେ। ବିଶିଷ୍ଟ ଯୋଗ ପ୍ରଶିକ୍ଷକ ଝଡ଼ିଅ। ବେହେରା ଏବଂ ନିରଞ୍ଜନ ରେଡ୍ଡୀ ଯୋଗ ଅଭ୍ୟାସର ନେତୃତ୍ୱ ନେଇ ବିଭିନ୍ନ ଯୋଗାସନ ଓ ଶ୍ୱାସକ୍ରିୟା ପ୍ରଣାଳୀର ପ୍ରଦର୍ଶନ କରିଥିଲେ। ସେମାନେ ସମସ୍ତଙ୍କୁ ନିୟମିତ ଭାବେ ଯୋଗକୁ ଦୈନନ୍ଦିନ ଜୀବନର ଅଂଶ କରିବାକୁ ପରାମର୍ଶ ଦେଇଥିଲେ । ଅବସରରେ ବକ୍ତାମାନେ ଯୋଗ

ମାଧ୍ୟମରେ ଶରୀର ଓ ମନ ମଧ୍ୟରେ ସନ୍ତୁଳନ ସ୍ଥାପନ ଏବଂ ଆଧୁନିକ ଜୀବନର ଚାପକୁ ହ୍ରାସ କରିବାରେ ଏହାର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ନିୟମିତ ଯୋଗାଭ୍ୟାସ ଓ ସମଗ୍ର ସୁସ୍ଥତାର ବାର୍ତ୍ତା ସହ କାର୍ଯ୍ୟକ୍ରମର ସମାପନ ହୋଇଥିଲା । ସେହିପରି ସହର ସ୍ଥିତ ବ୍ରହ୍ମ କୁମାରୀ ଈଶ୍ୱରୀୟ ଆଧ୍ୟାତ୍ମିକ ଅନୁଷ୍ଠାନରେ ମଧ୍ୟ ଆଧ୍ୟାତ୍ମିକ ପରିବେଷ ମଧ୍ୟରେ ଆନ୍ତର୍ଯ୍ୟାତିୟ ଯୋଗ ଦିବସ ପାଳିତ ହୋଇଥିଲା । ରାଜ ଯୋଗିନୀ କସ୍ତୁରୀ ଭଉଣୀ ଙ୍କ ପୌରହିତ୍ୟରେ ଓ ଯମୁନା ଭଉଣୀ ଙ୍କ ନେତୃତ୍ୟ ରେ ଯୋଗ ର ଆଭିମୁଖ୍ୟ ଓ ଆଧ୍ୟାତ୍ମିକ ବକ୍ତବ୍ୟ ପ୍ରଧାନ କରାଯାଇଥିଲା । ଏଥିରେ ଯୋଗଗୁରୁ ପଦ୍ମନାଭ ବେହେରା, ଓଜେୟୁ ରାଜ୍ୟ ମହିଳା ଆବାହିକା ତଥା ଆଶା ଇକବାଲ ଜାତୀୟ ପୁରସ୍କାର ପ୍ରାପ୍ତ ବିଜୟଲକ୍ଷ୍ମୀ ମହାଙ୍କୁଡ଼,ପୂର୍ବତନ ସରପଞ୍ଚ ଡି. ନିରଞ୍ଜନ ରେଡ୍ଡି, ଓଡିଶା ସାମ୍ବାଦିକ ସଙ୍ଘ ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା,ବିକେ ହୃଷିକେଶ ଭାଇ, ଆଇନଜୀବୀ ଶ୍ୟାମ ସୁନ୍ଦର ସାହୁ ପ୍ରମୁଖ ଯୋଗଦେଇ ଯୋଗାଭ୍ୟାସ କରିବା ସହ ଆଧ୍ୟାତ୍ମିକ ସମ୍ପର୍କିତ ବକ୍ତବ୍ୟ ପ୍ରଦାନ କରିଥିଲେ ।

ଜିଲ୍ଲା ସ୍ତରୀୟ ମ୍ୟାଲେରିଆ ମାସ ପାଳନ ପାଇଁ ବୈଠକ ଅନୁଷ୍ଠିତ

ଯାଜପୁର,୨୧।୬:(ମନ୍ଥନ)ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲ୍ଲା ସ୍ତରୀୟ ମ୍ୟାଲେରିଆ ମାସ ପାଳନ ନିମନ୍ତେ ବୈଠକ ଜିଲ୍ଲାପାଳ ଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅମ୍ବର କୁମାର କର ବୈଠକରେ ଅଧକ୍ଷତା କରି ଯଥାଶୀଘ୍ର ଜ୍ୱରରେ ପୀଡ଼ିତ ରୋଗୀଙ୍କ ମ୍ୟାଲେରିଆ ରକ୍ତ ପରୀକ୍ଷା କରି ସମ୍ପୂର୍ଣ୍ଣ ଚିକିତ୍ସା ଯୋଗାଇବା ପାଇଁ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା କଲ୍ୟାଣ ବିଭାଗର ଅଧିକାରୀଙ୍କୁ ଆଗାମୀ ୨ ଦିନ ମଧ୍ୟରେ ସମସ୍ତ ଆବାସିକ ସ୍କୁଲରେ ମଶାରୀ ବ୍ୟବହାର ସମ୍ପର୍କରେ ସଚେତନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆଗାମୀ ସପ୍ତାହରେ ହେବାକୁ ଥିବା ଫାଇଲେରିଆ ରୋଗୀ ଚିହ୍ନଟ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆଭାସୀ ମାଧ୍ୟମରେ ସମସ୍ତ ପଂଚାୟତର ସରପଂଚମାନଙ୍କୁ ସଚେତନ କରାଯିବ। ଏହାସହ ଆଗାମୀ ତିନି ମାସ ପାଇଁ ଭେକ୍ଟର ବାହିତ ରୋଗ ସମ୍ପର୍କରେ ସରପଂଚମାନଙ୍କୁ ସଚେତନ କରାଯିବ। ସଭା ଆରମ୍ଭରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ବିଜୟ କୁମାର ମିଶ୍ର ସ୍ୱାଗତ ଭାଷଣ ସହ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଭିବିଡି) ଡ. ରଶ୍ମୀ ରଞ୍ଜନ ସାହୁ ଏବଂ ଭେକ୍ଟର ବାହିତ ରୋଗ ପରାମର୍ଶଦାତା ବୈଷୟିକ ତଥ୍ୟ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଡା. ନିଶିଥ କୁମାର ଦାଶ, ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟର ଅନୁପ କୁମାର ମିଶ୍ର, ମହାରାଜା ଯଯାତି କେଶରୀ ଭେଷଜ ମହାବିଦ୍ୟାଳୟର ଅଧକ୍ଷା ଡ଼ା. ମନୋରମା ସ୍ୱାଇଁ, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଓ ପରାମର୍ଶଦାତା, ଶିଳ୍ପ ପ୍ରତିଷ୍ଠାନର କର୍ମକର୍ତ୍ତା ଏବଂ ଅନ୍ୟାନ୍ୟ ସହଯୋଗୀ ଅନୁଷ୍ଠାନର ସଦସ୍ୟ ଉପସ୍ଥିତ ଥିଲେ।

ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ଆନ୍ତର୍ଜାତୀୟ ଯୋଗ ଦିବସ ୨୦୨୬ ପାଳିତ

।ପରାଦୀପ, ୨୧।୬:(ମନ୍ଥନ) ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ସୁସ୍ଥ ବାର୍ଦ୍ଧକ୍ୟ ପାଇଁ ଯୋଗ ବିଷୟବସ୍ତୁ ଉପରେ ଦ୍ୱାଦଶ ଅନ୍ତର୍ଜାତୀୟ ଯୋଗ ଦିବସ ୨୦୨୬କୁ ଅତ୍ୟନ୍ତ ଉତ୍ସାହର ସହିତ ପାଳନ କରାଯାଇଛି ।ଏହି କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ଅଧିକାରୀ ଓ କର୍ମଚାରୀ, ସିଆଇଏସଏଫ କର୍ମଚାରୀ, ବନ୍ଦର ବ୍ୟବହାରକାରୀ, ଛାତ୍ର, ମହିଳା ଏବଂ ପାରାଦୀପ ସାକ୍ଷରତା ସମିତି ର ସଦସ୍ୟଙ୍କ ସମେତ ୫୦୦ ରୁ ଉର୍ଦ୍ଧ ବ୍ୟକ୍ତିଙ୍କ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ଏବଂ ଉପାଧକ୍ଷ ଟି.ଭେଣୁ ଗୋପାଳ, ବିଭାଗୀୟ ମୁଖ୍ୟ ଏବଂ ବରିଷ୍ଠ ଅଧିକାରୀଙ୍କ ସହିତ, ସାମୁହିକ ଯୋଗ ଅଧିବେଶନରେ ଅଂଶଗ୍ରହଣ କରି ବିଭିନ୍ନ ଯୋଗ ଆସନ କରିବାସହ ଆମ ଶରୀରକୁ ସୁସ୍ଥ ରଖିବାକୁ ହେଲେ କର ଯୋଗ ରହୋ ନିରୋଗ ବୋଲି ବୁଝାଇ କହିଥିଲେ ଏହି ଅଧିବେଶନ ପ୍ରସିଦ୍ଧ ଯୋଗ ଗୁରୁ ତାପସ ରଞ୍ଜନ ପତିଙ୍କ ମାର୍ଗଦର୍ଶନରେ ପରିଚାଳିତ ହୋଇଥିଲା।ଏହି ଅବସରରେ ଅଂଶଗ୍ରହଣକାରୀମାନେ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ କୋଲକାତାର ରେଡ ରୋଡରେ ଅନୁଷ୍ଠିତ ଦ୍ୱାଦଶ ଅନ୍ତର୍ଜାତୀୟ ଯୋଗ ଦିବସର ଜାତୀୟ ଉତ୍ସବର ସିଧା ପ୍ରସାରଣ ଦେଖିଥିଲେ।ଏହି ଅବସରରେ ପାରାଦୀପ ବନ୍ଦର ପ୍ରାଧିକରଣ ର ସାମାଜିକ ଶାଖା ପାରାଦୀପ ସାକ୍ଷରତା ସମିତି ସ୍ଥାନୀୟ ସ୍କୁଲ ଛାତ୍ରଛାତ୍ରୀଙ୍କ ସକ୍ରିୟ ଅଂଶଗ୍ରହଣରେ ପାରାଦୀପର ଅଫିସର୍ସ କ୍ଲବରେ ଏକ ସ୍ୱତନ୍ତ୍ର ଯୋଗ କାର୍ଯ୍ୟକ୍ରମ ଏବଂ ବୃକ୍ଷରୋପଣ ଅଭିଯାନ ଆୟୋଜନ କରିଥିଲ । ଏହି ପଦକ୍ଷେପ ପରିବେଶ ସଚେତନତାକୁ ପ୍ରୋତ୍ସାହିତ କରିଥିଲା ଏବଂ ଯୁବ ପିଢ଼ିଙ୍କୁ ସୁସ୍ଥ ଏବଂ ସ୍ଥାୟୀ ଜୀବନଶୈଳୀ ଗ୍ରହଣ କରିବାକୁ ଉତ୍ସାହିତ କରିଥିଲା ।

ଖରସ୍ରୋତା ପ୍ରେସକ୍ଲବର ରଜତ ଜୟନ୍ତୀ ଉତ୍ସବ ଓ ଉତ୍କଳ ସାମ୍ବାଦିକ ସଙ୍ଘର ଜିଲ୍ଲା ସମ୍ମିଳନୀ

ଯାଜପୁର,୨୧।୬:(ମନ୍ଥନ)ସମାଜରେ ପୀଡିତ ଅସହାୟ ମଣିଷ ନ୍ୟାୟ ପାଇବା ପାଇଁ ଜଣେ ସାମ୍ବାଦିକଙ୍କ ସହାୟତା ଲୋଡିଥାଏ । ବେସାହାରା ମଣିଷ ପାଇଁ ସାମ୍ବାଦିକଟିଏ ଆଶାର କେନ୍ଦ୍ରବିନ୍ଦୁ ହୋଇଥାଏ ବୋଲି ଆଜି ପୂର୍ବାହ୍ନରେ ବିଞ୍ଝାରପୁର ବ୍ଲକର ସିଂହପୁର ଠାରେ ଖରସ୍ରୋତା ପ୍ରେସକ୍ଲବର ରଜତ ଜୟନ୍ତୀ ଉତ୍ସବ ଓ ଉତ୍କଳ ସାମ୍ବାଦିକ ସଙ୍ଘର ଯାଜପୁର ଜିଲ୍ଲା ସମ୍ମିଳନୀ ଉପଲକ୍ଷେ ଆୟୋଜିତ ସମାବେଶରେ ଯୋଗ ଦେଇ ବିଶିଷ୍ଟ ବକ୍ତାମାନେ ମତବ୍ୟକ୍ତ ରଖିଥିଲେ। ଆଜି ସିଂହପୁର ସ୍ଥିତ ସାଇ ମଣ୍ଡପ ପରିସରରେ ବିଞ୍ଝାରପୁର ବ୍ଲକର ଖରସ୍ରୋତା ପ୍ରେସକ୍ଲବର ୨୫ ତମ ବାର୍ଷିକ ଉତ୍ସବ ତଥା ରଜତ ଜୟନ୍ତୀ ଉତ୍ସବ ଓ ଉତ୍କଳ ସାମ୍ବାଦିକ ସଙ୍ଘର ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ଆଲୋଚନା.ଚକ୍ରରେ ଉତ୍କଳ ସାମ୍ବାଦିକ ସଙ୍ଘର ଜିଲ୍ଲା ସଭାପତି ହରିହର ସ୍ୱାଇଁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବରେ ଉତ୍କଳ ସାମ୍ବାଦିକ ସଙ୍ଘର ରାଜ୍ୟ ସଭାପତି ବିଭୂତିଭୂଷଣ କର,ଯୋଗଦେଇ ଦେଶର କେତେକ ରାଜ୍ୟ ସାମ୍ବାଦିକ ମାନଙ୍କୁ ଅନୁଦାନର ବ୍ୟବସ୍ଥା କରିଥିବା ବେଳେ ଓଡିଶାରେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସାମ୍ବାଦିକ ସଙ୍ଘ ସରକାରଙ୍କ ନିକଟରେ ବାରମ୍ବାର ଦାବୀ ଉଠାଇ ଆସିଛି ବୋଲି କହିଥିଲେ । ମୁଖ୍ୟବକ୍ତା ଭାବରେ ଦୈନିକ ଖବର କାଗଜ ପ୍ରଗତିବାଦୀର ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ ସାମ୍ବାଦିକ ମାନେ ଯଥାର୍ଥରେ ଲୋକ ପ୍ରତିନିଧୀ ବୋଲି କହିବା ସହିତ ସାମ୍ବାଦିକତା କୁ ସାମ୍ବାଦିକତା ଭଳି କରି ପାରିବାରେ ଆଗ୍ରହ ରଖୁଥିବା ବ୍ୟକ୍ତି ବୁଡି କୁ ଆସନ୍ତୁ ବୋଲି ଆହ୍ୱାନ ଦେଇଥିଲେ । ସମ୍ମାନୀତ ଅତିଥି ଭାବରେ ଉତ୍କଳ ସାମ୍ବାଦିକ ସଙ୍ଘର କାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜୀ, ବିଜେପି ନେତ୍ରୀ ବବିତା ମଲ୍ଲିକ, ସମାଜସେବୀ ବିଜୟ କୁମାର ଧଳ, ସାମ୍ବାଦିକ ସଙ୍ଘର ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, ରାଜ୍ୟ ସମ୍ପାଦକ ବିଶ୍ୱଜିତ୍ ନାୟକ, ଜିଲ୍ଲା ସମ୍ପାଦକ ପବିତ୍ରରଞ୍ଜନ ମହାନ୍ତି ଓ ଓଡ଼ିଆ ଭାଷା ଆନ୍ଦୋଳନ ପ୍ରବକ୍ତା ପବିତ୍ର ମହାରଥା ଖରସ୍ରୋତା ପ୍ରେସକ୍ଲବର ଉପଦେଷ୍ଟା ସୁଶାନ୍ତ କୁମାର ନାୟକ,ସଇଫୁର ରହେମାନ ପ୍ରମୁଖ ଯୋଗଦେଇଥିଲେ । ଆବାହକ ରତନଲାଲ ଭୂୟାଁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଖରସ୍ରୋତା ପ୍ରେସକ୍ଲବର ସଭାପତି ରମାଲାଲ ଭୂୟାଁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଖରସ୍ରୋତା ପ୍ରେସକ୍ଲବ. ସମ୍ପାଦକ ବାର୍ଷିକ ବିବରଣୀ ପାଠ କରିଥିଲେ ।ଏହି ଅବସରରେ ପ୍ରଫେସର ଅଜୟ ଓଝାଙ୍କ ରଚିତ ଖରସ୍ରୋତା ତୀରେ ତୀରେ ତୀର୍ଥ ନାମକ ଏକ ପୁସ୍ତକ ଅତିଥି ମାନଙ୍କ ଦ୍ୱାରା

ଉନ୍ମୋଚିତ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦନ କରିଥିବା ସମାଜସେବୀ ବିଜୟ କୁମାର ଧଳ, ଅଞ୍ଜୁପ୍ରଭା ଧଳ,ଡା.ରଞ୍ଜନ କୁମାର ମିଶ୍ର,ଡା.ଅରୁଣ କୁମାର ସାହୁ,ଡା.ଜିତେନ୍ଦ୍ର କୁମାର ମଲ୍ଲିକ,ଡ.ପଦ୍ମଚରଣ ଧଳ, ଶିକ୍ଷାବିତ୍ ଟିକି ଲତା ବେହେରା,ସମାଜସେବୀ ପଦ୍ମାକର ଗୁରୁ, ସାମ୍ବାଦିକ ଶରତ କୁମାର ପଥାଳ,ଶିକ୍ଷକ ନେତା ରବିନାରାୟଣ ମହାନ୍ତି, ସମାଜସେବୀ ପ୍ରତୀକ କୁମାର ମିଶ୍ର,ବରିଷ୍ଠ ନାଗରିକ ଶ୍ରୀବତ୍ସ ସାମଲ, ନାଟ୍ୟକାର ବାସୁଦେବ ଯେନା, କବି ସନ୍ତୋଷ କୁମାର ବେହୁରିଆ। ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଶତାଧିକ ସାମ୍ବାଦିକ ମାନେ ଯୋଗ ଦେଇଥିଲେ । ଯାଜପୁର ବ୍ଲକ ସଂଯୋଜକ ବିଦ୍ୟାଧର ବେହେରା,ମ୍ୟୁନିସିପାଲଟି ସଂଯୋଜକ ଦିବ୍ୟକାନ୍ତ କର, ଭରତ ନାୟକ,ଲିଙ୍ଗରାଜ ସାହୁ,ଦେବେନ୍ଦ୍ର ବେହେରା,ସ୍ନେହାସିସ ଚ୍ୟାଉ ପଟ୍ଟନାୟକ,ତପନ ନାୟକ,ସତ୍ୟବ୍ରତ ନାୟକ,ସୁଦୀପ କୁମାର ମିଶ୍ର,ପ୍ରଦ୍ୟୁମ୍ନ କୁମାର ବୋଇତ୍ତେଇ, ଭରତ ରାଉତ,ମନୋଜ ନାୟକ,ଲମ୍ବୋଦର ଦଳ ବେହେରା,ଜିତେନ୍ଦ୍ର ବେହେରା ଦଶରଥପୁର ବ୍ଲକ ସଂଯୋଜକ ଜୟ ପ୍ରକାଶ ନାୟକ, ରସୁଲପୁର ବ୍ଲକରୁ ସାମ୍ବାଦିକ କୈଳାସ ଚନ୍ଦ୍ର ରାଉତ, କଳ୍ପତରୁ ପଣ୍ଡା, ମନୋଜ କୁମାର ନାୟକ ଓ ଧର୍ମଶାଳା ବ୍ଲକରୁ କପିଳେନ୍ଦ୍ର ରାଉତ ଆଜିର ଉକ୍ତ ମିଟିଂ ରେ ଯୋଗଦେଇଥିଲେ । ବରୀ ବ୍ଲକରୁ ବାଞ୍ଛାନିଧି ସାହୁ, ସୁବାଶିଷ ରାଉତ,ପ୍ରଭାତ ମହାନ୍ତି. ସୁକିନ୍ଦା ଦାନଗଦି ବ୍ଲକରୁ ସଂଜୟ ଚନ୍ଦଙ୍କ ସମେତ ସାମ୍ବାଦିକ ମାନେ ସମାବେଶରେ ସାମିଲ ହୋଇଥିଲେ ସାମ୍ବାଦିକ ସରୋଜ କୁମାର ସାହୁ, ଶୁଭାଶିଷ ଦାଶ, ଶାନ୍ତନୁ ଦାସ, ସେକ୍ ଅମିନ ଅଲ୍ଲୀ, ସୌର କର,ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

୨ ବର୍ଷ ହେବ ଭୁଶୁଡି ପଡିଛି ଜଳ ଅମଳ ପ୍ରକଳ୍ପ

ମରାମତି କରୁନି ଏନଏସି ପ୍ରଶାସନ

ଖଣ୍ଡପଡ଼ା, ୨୧।୬:(ମନ୍ଥନ) ୨ ବର୍ଷ ତଳେ ଖଣ୍ଡପଡ଼ା ଏନଏସି ୫ନଂ ୱାର୍ଡ ଅଧୀନ ନୀଳାଚଳ ସାହିନିକଟରେ ବର୍ଷାଜଳ ଅମଳ ପ୍ରକଳ୍ପ ଡ୍ରେନ ଭୁଶୁଡିପଡିଥିଲା। ତେବେ ୨ ବର୍ଷ ପରେ ମଧ୍ୟ ଉକ୍ତଡ୍ରେନ ମରାମତି ହୋଇନଥିବା ବେଳେ ମୌସୁମୀ ଜନିତ ଲଗାଣ ବର୍ଷାରେ ସମସ୍ୟା ସୃଷ୍ଟି ହେବାରଆଶଙ୍କା ପ୍ରକାଶ ପାଇଛି । ମିଳିଥିବା ସୂଚନା ଅନୁଯାୟୀ ଜଳ ସଂରକ୍ଷଣକୁ ଗୁରୁତ୍ୱଦେଇ ରାଜ୍ୟସରକାର କିଛିବର୍ଷ ତଳେ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ ଯୋଜନା ଅଧୀନରେ ବର୍ଷାଜଳ ଅମଳପ୍ରକଳ୍ପର ପରିକଳ୍ପନା କରିଥିଲେ । ତଦନୁଯାୟୀ ତହସିଲ ଅପରପାର୍ଶ୍ୱ ସ୍ଥିତ ନୀଳାଚଳ ସାହିସଂଯୋଗ ରାସ୍ତାରେ ଏହି ପ୍ରକଳ୍ପକୁ ମଞ୍ଜୁରୀ ମିଳିଥିଲା । ମୋଟ ୯୨ ହଜାର ଟଙ୍କା ବ୍ୟୟ ଅଟକଳରେନିର୍ମିତ ଏହି ପ୍ରକଳ୍ପ ୨୦୨୨ ମସିହାରେ ନିର୍ମାଣ ହୋଇଥିଲା । ମାତ୍ର ପ୍ରକଳ୍ପ ନିର୍ମାଣର ପ୍ରାୟ ୨୪ ମାସ ପରେ ଲଗାଣ ବର୍ଷାରେ ଡ୍ରେନ ଭୁଶୁଡି ପଡିବା ଯୋଗୁଁ ନିମ୍ନମାନର କାମ ଅଭିଯୋଗ କରିଥିଲେସ୍ଥାନୀୟ ବାସିନ୍ଦା ।ସମ୍ପୃକ୍ତ ପ୍ରକଳ୍ପର ଗୋଟିଏ ପାର୍ଶ୍ୱରେ ପ୍ରାୟ ୩୦ ଫୁଟରୁ ଉର୍ଦ୍ଧ୍ୱଡ୍ରେନ ମାଟିରେ ଲୋଟିଥିବା ବେଳେ ଡ୍ରେନ ଦେଇ ଜଳ ନିଷ୍କାସନ ଏକରକମ ବନ୍ଦ ରହିଥିବା ସୂଚନାମିଳିଛି । ସେସମୟରେ କାମ କରୁଥିବା ଏସଏଚଜି ସଂସ୍ଥା ସଠିକ ଢଙ୍ଗରେ କାମ କରିନଥିବା ନେଇଅଭିଯୋଗ ହୋଇଥିବା ବେଳେ କାମ ତଦାରଖ କରୁଥିବା ଯନ୍ତ୍ରୀ ମଧ୍ୟ ଇତିମଧ୍ୟରେ ଖଣ୍ଡପଡ଼ାରୁଅନ୍ୟତ୍ର ବଦଳି ହେଲେଣିୟ ମାତ୍ର ନିମ୍ନମାନର କାମ ଯୋଗୁଁ ଟିକସ ଦାତାଙ୍କ ଅର୍ଥ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)କୁ କାମ ଦିଆଯାଇଥିଲା । ମାତ୍ର ଅସାଧୁ ଠିକାଦାର ଏସଏଚଜି ମାନଙ୍କ ଠାରୁ କିଣିନେଇମନମୁତାବକ କାମ କରିବା

ପାଣିରେ ପଡିବାସଦୃଶ ବୋଲି ଅଭିଯୋଗ ହୋଇଥିବା ବେଳେ ମରାମତି ଦିଗରେ ପଦକ୍ଷେପ ନେଇନାହିଁ ଏନଏସିକର୍ତ୍ତୃପକ୍ଷ । ସହରାଞ୍ଚଳରେ ବାସ କରୁଥିବା ଅସହାୟ ଶ୍ରମିକମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀକର୍ମତତ୍ପର ଯୋଜନାରେ ବିଭିନ୍ନ ପ୍ରକଳ୍ପ ନିର୍ମାଣ ନେଇ ସହିତ ଅଧିକାରୀଙ୍କୁ ପ୍ରଭାବିତ କରି ବିଲ କରାଇନେଲେ । ଯାହାଫଳରେ ଏହିଯୋଜନା ଫେଲ ମାରିଥିବା ନେଇ ସାଧାରଣରେ ଅଭିଯୋଗ ହେଉଛି । ଜିଲ୍ଲା ପ୍ରଶାସନ ତୁରନ୍ତ ଏଦିଗରେ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

ସୃଜନ

ପୃଷ୍ଠା ୦୪

ସୋମବାର ୨୨, ଜୁନ୍ ୨୦୨୬, ଭୁବନେଶ୍ୱର
Monday, 22 June 2026 Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।

ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

ଓଡିଶାର ସାମାଜିକ ସୁରକ୍ଷା ସଙ୍କଟ

ଓଡିଶାର ସାମାଜିକ ସୁରକ୍ଷା ବ୍ୟବସ୍ଥାରେ ଆଜି ଯେଉଁ ଅଭାବନୀୟ ଓ ସଂଗୀନ ସଙ୍କଟ ଦେଖାଦେଇଛି, ତାହା କେବଳ ଏକ ପ୍ରଶାସନିକ କିମ୍ବା ବେସରକାରୀ ତ୍ରୁଟି ନୁହେଁ, ବରଂ ଏକ ଚରମ ମାନବୀୟ ସଙ୍କଟ ଏବଂ ସାମାଜିକ ବ୍ୟବସ୍ଥାର ମୂଳଦୁଆ ଉପରେ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏକ ଗଣତାନ୍ତ୍ରିକ ଏବଂ କଲ୍ୟାଣକାରୀ ସରକାରର ମୌଳିକ ଦାୟିତ୍ୱ ଓ ପରମ କର୍ତବ୍ୟ ହେଉଛି ସମାଜର ସବୁଠାରୁ ନିମ୍ନ ସ୍ତରରେ, ଅର୍ଥାତ ଶେଷ ଧାଡିରେ ଠିଆ ହୋଇଥିବା ଅସହାୟ, ଦରିଦ୍ର, ବୃଦ୍ଧବୃଦ୍ଧା, ଅନାଥ, ବିଧବା ଏବଂ ଭିନ୍ନକ୍ଷମମାନଙ୍କୁ ସର୍ବନିମ୍ନ ସୁରକ୍ଷା ଓ ବଂଚିବାର ଅଧିକାର ପ୍ରଦାନ କରିବା, ମାତ୍ର ଓଡିଶା ଭଳି ଏକ ବିକାଶଶୀଳ ରାଜ୍ୟରେ ଯେଉଁଠାରେ ଲକ୍ଷ ଲକ୍ଷ ପରିବାର କେବଳ ଏବଂ କେବଳ ସରକାରୀ ଆର୍ଥିକ ସହାୟତା ଉପରେ ନିର୍ଭର କରି ନିଜର ଦାନା କାନି ତଥା ଦୈନନ୍ଦିନ ଗୁଜୁରାଣ ମେଂଟାଇଥାନ୍ତି, ସେଠାରେ ଗତ ତିନି ମାସ ଧରି 'ମଧୁବାବୁ ପେନସନ ଯୋଜନା' ସମେତ ବିଭିନ୍ନ ସାମାଜିକ ନିରାପତା ଭତା ହଠାତ ବନ୍ଦ ହୋଇଯିବା ଫଳରେ ସାରା ରାଜ୍ୟରେ ଏକ କରୁଣ ଓ ଯାତନାଦାୟକ ପରିବେଶ ସୃଷ୍ଟି ହୋଇଛି। ଏହି ପରିପ୍ରେକ୍ଷୀରେ ଯଦି ଆମେ ଏକ ବଡ ସାମାଜିକ ତୁଳନାତ୍ମକ ପ୍ରଶ୍ନ ଉଠାଇବା ଯେ, ଯେଉଁଭଳି ଭାବରେ ଗରିବ ଏବଂ ଅସହାୟ ଲୋକଙ୍କର ମାସିକ କେଇଶହ ଟଙ୍କାର ଭତାକୁ ମାସ ମାସ ଧରି ଅଟକାଇ ରଖାଯାଇଛି, ଠିକ ସେହିପରି ଯଦି ସାରା ଜୀବନ ସରକାରୀ ବ୍ୟବସ୍ଥାରେ କାର୍ଯ୍ୟ କରି ଅବସର ନେଇଥିବା ଉଚ୍ଚପଦସ୍ଥ କର୍ମଚାରୀ କିମ୍ବା ମଧ୍ୟମ ଶ୍ରେଣୀର ଚାକିରିଆମାନଙ୍କର ମାସିକ ପେନସନ କୌଣସି ପ୍ରଶାସନିକ କାରଣରୁ ତିନି ମାସ ପାଇଁ ସମ୍ପୂର୍ଣ୍ଣ ବନ୍ଦ ହୋଇଟାଏ, ତେବେ ସେମାନଙ୍କ ମନରେ ଏବଂ ସମଗ୍ର ବ୍ୟବସ୍ଥାରେ କିଭଳି ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବ ଏବଂ ସେମାନେ କିପରି ଅନୁଭବ କରିବେ, ତାହା କଳ୍ପନା କଲେ ସାମଜିକ ବୈଷମ୍ୟର ପ୍ରକୃତ ଓ ନଗ୍ନ ରୂପ ସାମ୍ନାକୁ ଆସିଥାଏ। ବାସ୍ତବରେ ଓଡିଶାର ଗ୍ରାମାଂଚଳ ଓ ଦୁର୍ଗମ ଅଂଚଳରେ ରହୁଥିବା ଜଣେ ଅସହାୟ ବୟୋବୃଦ୍ଧ ବ୍ୟକ୍ତି, ଶାରୀରିକ ବା ମାନସିକ ଭାବେ ଅକ୍ଷମ ଜଣେ ଭିନ୍ନକ୍ଷମ କିମ୍ବା ସ୍ୱାମୀଙ୍କୁ ହରାଇ ସମାଜରେ ଏକାକୀ ସଂଘର୍ଷ କରୁଥିବା ଜଣେ ନିରାଶ୍ରୟ ବିଧବା ମହିଳାଙ୍କ ପାଇଁ ସରକାରଙ୍କ ତରଫରୁ ପ୍ରଦାନ କରାଯାଉଥିବା ଏହି ମାସିକ ଭତା କୌଣସି ବିଳାସିତା ବା ଅତିରିକ୍ତ ଆନନ୍ଦର ଉତ୍ସ ନୁହେଁ ବରଂ ଏହା ସେମାନଙ୍କ ପାଇଁ ଦୁଇ ଓଳି ମୁଠେ ସାଧାରଣ ଭାତ ଖାଇବା, ବାର୍ଦ୍ଧକ୍ୟ ଜନିତ ରୋଗରୁ ମୁକ୍ତି ପାଇଁ କିଛି ଜରୁରୀ ଔଷଧ କିଣିବା ଏବଂ ନିଜର ଶରୀରକୁ ଆଜୀବନ କରିବା ପାଇଁ ଖଣ୍ଡେ ଲୁଗା ଯୋଗାଡ କରିବାର ଏକମାତ୍ର ଜୀବନ ରକ୍ଷାକାରୀ ସାହାରା ଅଟେ। ଗତ ତିନି ମାସ ହେବ ପ୍ରଶାସନର ଚରମ ଉଦାସୀନତା କିମ୍ବା ବ୍ୟବସ୍ଥାର କୌଣସି ଯାନ୍ତ୍ରିକ ତ୍ରୁଟି ହେତୁ ଏହି ଅର୍ଥ ମିଳିନଥିବା ଯୋଗୁଁ ଆଜି ହଜାର ହଜାର ଗରିବ ପରିବାର ଓଳିଏ ଖାଇ ଓଳିଏ ଉପାସ ରହୁଛନ୍ତି, ଅନେକ ବୃଦ୍ଧବୃଦ୍ଧା ଟଙ୍କା ଅଭାବରୁ ନିଜର ନିୟମିତ ଔଷଧ କିଣି ନପାରି ଶଯ୍ୟାଶାୟୀ ହୋଇ ମରଣ ସହ ପଞ୍ଝା ଲଢୁଛନ୍ତି ଏଂବ ବୟସର ଅପରାହ୍ନରେ ପହଂଚିଥିବା ଏହି ଅସହାୟ ମଣିଷମାନେ ପ୍ରତି ମାସରେ ଖରା, ବର୍ଷା ଓ ଶୀତକୁ ଖାତିର ନକରି ପଂଚାୟତ କାର୍ଯ୍ୟାଳୟ, ବ୍ଲକ ଅଫିସ କିମ୍ବା ବ୍ୟାଙ୍କ ସମ୍ମୁଖରେ ସକାଳୁ ସଞ୍ଜ ପର୍ଯ୍ୟନ୍ତ ଲମ୍ବା ଲାଇନ ଲଗାଇ ଶେଷରେ ଶୂନ୍ୟ ହାତରେ ଓ ନିରାଶ ମନରେ ନିଜ ଘରକୁ ଫେରୁଛନ୍ତି, ଯେଉଁଠି ସେମାନଙ୍କ ଆଖିରୁ ଝରି ପଡୁଥିବା ଅଶ୍ରୁର ଏବଂ ମନର କୋହ ଆଜି ପ୍ରଶାସନକି ସ୍ଥାଣୁତାର ଏକ ଜ୍ୱଳନ୍ତ ମୂକ ସାକ୍ଷୀ ସାଜିଛି। ଯଦି ଆମେ ଏହି କଠୋର ସତ୍ୟ ସହ ସରକାରୀ ଅବସରପ୍ରାପ୍ତ କର୍ମଚାରୀଙ୍କ ସ୍ଥିତିକୁ କଳ୍ପନାତ୍ମକ ଭାବେ ତୁଳନା କରିବା, ତେବେ ଦେଖାଯିବ ଯେ ଜଣେ ସରକାରୀ ଚାକିରିଆ ନିଜର ସାରା ଜୀବନର ସେବା ଓ ପରିଶ୍ରମ ପରେ ଏହି ଆଶାରେ ଥାଆନ୍ତି ଯେ ବୃଦ୍ଧାବସ୍ଥାରେ ସେମାନଙ୍କୁ ମିଳୁଥିବା ମାସିକ ପେନ୍ସନ୍ ଅର୍ଥ ସେମାନଙ୍କୁ ସମାଜରେ ଆର୍ଥିକ ସ୍ୱାଧୀନତା ଓ ସ୍ୱାଭିମାନ ପ୍ରଦାନ କରିବ, ମାତ୍ର ଯଦି ସରକାର ସେମାନଙ୍କ ପେନ୍ସନ୍‌କୁ ତିନି ମାସ ପାଇଁ ଅଟକାଇ ଦିଅନ୍ତି, ତେବେ ସର୍ବପ୍ରଥମେ ସେମାନଙ୍କ ମାନସିକ ଶାନ୍ତି ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ ହୋଇଯିବ, ସେମାନେ ନିଜକୁ ଗଭୀର ଆର୍ଥିକ ଅସୁରକ୍ଷିତତା ମଧ୍ୟକୁ ଠେଲି ହୋଇଯାଇଥିବା ଅନୁଭବ କରିବେ ଏବଂ ସାରା ଜୀବନ ଯେଉଁ ବ୍ୟବସ୍ଥାର ଚାବି କାଠି ଧରି ସେମାନେ ଶାସନ ଗାଡି ଚଳାଉଥିଲେ, ହଠାତ ସେହି ବ୍ୟବସ୍ଥା ଦ୍ୱାରା ନିଜକୁ ପ୍ରତାରିତ ଓ ଅପମାନିତ ମନେ କରିବେ। କେବଳ ସେତିକି ନୁହେଁ, ଆମର ବର୍ତମାନର ସାମାଜିକ ଏବଂ ପାରିବାରିକ ଚିତ୍ରକୁ ଦେଖିଲେ ଏହା ସ୍ପଷ୍ଟ ଜଣାପଡେ ଯେ ଅନେକ ସମୟରେ ବୃଦ୍ଧ ପିତାମାତାଙ୍କୁ ପରିବାରରେ ଯେଉଁ ସମ୍ମାନ, ସ୍ନେହ ଓ ଶ୍ରଦ୍ଧା ମିଳିଥାଏ, ତାହା ପଛରେ ସେମାନଙ୍କ ଆର୍ଥିକ ସ୍ଥିରତା ବା ପେନସନର ଏକ ବଡ ଗୁପ୍ତ ଭୂମିକା ଥାଏ, ତେଣୁ ପେନସନ ବନ୍ଦ ହେବା ମାତ୍ରେ ସେହି ସ୍ୱାଭିମାନୀ ବୃଦ୍ଧମାନେ ନିଜ ନିଜ ପରିବାରରେ କାଳକ୍ରମେ ଏକ ବୋଝ ସଦୃଶ ହୋଇଯିବାର ଆଶଙ୍କା ଦେଖାଦେବ, ଯେଉଁଠି ଦୈନନ୍ଦିନ ଖର୍ଚ୍ଚ, ଘର ଭଡା ଏବଂ ମେଡିକାଲ ଖର୍ଚ୍ଚ ପାଇଁ ସେମାନଙ୍କୁ ନିଜ ପିଲାମାନଙ୍କ ଆଗରେ ବାଧ ହୋଇ ହାତ ପାତିବାକୁ ପଡିବ, ଯାହା ଜଣେ ସ୍ୱାଭିମାନୀ ଅବସରପ୍ରାପ୍ତ ବ୍ୟକ୍ତିଙ୍କ ପାଇଁ ମରଣାନ୍ତକ ଯାତନାଠାରୁ ମଧ ଅଧିକ କଷ୍ଟଦାୟକ ହୋଇଥାଏ। ଏହା ସହିତ ଯଦି ସରକାରୀ କର୍ମଚାରୀଙ୍କ ପେନସନରେ ବି ବିଳମ୍ବ ହୁଏ, ତେବେ ରାଜ୍ୟର ବିଭିନ୍ନ ପ୍ରଭାବଶାଳୀ କର୍ମଚାରୀ ସଂଘ ତତ୍କାଳ ସଂଗଠିତ ହୋଇ ରାଜନୀତିକୁ ଓହ୍ଲାଇ ଆସିବେ, ହାତରେ କଳା ବ୍ୟାଜ୍ ପିନ୍ଧିବା, ସଚିବାଳୟ କିମ୍ବା ବିଧାନସଭା ସମ୍ମୁଖରେ ଗର୍ଜନ କରି ଧାରଣା ଦେବା ଏବଂ ସମଗ୍ର ଗଣମାଧ୍ୟମ ଓ ସୋସିଆଲ ମିଡିଆରେ ସରକାରଙ୍କ ବିରୋଧରେ ତୀବ୍ର ଅସନ୍ତୋଷ ପ୍ରକାଶ କରି ଶାସନ ବଳକୁ ସ୍ଥାଣୁ କରିଦେବା ନିଶ୍ଚିତ ହୋଇଯିବ, କାରଣ ସେମାନଙ୍କ ପାଖରେ ଶିକ୍ଷା ଅଛି, ଅଧିକାର ମାଗିବାର ସ୍ୱର ଅଛି, ବଡ ସଂଗଠନ ଅଛି ଏବଂ ଆବଶ୍ୟକୀୟ ସଂସାଧନ ମଧ୍ୟ ପ୍ରଚୁର ପରିମାଣରେ ରହିଛି। ମାତ୍ର ଏହି ପରିପ୍ରେକ୍ଷୀରେ ହିଁ ସମାଜର ସବୁଠାରୁ ବଡ ଏବଂ କ୍ରୁର ବୈଷମ୍ୟ ପଦାରେ ପଡିଥାଏ, କାରଣ ସକ୍ଷମ ସରକାରୀ କର୍ମଚାରୀ କିମ୍ବା ପେନସନ ଭୋଗୀଙ୍କ ପାଖରେ ନିଜର ଅଧିକାର ସାବ୍ୟସ୍ତ କରିବା ସଂଘ ଓ ଶକ୍ତି ଥିବାବେଳେ ଓଡିଶାର କୌଣସି ଜଣେ ଦରିଦ୍ର ବୃଦ୍ଧି, ଅସହାୟ ବିଧବା କିମ୍ବା ଶାରୀରିକ ଅକ୍ଷମ ଭିନ୍ନକ୍ଷମଙ୍କ ପାଖରେ କୌଣସି ନିଜସ୍ୱ ସଂଗଠନ ନାହିଁ, ସେମାନେ ନିଜର ଭୋକିଲା ପେଟକୁ ଧରି ରାଜପଥ ଅବରୋଧ କରି ଗାଡି ମୋଟର ବନ୍ଦ କରିପାରିବେ ନାହିଁ କି ପ୍ରେସ କ୍ଲବରେ ବସି ସାମ୍ବାଦିକ ସମ୍ମିଳନୀ ଜରିଆରେ ସରକାରଙ୍କୁ ଚେତାବନୀ ଦେଇପାରିବେ ନାହିଁ, ତେଣୁ ସେମାନଙ୍କ କୋହ ଓ ଆକ୍ରୋଶ କେବଳ ପଂଚାୟତ ଅଫିସର ଶୀତଳ କାନ୍ଥ ଏବଂ ବାରଣ୍ଡାର ଶୂନ୍ୟତାରେ ମିଶି ଅତି ନିସ୍ତବ୍ଧ ଭାବେ ରହିଯାଏ।

ଯୋଗ ଓ ମହିଳା ସ୍ୱାସ୍ଥ୍ୟ

ଡାକ୍ତର ଶୁଭଶ୍ରୀ ମିଶ୍ର

ଆଧୁନିକ ଚିକିତ୍ସାର ବିବିଧ କ୍ଷେତ୍ରରେ ଅସାଧାରଣ ପ୍ରଗତି ହୋଇଥିଲେ ମଧ ଆଜି ଶାରୀରିକ ଏବଂ ମାନସିକ ରୋଗୀଙ୍କର ସଂଖ୍ୟା କ୍ରମଶଃ ବୃଦ୍ଧି ପାଇବାରେ ଦେଖାଯାଉଛି। ମଣିଷକୁ ନୀରୋଗ ଏବଂ ଦୀର୍ଘଜୀବୀ କରି ରଖିବା ପାଇଁ ବିଶ୍ୱସ୍ତରରେ ବହୁ ଗବେଷଣା କରାଯାଇଛି ଏବଂ କରାଯାଉଛି; କିନ୍ତୁ ଏ ପର୍ଯ୍ୟନ୍ତ ଏ ବାବଦରେ କୌଣସି ଗୋଟିଏ ସର୍ବମାନ୍ୟ ସର୍ବସୁଲଭ ସୂତ୍ର ହସ୍ତଗତ ହୋଇପାରିନାହିଁ। ଅତି ପ୍ରାଚୀନ କାଳରୁ ସେଥିପାଇଁ ଭାରତୀୟ ଯୋଗବିଦ୍ୟା ବିଶାରଦମାନେ ଏହି ସ୍ଥୂଳଚିକିତ୍ସା ପଛରେ ନଧାଇଁ କେମିତି ସବୁ ରୋଗର ସୂକ୍ଷ୍ମସ୍ତରରେ ଚିକିତ୍ସା ହୋଇପାରିବ, ସେ ଦିଗରେ ଗହନ ଅନୁସନ୍ଧାନ କରିଥିଲେ। ଆଜିକାଲି ବୈଜ୍ଞାନିକମାନେ କହୁଛନ୍ତି ଦଶଭାଗ ରୋଗର କାରଣ ସ୍ଥୂଳଶରୀର ହେଲେ ବାକି ନବେ ଭାଗ ରୋଗର କାରଣ ସୂକ୍ଷ୍ମ ଶରୀର। ଅର୍ଥାତ୍ ଦୂଷିତମନ, ବିଚାର, ଭାବନା, କଳ୍ପନା ଇତ୍ୟାଦି। ଏକଥା ହଜାର ହଜାର ବର୍ଷ ତଳେ ଆମର ଦିବ୍ୟଦ୍ରଷ୍ଟା ଯୋଗୀ ଋଷିମାନେ ଜାଣି ସେଥିପାଇଁ ରୋଗର ସ୍ଥାୟୀ ପ୍ରତିକାର ସ୍ଥୂଳ ସ୍ତରରେ ନ କରି ସୂକ୍ଷ୍ମସ୍ତରର ସିଦ୍ଧଶକ୍ତି ମିଳି ଯାଉଥିଲା। ତା ଦ୍ୱାରା ସେମାନେ କେବଳ ରୋଗ ନିବାରଣରେ ସଫଳ ହୋଇଥିଲେ ତାହା ନୁହେଁ, ବରଂ ଦୀର୍ଘାୟୁ ଲାଭ କରୁଥିଲେ।

ତେବେ ମହିଳା ମାନଙ୍କ ପାଇଁ ଯୋଗାସନର ପ୍ରାସଙ୍ଗିକତା ଅନେକ ଚର୍ଚ୍ଚା ସୃଷ୍ଟି କରୁଥିଲେ ବି ବିଶ୍ୱ ଯୋଗ ଦିବସ ଅବସରରେ ଏହାର ଅନ୍ତର୍ନିହିତ ତାତ୍ପର୍ଯ୍ୟ ସମ୍ବନ୍ଧରେ କିଛି ଲେଖୁଛୁ। ବର୍ତ୍ତମାନର ପରିବର୍ତ୍ତିତ ଏବଂ ବ୍ୟସ୍ତବହୁଳ ଜୀବନଶୈଳୀ ଅନେକଙ୍କ ଠାରେ ବିଶେଷ କରି ମହିଳାଙ୍କ ଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବା ଲାଗି ମୁଖ୍ୟତଃ ଦାୟୀ। ଏମିତିରେ ଦୈନିକ କିଛି ସମୟ ଯୋଗ କରିବା ସ୍ୱାସ୍ଥ୍ୟ ପକ୍ଷେ ବରଦାନ ସଦୃଶ। ଏହା ଶରୀରର ପଞ୍ଚ ଇନ୍ଦ୍ରିୟ, ସ୍ନାୟୁ ତନ୍ତ୍ର, ରକ୍ତନାଡ଼ି, ଶ୍ୱାସକ୍ରିୟା ଆଦିକୁ ସୂଚାରୁରୂପେ ସଞ୍ଚାଳନ କରିବାରେ ସାହାଯ୍ୟ କରିଥାଏ। ଏହାଦ୍ୱାରା ଶାରୀରିକ, ମାନସିକ, ବୌଦ୍ଧିକ ଏବଂ ଆତ୍ମିକ ସବୁ କ୍ଷେତ୍ରର ବିକାଶ ସମ୍ଭବ ହୋଇଥାଏ। କର୍ମଜୀବୀ ହୁଅନ୍ତୁ ଅବା ଗୃହିଣୀ ଯୋଗ ପ୍ରତ୍ୟେକଙ୍କ ଲାଗି ଉପକାରୀ।

ନିୟମିତ ଯୋଗାସନ କରିବା ଦ୍ୱାରା ମାନସିକ ସନ୍ତୁଳନ ରକ୍ଷା କରିଥାଏ। ଫଳରେ ମସ୍ତିଷ୍କର କାର୍ଯ୍ୟ ଦକ୍ଷତା ବୃଦ୍ଧି ହୋଇଥାଏ। ଚିଡ଼ିଚିଡ଼ା ପଣ, ଅବସାଦ ଆଦି ଦୂର ହୋଇ ମାନସିକ ଶାନ୍ତି ମିଳିଥାଏ। ଏହାର ଦ୍ୱାରା ଶରୀରରେ ହରମୋନ ପରିବର୍ତ୍ତନ ଯୋଗୁଁ ବିଶେଷ କରି ଋତୁସ୍ରାବ ବିରତି ପରେ ହେଉଥିବା ସ୍ୱାସ୍ଥ୍ୟ ସମସ୍ୟା ଦୂର କରିବାରେ ସାହାଯ୍ୟ କରିଥାଏ। ଶରୀରରେ ନମନୀୟତା ଏବଂ ଶକ୍ତି ବୃଦ୍ଧି ପାଉଥିବାରୁ ଶାରୀରିକ ପୀଡ଼ା ବିଶେଷ କରି ପିଠି, ଆଣ୍ଠୁ ଗଣ୍ଠି, ବେକ ଆଦି ସ୍ଥାନରେ ହେଉଥିବା ଯନ୍ତ୍ରଣା ଶୀଘ୍ର ଭଲ ହୋଇଯାଇଥାଏ। ଯୋଗ କରିବା ସମୟରେ ବିଭିନ୍ନ ଯୋଗମୁଦ୍ରା ଏବଂ ଶ୍ୱାସ କ୍ରିୟା ମଧ୍ୟରେ ସାମଞ୍ଜସ୍ୟ ଯୋଗୁ ଶରୀରର ରକ୍ତ ସଞ୍ଚାଳନ ପ୍ରକ୍ରିୟା ସୁଚାରୁରୂପେ ହୋଇଥାଏ। ଫଳରେ ଶରୀରରେ ଅମ୍ଳଜାନ ଏବଂ ପୋଷକ ତତ୍ତ୍ୱର ଭଲ ହେବା ଯୋଗୁଁ ତ୍ୱଚା ଏବଂ ଅନ୍ତ ଅଙ୍ଗ ଗୁଡ଼ିକ ମଧ ସୁସ୍ଥ ରହିଥାଏ। ବିଭିନ୍ନ ଯୋଗାସନ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟର ଉନ୍ନତି କରିବା ସହ ମଣିଷକୁ ନୀରୋଗ, ଗତିଶୀଳ, ଉତ୍ସାହୀ ଏବଂ ଖୁସି ରଖିଥାଏ। ସୂଚାରୁରୂପେ ଶ୍ୱାସ ପ୍ରକ୍ରିୟାର ସମ୍ପାଦନ କରିବାରେ ବି ଯୋଗାସନର ଭୂମିକା ରହିଛି। ଏହା ବ୍ୟତୀତ ଶାରୀରିକ କାର୍ଯ୍ୟଦକ୍ଷତା ଏବଂ ସହନଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ। ଯେଉଁ ମହିଳାମାନେ ଅଧିକ ସମୟ ଧରି ଗୋଟେ ସ୍ଥାନରେ ଠିଆ ହୋଇ ରୋଷେଇ କରୁଛନ୍ତି, ବସି ଅଫିସରେ କାମ କରୁଛନ୍ତି କିମ୍ବା ଗାଡ଼ି ଚଳାଉଛନ୍ତି ସେମାନେ ନିୟମିତ ଯୋଗ କରିବା ଜରୁରୀ। ବର୍ତ୍ତମାନ ମେଦ ବହୁଳତା ଅଧିକାଂଶ ମହିଳାଙ୍କ ଲାଗି ଏକ ବଡ଼ ସମସ୍ୟା ପାଲଟିଛି। ଆଉ ଏଥିଯୋଗୁ ଡାଇବେଟିସ୍, ରକ୍ତଚାପ ଭଳି ସମସ୍ୟା କମାଇ ଫିଟ ରଖିବା

ଲାଗି ଯୋଗାସନ ବେଶ ଉପକାରୀ।

ଯୋଗାସନ କରିବା ଦ୍ୱାରା ହାର୍ଟ ଏବଂ ଧମନୀ ସୁସ୍ଥ ରହିଥାଏ। ଅପରପକ୍ଷେ ରକ୍ତ ସଞ୍ଚାଳନ ଭଲ ଭାବେ ହେବା କାରଣରୁ ମଧ ହୃଦ୍‌ରୋଗ ଆଶଙ୍କା କମିଥାଏ। ନିୟମିତ ଯୋଗାଭ୍ୟାସ କଲେ ଦୃଷ୍ଟିଶକ୍ତି ଏବଂ ପାଚନ ଶକ୍ତି ବୃଦ୍ଧି ପାଇଥାଏ। ଏହା ମାଂସପେଶୀଗୁଡ଼ିକୁ ଶକ୍ତି ପ୍ରଦାନ କରିବା ସହ ମେଦ ହ୍ରାସ ଏବଂ ପତଳା ଶରୀରକୁ ବଳିଷ୍ଠ କରିଥାଏ। ମାସିକ ଋତୁସ୍ରାବ ସମୟରେ ଯନ୍ତ୍ରଣା କମାଇବାରେ ମଧ ଯୋଗାସନ ଫଳପ୍ରଦ। କେବଳ ଏତିକି ନୁହେଁ ନିୟମିତ ଯୋଗ କରିବା ଦ୍ୱାରା ସ୍ତନକର୍କଟ ଆଶଙ୍କା ମଧ କମିଥାଏ। ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ନିଦ୍ରାହୀନତା ଭୋଗୁଥିବା ମହିଳାଙ୍କ ଲାଗି ଏହା ଅତି ଉତ୍ତମ। ଯୋଗ ଦ୍ୱାରା ସୌନ୍ଦର୍ଯ୍ୟ ବୃଦ୍ଧି ପାଇଥାଏ। ଚର୍ମ ଚିକ୍କଣ ଏବଂ ସୁନ୍ଦର ରହିଥାଏ। କେଶ ମଜଭୁତ୍ ରହିଥାଏ। ଶରୀରର ଗଠନକୁ ଏହା ସୁଠାମ କରିଥାଏ।

ଯୋଗ କରିବାର ଉପଯୁକ୍ତ ସମୟ ହେଉଛି ସୂର୍ଯ୍ୟୋଦୟର ଅଧ ଘଣ୍ଟା ପୂର୍ବରୁ ସୂର୍ଯ୍ୟୋଦୟର ଏକ ଘଣ୍ଟା ପର୍ଯ୍ୟନ୍ତ। ତେଣୁ ଦିନର ଅନ୍ୟ କୌଣସି ସମୟ ଅପେକ୍ଷା ଆପଣ ଯଦି ଏହି ଦେଢ଼ଘଣ୍ଟା ସମୟ ମଧ୍ୟରେ ଯୋଗ କରୁଛନ୍ତି ତେବେ ଏହାର ସମ୍ପୂର୍ଣ୍ଣ ଲାଭ ଉଠାଇ ପାରିବେ। ଯୋଗ କେବଳ ଶାରୀରିକ ନୁହେଁ ମାନସିକ ସ୍ତରରେ ମଧ ପ୍ରଭାବ ପକାଇଥାଏ। ତେଣୁ ଆଦୌ ତରତର ହୋଇ ଯୋଗ କରନ୍ତୁ ନାହିଁ। ଯୋଗ କରିବା ସମୟରେ ମନକୁ ସ୍ଥିର ରଖନ୍ତୁ। ନଚେତ୍ ଏହା ଆପଣଙ୍କ ଲାଗି ଉପକାରୀ ସାବ୍ୟସ୍ତ ହେବା ବଦଳରେ ମାନସିକ ସ୍ତରରେ ନକାରାତ୍ମକ ପ୍ରଭାବ ପକାଇପାରେ।

ଯୋଗ କରିବାର ପ୍ରାରମ୍ଭିକ ଦିନ ଗୁଡ଼ିକରେ ଅଧିକାଂଶ ମହିଳା ଏକାସଙ୍ଗେ ବହୁତ ଯୋଗାସନ ତାହା ପୁଣି ଅଧିକ ସମୟ ପାଇଁ କରିଥାନ୍ତି। ହେଲେ ଯୋଗ କରିବାର ଶୀଘ୍ର ଫଳ ପାଇବା ଆଶାରେ ଏପରି କରିବା ଠିକ୍ ନୁହେଁ। କାରଣ ସମସ୍ତଙ୍କ ଶାରୀରିକ କ୍ଷମତା ଭିନ୍ନ ଭିନ୍ନ। ତେଣୁ ଆବଶ୍ୟକତାରୁ ଅଧିକ ଯୋଗ ଏକାଦିନେ କରିବା ଦ୍ୱାରା ମଧ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ତେଣୁ ପ୍ରାରମ୍ଭିକ ଦିନ ଗୁଡ଼ିକରେ ଅଳ୍ପ ଅଳ୍ପ ଯୋଗାସନ କରନ୍ତୁ ଏବଂ ଧୀରେ ଧୀରେ ଅଭ୍ୟାସ ହେବା ପରେ ଏହା ସମୟସୀମା ବଢ଼ାନ୍ତୁ। ଯଦି ଆପଣ ଗର୍ଭବତୀ ତେବେ ପୂର୍ବରୁ କରୁଥିବା ଯୋଗାସନ ନ କରି ଏ ସମୟରେ କେଉଁ ଯୋଗ କରିବା ଦରକାର ଏକ୍ସପର୍ଟଙ୍କ ପରାମର୍ଶ ନେବାପରେ କରନ୍ତୁ। ଠିକ୍ ସେହିପରି ଋତୁସ୍ରାବ ସମୟରେ ମଧ ଏଥିପ୍ରତି ସତର୍କ ରହିବା ଆବଶ୍ୟକ। କାରଣ ଋତୁସ୍ରାବ ସମୟରେ ଅତ୍ୟଧିକ ରକ୍ତସ୍ରାବ ହେଉଥିଲେ ଯୋଗାସନ କରନ୍ତୁ ନାହିଁ। ସେହିପରି କୌଣସି ଜଟିଳ ଅପରେସନ ହୋଇଥିଲେ ଯୋଗାସନ ନିଷେଧ। ଯୋଗାସନ କେବେ ବେଡ଼, ସୋଫା ଭଳି ସୁବିଧାଜନକ ସ୍ଥାନରେ ବସି କରନ୍ତୁ ନାହିଁ। ଏହା ବଦଳରେ ଚଟାଣ ଉପରେ ଆସନ ବିଛାଇ ଯୋଗ କରନ୍ତୁ। ଯୋଗ କରିବା ଦିନ ଗୁଡ଼ିକରେ ଏହାର ଉପକାରିତା ପାଇବାକୁ ଚାହୁଁଥିଲେ ଖାଦ୍ୟପେୟ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ। ତେଲ ମସଲାଯୁକ୍ତ କିମ୍ବା ଅନ୍ୟ କୌଣସି ଗରିଷ୍ଠ ଖାଦ୍ୟ ନ ଖାଇ ସୁଷମ ଖାଦ୍ୟ ଖାଆନ୍ତୁ ଏବଂ ପ୍ରଚୁର ପାଣି ପିଅନ୍ତୁ। ଯୋଗାସନ କରିବାର କିଛି ସମୟ ପୂର୍ବରୁ ୨ ଗ୍ଲାସ ପାଣି ପିଇବାକୁ ଆଦୌ ଭୁଲନ୍ତୁ ନାହିଁ।

ମହିଳମାନଙ୍କ ପାଇଁ ଯୋଗାଭ୍ୟାସର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପ୍ରତ୍ୟକ୍ଷ ଭାବେ ଅନୁଭୂତିମୂଳକ ଯୋଗକୁ ଗୁରୁତ୍ୱ ଦିଅନ୍ତୁ। ଯୋଗାସନ କରିବା ପୂର୍ବରୁ ସେ ସମ୍ପର୍କରେ ଭଲ ଭାବେ ପଢ଼ନ୍ତୁ ଓ ବୁଝନ୍ତୁ। ସୋସିଆଲ ମିଡ଼ିଆରେ ବା କେହି କ'ଣ କିଛି ପରାମର୍ଶ ଦେଇଦେଲେ ତାହାକୁ ଗ୍ରହଣ କରିବା ଅପେକ୍ଷା ପ୍ରାରମ୍ଭିକ ଅବସ୍ଥାରୁ ଯୋଗର ପ୍ରଥମ ପାହାଚରୁ ନିଜକୁ ପ୍ରସ୍ତୁତ କରନ୍ତୁ। ନିଜ ଖାଇବା ପିଇବା, ବିଶ୍ରାମ ଓ ସଠିକ ଶୋଇବା ସହ ମାନସିକ ଚାପ ଆଦୌ ରଖନ୍ତୁ ନାହିଁ। ଯୋଗର ଏକ ନିର୍ଦ୍ଦିଷ୍ଟ ସମୟ ରଖନ୍ତୁ। ଯୋଗାସନ ପରେ ଆକସ୍ମିକ ଭାବେ ହାଲିଆ ଲାଗିଲେ ବା ଶାରୀରିକ ଭାବେ ଅସ୍ୱାଭାବିକ ଅନୁଭବ କଲେ ସର୍ବପ୍ରଥମେ ପୁରାପୁରି ବିଶ୍ରାମ ନେଇଯାଆନ୍ତୁ। ନଚେତ୍ ଆପଣ ଶିକ୍ଷା ଲାଭ କରୁଥିବା ବା ଯୋଗ ପ୍ରଶିକ୍ଷକଙ୍କ ପରାମର୍ଶ ନେଇପାରନ୍ତି। ପରିବାରର ସମସ୍ତଙ୍କୁ ଯୋଗାସନ ପାଇଁ ପ୍ରେରିତ ମଧ କରନ୍ତୁ।

ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, ଦୂରଭାଷ : ୯୮୬୧୪୬୩୪୦୬

'ଜଗନ୍ନାଥ' : ଜୀବନ ମୋକ୍ଷ ହିଁ ଅମୃତ ଉପଲବ୍ଧି

ଇଂ. ଶୁଭେନ୍ଦୁ ମୋହନ ସୁବୁଦ୍ଧିରାୟ

ମହାପ୍ରଭୁଙ୍କ ଲୀଳା ଅବର୍ଣ୍ଣନୀୟ। ସେ ବିଶ୍ୱ ନିୟନ୍ତା। ସେ ସକଳ ଶକ୍ତି, ସକଳ ଚେତନା, ସକଳ ଆଦର୍ଶର ଜୀବନଶକ୍ତି। ଜଗନ୍ନାଥ କିଏ ? ତାଙ୍କର ନାମ ହିଁ ତାଙ୍କର ପରିଚୟ। ସେ ଦୃଶ୍ୟ ଓ ଅଦୃଶ୍ୟ ସମସ୍ତ ଜଗତରନାଥ। ସମସ୍ତ ଜଗତକୁ ସେ ନିଜ ଭିତରେ ଧାରଣ କରିରଖିଛନ୍ତି। ବିଶ୍ୱର ସବୁଧର୍ମ - ସଂସ୍କୃତିର ମୂଳପିଣ୍ଡ ଶ୍ରୀଜଗନ୍ନାଥ ହେଉଛନ୍ତି ଏକ ଗଣ ଦେବତା। ତେଣୁ ଶ୍ରୀଜଗନ୍ନାଥ ସଂସ୍କୃତି ଏକ ଗଣ ସଂସ୍କୃତିରେ ପରିଚିତ ହେବା ସ୍ୱାଭାବିକ। ଏହି ସଂସ୍କୃତିର ଅନାର୍ଯ୍ୟଭାବ, ଆର୍ଯ୍ୟଭାବ, ହିନ୍ଦୁ, ଜୈନ, ବୌଦ୍ଧ, ଶାକ୍ତ, ଶୈବ, ଗାଣପତ୍ୟ ଓ ବୈଷ୍ଣବଭାବ ପ୍ରଭୃତି ବିଭାବ ଦ୍ୱାରା ଭାବମୟ ଶ୍ରୀଜଗନ୍ନାଥ ଉପାସିତ।

ଶ୍ରୀଜଗନ୍ନାଥ ଧର୍ମର ମହତ୍ତ୍ୱ ପ୍ରଖ୍ୟାପନ କରି କୁହାଯାଇଛି ଏହି ଧର୍ମ ହେଉଛି ସନାତନଧର୍ମ, ଏହାର ପୁଣ୍ୟକ୍ଷେତ୍ର ହେଉଛି ଶ୍ରୀପୁରୁଷୋତ୍ତମ, ଦେବତା ହେଉଛନ୍ତି ଶ୍ରୀଜଗନ୍ନାଥ, ମାଳା ହରିନାମ, ତୀର୍ଥ ତୀର୍ଥରାଜ ସମୁଦ୍ର, ଧ୍ୟାନ ପରମବ୍ରହ୍ମ, ଜ୍ଞାନ ଆତ୍ମଜ୍ଞାନ, ଭକ୍ତି ନାମ ସ୍ମରଣ, ମଣୋହୀ ନିର୍ମାଲ୍ୟ, ବିହାର ହେଉଛି ବୈକୁଣ୍ଠ। ଏହି ଧର୍ମର ସମଦର୍ଶୀ ବ୍ରହ୍ମ-ଭାବରୁ ପ୍ରତୀୟମାନ ହୁଏ ଯେ ଏହା ସନାତନ ବିଶ୍ୱଧର୍ମ।ଶ୍ରୀମଦ୍ ଭାଗବତ ଗୀତାରେ କୁହାଯାଇଛି - 'ଅନେକ ବାହୂଦରବକ୍ତ୍ରନେତ୍ରଂ ପଶ୍ୟାମି ତ୍ୱାଂ ସର୍ବତୋଽନନ୍ତରୂପମ। ନାନ୍ତଂ ନ ମଧ୍ୟଂ ନ ପୁନସ୍ତବାଦିଂ ପଶ୍ୟାମି ବିଶ୍ୱେଶ୍ୱର ବିଶ୍ୱରୂପ।।' ଅନେକ ବାହୁ, ଉଦର, ବଦନ ଓ ନେତ୍ର ବିଶିଷ୍ଟ ଅନନ୍ତରୂପ ତୁମକୁ ସର୍ବଦିଗରେ ମୁଁ ଦର୍ଶନ କରୁଛି। କିନ୍ତୁ ହେ ବିଶ୍ୱେଶ୍ୱର, ହେ ବିଶ୍ୱରୂପ, ମୁଁ ତୁମର ଆଦି, ଅନ୍ତ କିମ୍ବା ମଧ କିଛି ଦେଖିପାରୁନାହିଁ। ଦେହ ମଧ୍ୟରେ ଦେହୀ ଶ୍ରୀଜଗନ୍ନାଥ ନିତ୍ୟ ବିରାଜିତ। ସେ ଆତ୍ମା ରୂପରେ ରହିଛନ୍ତି। ବର୍ହିଜଗତରେ ଯେପରି ତାଙ୍କର ଇଚ୍ଛାରେ ସବୁକିଛି ଚାଲିଛି, ସେହିପରି ଦେହ ମଧ୍ୟରେ ସେ ହିଁ ଶ୍ୱାସପ୍ରଶ୍ୱାସର କାରଣ। ତାଙ୍କ ବିନା ଏହି ଦେହ ଦେବାଳୟ ଶ୍ରୀହୀନ, ଜଡ଼, ମୃତ୍ୟୁ।

ଉତ୍କଳର ସାଂସ୍କୃତିକ ପ୍ରବାହରେ ମାନବିକ ପ୍ରାଣୋଚ୍ଛ୍ୱାସର ଭକ୍ତବତ୍ସଳ ପ୍ରଭୁ ଶ୍ରୀ ଜଗନ୍ନାଥ, ସଂସ୍କୃତିର ମହାପ୍ରବାହକୁ ଉଜ୍ଜିବୀତ କରିବାପାଇଁ ରତ୍ନସିଂହାସନରୁ ଓହ୍ଲାଇ ଆସନ୍ତି ଉଦଗ୍ରୀବ ଭକ୍ତମାନଙ୍କ ଗହଣକୁ । ବିସ୍ମୟ ଓ ବିସ୍ଫାରିତ ନୟନରେ ବିଶାଳ ବାହୁ ବିସ୍ତାର କରି ଆପଣାର କରିନିଅନ୍ତି ସମସ୍ତ ଭକ୍ତଜନଙ୍କୁ । ଏହିଠାରେ ହିଁ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ସ୍ଥାପିତ ହୋଇଥାଏ ଅପୂର୍ବ ସମନ୍ୱୟର ସେତୁ । ଏହି ସମନ୍ୱୟ ସଂସ୍କୃତିର ଅମୃତ ଝଙ୍କାରରେ କେବଳ ଓଡ଼ିଶା ନୁହେଁ, କି ଭାରତ ବର୍ଷନୁହେଁ ସମଗ୍ର ସୃଷ୍ଟିର ଜନଜୀବନକୁ ଯୁଗଯୁଗ ଧରି ଗଭୀର ଭାବଗତ ସ୍ତରରେ ଏକାତ୍ମ କରିଦିଏ। ଶ୍ରୀଜଗନ୍ନାଥଙ୍କ ଶରଣ ନେଲେ ଜୀବନ ଜଗନ୍ନାଥମୟ ହୋଇଥାଏ। ପ୍ରତ୍ୟେକ ଦୃଶ୍ୟରେ ପୁରୁଷୋତ୍ତମ ଜଗନ୍ନାଥଙ୍କୁ ଦର୍ଶନ କରିହୁଏ। ପ୍ରତ୍ୟେକ ଚିନ୍ତାରେ ସେ ଚିନ୍ତାମଣି ଜଗନ୍ନାଥଙ୍କୁ ଉପଲବ୍ଧ କରିହୁଏ ତାହା ହିଁ ଜୀବନର ସାର୍ଥକତା ଏବଂ ପରିପୂର୍ଣ୍ଣତା।

ଓଡ଼ିଆ ଜାତିର ମର୍ମବାଣୀ ହେଉଛି ଜଗନ୍ନାଥ ଆଜି ମୂର୍ତ୍ତି ରୂପରେ ପୂଜିତ ହେଉଥିଲେ ହେଁ ସେ ଅମୃତ ଓ ଅମୃତ ଚେତନାର ଚିରନ୍ତନ ଅନନ୍ୟ ପ୍ରତୀକ। ଶ୍ରୀଜଗନ୍ନାଥ ସଂସ୍କୃତି ହେଉଛି ମହାମାନବର ମହାମିଳନର ମହତି ସଂସ୍କୃତି। ବିଶ୍ୱ ମାନବ ସମାଜକୁ ନିଜର କରି ସମସ୍ତଙ୍କର ସୁଖ, ଶୁଭ, ସୌଭାଗ୍ୟ କାମନା କରି ଆଜି ମାନବ ବିଶ୍ୱ ମାନବ ହେବା ପାଇଁ ଶ୍ରୀଜଗନ୍ନାଥ ସଂସ୍କୃତିରୁ ହିଁ ପାଇପାରିବ ମହାନ ଆଦର୍ଶର ପ୍ରେରଣା ଓ ଉଦବୋଧନ। ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି, ପୂଜା ବିଧି ପର୍ବ ଓ ପାର୍ବଣ ଭିତରେ ଆମ ମାନଙ୍କର ପଞ୍ଚ ଜ୍ଞାନଇନ୍ଦ୍ରିୟକୁ ଚେତାଇ ଦେବା ସହ ନିତିଦିନିଆ ଜୀବନ ନୀତି ଓ ଧର୍ମ ସମ୍ପର୍କରେ ସୂଚୀତ କରିଥାଏ। ଶ୍ରୀଜଗନ୍ନାଥଙ୍କ ସେବା ପୂଜାବିଧିରେ ଓଡ଼ିଶା ଜନଜୀବନର ପ୍ରାତ୍ୟହିକ ଆଚରଣ ବିଧିର ପ୍ରତିଫଳନ ଦେଖାଯାଏ। ଅଲୌକିକ, ଆଧ୍ୟାତ୍ମିକ ଆକର୍ଷଣ ଓ ଶ୍ରୀଜୀଉଙ୍କ ଲୌକିକ ଆଚରଣ ବିଧି ସମଗ୍ର ଜନ ମାନସକୁ ଏକ ବିଶ୍ୱ ଚେତନାରେ ପରିଣତ କରିପାରିଛି। ଆମ ମାନଙ୍କ ଭିତରେ ଯେ କେହି ଏହି ଜୀବନ ଚେତନା ଓ ବିଶ୍ୱବୋଧ ଭାବନାକୁ ବୁଝିବାରେ ସମର୍ଥ ହେବ ସେ ସ୍ୱୟଂ ହୋଇପାରିବେ 'ଜଗନ୍ନାଥ'। ତାଙ୍କର ଜୀବନ ମୋକ୍ଷ ହିଁ ଅମୃତ ଉପଲବ୍ଧି।

ଲିଙ୍ଗାପଡ଼ା, ଧବଳେଶ୍ୱର, କଟକ, ଦୂରଭାଷ : ୯୭୭୮୪୪୯୧୧୯

ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ଉର୍ଣ୍ଣତିର ଗତି ଓ ପ୍ରଗତି

ହଳଧର ଧୀର

ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ସଙ୍ଗଠନର ସମୃଦ୍ଧି ଓ ପ୍ରଚାର ପ୍ରସାର କଥାଟି ର ସ୍ୱର ଅତ୍ୟନ୍ତ ମଧୁର ଶୁଭୁଥାଏ। ବନ୍ଦେ ଉତ୍କଳ ଜନନୀର ବାସ୍ତବତାକୁ ଆମ୍ଭେମାନେ ଅନୁଭବ କରିଥାଉ । ଏହାର ସ୍ଥିତିକୁ ବଜାୟ ରଖିବା ଲାଗି କେତେ ମହାମନିଷି ଓ ଏହାର ସୃଷ୍ଟିକର୍ତ୍ତାଙ୍କର ଦାୟଦମାନଙ୍କର ନିରବିଛିନ୍ନ ସଂଘର୍ଷ ଉଦ୍ୟମ ଫଳରେ ଆଜି ଏହାର ସ୍ଥିତି ସୁଦୃଢ଼ ହୋଇ ପାରିଛି । ମା, ମାଟିର, ମାତୃଭୂମିର ସମ୍ମାନ ବୃଦ୍ଧି ହୋଇ ପାରିଛି । ମା ଓ ମାଟିର ସମ୍ମାନ ଓ ସୁରକ୍ଷା କଥା ଆମ୍ଭେମାନେ ଚିନ୍ତା କରି ପାରୁଛେ । ଏହା ସତ୍ୟ ଯେ ଜଗତର ନାଥ ଜଗନ୍ନାଥଙ୍କୁ ଛାଡ଼ି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ବାସ୍ତବ ଚିତ୍ର ଆଙ୍କିବା ଅସମ୍ଭବ । ପବିତ୍ର ପତିତପାବନ ବାନା ସମଗ୍ର ବିଶ୍ୱକୁ ମାନବ ବୋଧତାର ଚିରନ୍ତନ ଭାଷା ଶୁଣାଇ ଆସୁଛି । ଭାଷା ଯେକୌଣସି ଜାତିର ସାହିତ୍ୟ ଓ ସଂସ୍କୃତିର ରକ୍ଷକ । ଭାଷାର ଉନ୍ନତି ବିନା ଆମ ଜାତିର ଦେଶର ଉନ୍ନତି କଥା ଚିନ୍ତା କରିବା ଅସମ୍ଭବ । ଆଜିର ସଙ୍କଟମୟ ସମୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ଦିଗରେ ସାହିତ୍ୟମାନଙ୍କର ଗୁରୁ ଦାୟିତ୍ୱ ରହିଛି । ଜଗନ୍ନାଥଙ୍କୁ ଛାଡ଼ି ଓଡ଼ିଆ ଭାଷା ସାହିତ୍ୟ ଓ ଓଡ଼ିଆ ଅସ୍ମିତାର କଥା ଚିନ୍ତା କରାଯାଇପାରେନା । ଗ୍ରାମାଞ୍ଚଳ ଓ ସହରାଞ୍ଚଳ ମଧ୍ୟରେ ସାଧାରଣ ଜନତା ଓ ସାହିତ୍ୟିକ ମାନଙ୍କ ମଧ୍ୟରେ ସାରସ୍ୱତ ସମ୍ପର୍କର ସେତୁ ସ୍ଥାପନ ନହୋଇ ପାରିଲେ ଓଡ଼ିଆ ଅସ୍ମିତାର ସ୍ଥିତି ବଜାୟ ରହିପାରିବତ ? କାହିଁ କେଉଁ କାଳରୁ ଆମ ଓଡ଼ିଆ ଭାଷାକୁ ଧ୍ୱଂସ କରିବାକୁ ମୋଗଲ ଶକ୍ତିଠାରୁ ଆରମ୍ଭ କରି ପାଶ୍ଚାତ୍ୟ ଶକ୍ତି ପର୍ଯ୍ୟନ୍ତ ଆକ୍ରାମକ ହୋଇ ମଧ ଆମ ଓଡ଼ିଆ ଭାଷାର ବିଲୋପ ଘଟାଇ ପାରିନାହାନ୍ତି କି ଏହାକୁ ଖଣ୍ଡିତ କରି ପାରିନାହାନ୍ତି।

ହଁ ଏହା ସତ୍ୟଯେ ଆମ୍ଭ ସମସ୍ତଙ୍କୁ ଚିନ୍ତା କରିବାକୁ ପଡ଼ିବ ଯେ ଆଧୁନିକ ତାର ନଗ୍ନ ପ୍ରଭାବ ଓ ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବ ବିସ୍ତାର କରିବାକୁ ବସିଲାଣି । ସତରେ କ'ଣ ଭାଷାର ସୁରକ୍ଷା ଲାଗି ସଂଗ୍ରାମ କରି ଆସିଥିବା ପୂର୍ବସୂରୀମାନଙ୍କର ଆଦର୍ଶ ଓ ଆଶିର୍ବାଦ ପୁଣି ଓଡ଼ିଆ ଅସ୍ମିତାର ସୁରକ୍ଷା ଲାଗି ଭାଷା ଆନ୍ଦୋଳନ କଡ଼ ଲେଉଟାଇବ ? ଆଜି ଯେତେବେଳେ ଓଡ଼ିଆ ଭାଷାର ଅନ୍ତଃସ୍ୱରକୁ ଆମ୍ଭେମାନେ ଅଣଦେଖା କରିଆସୁଛେ । ଓଡ଼ିଆ ଅସ୍ମିତାର ସ୍ଥିତି ଓ ପ୍ରଗତୀ ପ୍ରତି ଆମ୍ଭମାନଙ୍କର ଚିନ୍ତା ଓ ଚେତନା ଲୋପ ପାଇଯାଉଛି । ସେପରି ସ୍ଥିତିରେ ଓଡ଼ିଆ ଭାଷା, ଓଡ଼ିଆ ଅସ୍ମିତାର ସ୍ଥିତି ବଜାୟ ରହିପାରିବତ ? ସରକାର ଓଡ଼ିଆ ଅସ୍ମିତାର କଥା କହି ଆଜି କ୍ଷମତାରେ । ସରକାର କ୍ଷମତାକୁ ଆସିବା ପରେ ସତରେ କଣ ଓଡ଼ିଆ ଅସ୍ମିତାର ସୁରକ୍ଷା ଓ ସ୍ଥିତି ମଜଭୂତ ହୋଇ ପାରିଛି ? ଏହାର ଉତ୍ତର କେବଳ ଓଡ଼ିଶାବାସୀଙ୍କ ନିକଟରେ । ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି ଓ ସଂଗଠନ ଓଡ଼ିଆ ଅସ୍ମିତାର ଅଂଶ ବିଶେଷ । ଆଜି କଳା, ସାହିତ୍ୟ, ସଂସ୍କୃତି ଓ ସଂଗଠନ ଗୁଡ଼ିକର ଉନ୍ନତି ଘଟି ପାରିଛି କି ?

ଥରେ ସରକାର ହୁଅନ୍ତୁ, କି ସାରସ୍ୱତ ସ୍ରଷ୍ଟା ଅହଂକାର ବଶବର୍ତ୍ତୀ ହୋଇଗଲେ ଆଉ ପଛକୁ ଫେରିପାରେ ନାହିଁ। ସତରେ କଣ କାଳିଆ ଲେଉଟିବ, ମା, ମାଟି, ମାତୃଭୂମିର ସୁରକ୍ଷା ହୋଇପାରିବ ?ଆଜି ଓଡ଼ିଆ ଅସ୍ମିତା ସରକାରୀ କଳ ଆଉ ତୋଷାମଦିଆ ସାହିତ୍ୟିକମାନଙ୍କ କବଳରେ କବଳିତ ସତରେ ଏପରିସ୍ଥିତିରେ କଣ ଓଡ଼ିଆ ଅସ୍ମିତା ସେମାନଙ୍କ କବଳରୁ ମୁକୁଳି ପାରିବତ ? ରାଜ୍ୟ ସରକାରଙ୍କ ନିୟନ୍ତ୍ରଣରେ ଥିବା ଓଡ଼ିଶା ସାହିତ୍ୟ ଏକାଡ଼େମୀ ଗୁଣ ଖଜୁରୀ ଗଛର ପାହାଚ ସଦୃଶ । କେନ୍ଦ୍ର ସାହିତ୍ୟ ଏକାଡେମୀ ସାହିତ୍ୟିକ ମାନଙ୍କ ମଧ୍ୟରେ ବାଛବିଚାର ଭାବ କୁ ନେଇ ଓଡ଼ିଶାର ବହୁ ସାହିତ୍ୟିକମାନଙ୍କ ମଧ୍ୟରେ ଅସୋନ୍ତଷ ପ୍ରକାଶ ପାଉଛି । ଓଡ଼ିଆ ଭାଷାର ସାହିତ୍ୟିକମାନଙ୍କ ଅସନ୍ତୋଷର ଭାବକୁ ଠିକ୍ ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ କର୍ତ୍ତୃପକ୍ଷ ଅନୁଭୂବ କରି ପାରୁନାହାଁନ୍ତି । ଏହା କେମିତି ବା ସମ୍ଭବ ହୋଇପାରିବ ଓଡ଼ିଶାରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପକ୍ଷରୁ ଥିବା କର୍ମକର୍ତ୍ତା ମାନେ ତ ନିଜ ଅନୁଗତ ମାନଙ୍କ ମାୟାର ବନ୍ଧନରେ ବାନ୍ଧି ହୋଇଯାଇଛନ୍ତି । କେବଳ ନିଜର ପଦପଦବୀର ସୁରକ୍ଷା ହିଁ ସେମାନଙ୍କର ବଡ଼ଚିନ୍ତା। ସେମାନଙ୍କ କାର୍ଯ୍ୟକାଳ କିପରି ଭଲରେ ଭଲରେ କଟିଯାଉ। ଗୋଟିଏ କଥା ମନେ ପଡ଼େ ଏକଦା ଓଡ଼ିଶାର ଏକ ପ୍ରତିଷ୍ଠିତ ବଡ଼ ଅନୁଷ୍ଠାନର ସାହିତ୍ୟ ସଭାରେ କେନ୍ଦ୍ରସାହିତ୍ୟ ଏକାଡେମୀର ସଭାପତି ଯୋଗଦେଇଥାନ୍ତି ସେହି ସଭାରେ ଏକାଡ଼େମୀର ସଭାପତି ଓଡ଼ିଶା କର୍ମକର୍ତ୍ତାମାନଙ୍କ ସମ୍ପର୍କରେ କେତେକ ପ୍ରଶ୍ନର ସମ୍ମୁଖିନ ହୋଇଥିଲେ। ପ୍ରଶ୍ନକର୍ତ୍ତା ସାହିତ୍ୟିକମାନେ ନିବେଦନ କରିବାର କିଛି ଦିନ ପରେ ଦେଖା ଗଲା ଦାୟିତ୍ୱରେ ଥିବା ଓଡ଼ିଶାର ସେହି ମହାନ ହସ୍ତି । ଏହି ସମ୍ମାନଜନକ ଦାୟିତ୍ୱରୁ ଅବ୍ୟାହିତ ନେଇ ଯାଇଛନ୍ତି । ଆଉ ସେହି ସଭାରେ ଏକାଡେମୀ ସଭାପତିଙ୍କ ସହ ସୌଜନ୍ୟ ଭାବ ବିନିମୟ କରିଥିବା ଓଡ଼ିଶାର କେତେଜଣ ଜଣାଶୁଣା ଲେଖକ ଏକ ପ୍ରତିଷ୍ଠିତ ସମ୍ବାଦ ପତ୍ରର ଗୁରୁଦାୟିତ୍ୱ ବହନ କରୁଥିବା ସାହିତ୍ୟିକ ଜଣକ କେନ୍ଦ୍ର ସାହିତ୍ୟ ଏକାଡ଼େମୀର ଦାଇତ୍ୱ ନିର୍ବାହ କରୁଛନ୍ତି । କିଛି ଦିନ ସବୁ ଠିକ୍ ଠାକ୍ ଚାଲିଥିଲା । ସାହିତ୍ୟିକମାନଙ୍କ ମଧ୍ୟରେ ସାରସ୍ୱତ ସମ୍ପର୍କର ସେତୁ ତିଆରୀ ହୋଇ ପାରିଥିଲା ସେ ମଧ ଅନେକ ସୁନାମ ସାଉଁଟିଥିଲେ । ସାଧାରଣ ସାହିତ୍ୟିକଟି ତାଙ୍କ ଉପରେ ବେଶ୍ ବିଶାସ ଓ ଭରଷା ରଖିଥିଲା । କିନ୍ତୁ ପରବର୍ତ୍ତୀ କ୍ଷେତ୍ରରେ କ'ଣ ହେଲା କେଜାଣି ଦୃଶ୍ୟପଟ୍ଟ ସମ୍ପୂର୍ଣ୍ଣ ବଦଳିଗଲା । ଓଡ଼ିଶାର କର୍ମକର୍ତ୍ତା ମାନଙ୍କ ଉପରେ ନାନା ପ୍ରଶ୍ନବାଚୀର ମୋହର ଲାଗିଗଲା । ଏ କ୍ଷେତ୍ରରେ ଅଖ୍ୟାତ ସାହିତ୍ୟିକଟି ଆକାଶର ତାର ଗଣିବା ଛଡ଼ା ବା ତାର ଆଉ କଣ ଉପାୟ ଅଛି । ଓଡ଼ିଶା ସାହିତ୍ୟ ଏକାଡ଼େମୀ କଥା କଣ ଆଲୋଚନା କରାଯାଇ ପାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପରି ସମାନ ଅବସ୍ଥା । ଯେଉଁମାନେ ଅତୀତରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ସହ ଯୋଡ଼ି ହୋଇ ରହିଥିଲେ। ଏକାଡ଼େମୀ ସହ ସୁନ୍ଦର ସମ୍ପର୍କ ରହି ଆସୁଥିଲା । ସେହି ସାହିତ୍ୟିକ ମାନଙ୍କ ମଧ୍ୟରୁ କେତେକ ଏକାଡେମୀ ପାଖରେ ଆଜି ଅଦରକାରୀ ଲେଖକ ଭାବେ ପରିଗଣିତ ହୋଇ ପଡ଼ିଛନ୍ତି । ଆଉ ଏକାଡ଼େମୀ ଦୃଷ୍ଟିରେ (କ୍ରମଶଃ)

ଆଞ୍ଚଳିକ ମନ୍ଥନ

ସୋମବାର,୨୨,ଜୁନ,୨୦୨୬ Monday,22 June 2026, Bhubaneswar

ଯୋଗ ଦ୍ୱାରା ସୁସ୍ଥତା ପର୍ଯ୍ୟଟନ କ୍ଷେତ୍ରର ବିକାଶ ଓ ଭାରତର ସଫ୍ଟ ପାୱାର ବୃଦ୍ଧି ହେଉଛି: ସମବାୟ ମନ୍ତ୍ରୀ

ଯାଜପୁର,୨୧।୯:(ମନ୍ଥନ)ଯୋଗ କେବଳ ଉନ୍ନତ ସ୍ୱାସ୍ଥ୍ୟ ଗଠନ ପାଇଁ ନୁହେଁ, ବରଂ ଭାରତର ସାଂସ୍କୃତିକ ଐତିହ୍ୟକୁ ବିଶ୍ୱ ସମ୍ମୁଖରେ ଉପସ୍ଥାପନ କରୁଥିବା ଏକ ଶକ୍ତିଶାଳୀ ମାଧ୍ୟମ। ଯୋଗ ଦ୍ୱାରା ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି, ରୋଜଗାର ସୃଷ୍ଟି, ସୁସ୍ଥତା ପର୍ଯ୍ୟଟନ କ୍ଷେତ୍ରର ବିକାଶ, ଭାରତର ସଫ୍ଟ ପାୱାର ଓ ସାଂସ୍କୃତିକ ପ୍ରଭାବ ବୃଦ୍ଧି ପାଇଥାଏ ବୋଲି ଜିଲ୍ଲା ସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସରେ ଯୋଗ ଦେଇ ସମବାୟ, ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପ୍ରଦିପ ବଳସାମନ୍ତ କହିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଶ୍ରୀ ବଳସାମନ୍ତ, ଜିଲ୍ଲାପାଳ ଅମ୍ବର କୁମାର କର ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀପ୍ରସାଦ ମହାନ୍ତି ଯୋଗ ଦେଇଥିଲେ। ସକାଳ ୬ ରୁ ୭ ଘଟିକା ମଧ୍ୟରେ ଅଂଶଗ୍ରହଣକାରୀଙ୍କ ପଞ୍ଜୀକରଣ ହୋଇଥିଲା। କାର୍ଯ୍ୟକ୍ରମ ଉଦଘାଟନ ହେବା ପରେ ଯୋଗାସନ ଓ ପ୍ରାଣାୟାମ

ଅଧିବେଶନ ଆରମ୍ଭ ହୋଇଥିଲା। ଏଥିପାଇଁ ସ୍ୱତନ୍ତ୍ର ଯୋଗ ପ୍ରଶିକ୍ଷକ ନିୟୋଜିତ ହୋଇଥିଲେ। ମନ୍ତ୍ରୀ ଶ୍ରୀ ବଳସାମନ୍ତ କହିଥିଲେ ଯେ ଆଜିର ବ୍ୟସ୍ତ ଜୀବନରେ ଲୋକମାନେ ବିଭିନ୍ନ ଶାରୀରିକ ମାନସିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ମାନସିକ ଅବସାଦ, ଉଚ୍ଚ ରକ୍ତଚାପ, ମେଦ ବହୁଳତା ଭଳି ରୋଗ ଦିନକୁ ଦିନ ବଢ଼ିଚାଲିଛି। ଏହି ପରିସ୍ଥିତିରେ ଯୋଗ ଏକ ପ୍ରାକୃତିକ ଓ ପ୍ରଭାବଶାଳୀ ଉପାୟ ଭାବେ କାର୍ଯ୍ୟ କରୁଛି ବୋଲି ମନ୍ତ୍ରୀ କହିଥିଲେ। ଏହାସହ ପ୍ରତ୍ୟେକ ଦିନ ୨୦ ରୁ ୩୦ ମିନିଟ ଯୋଗାଭ୍ୟାସ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ସେ ପରାମର୍ଶ ଦେଇଥିଲେ। ଏହି ଯୋଗ ଶିବିରରେ ପ୍ରାୟ ୫୦୦ ରୁ ଉର୍ଦ୍ଧ୍ୱ ସ୍କୁଲ କଲେଜ ଛାତ୍ରଛାତ୍ରୀ, ମହିଳା, ଜନସାଧାରଣ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଭାଗ ନେଇଥିଲେ। ସେହିଭଳି ଚଳିତ ବର୍ଷ ଏକ ଅଭିନବ ଢଙ୍ଗରେ ଐତିହ୍ୟ ସ୍ଥଳଗୁଡ଼ିକରେ ଯୋଗ ଦିବସ ପାଳନ ହୋଇଛି। ସେହିକ୍ରମରେ ଯାଜପୁରର ରତ୍ନଗିରିଠାରେ ମଧ୍ୟ ଅନ୍ତର୍ଜାତୀୟ ଯୋଗ ଦିବସରେ ଜନସାଧାରଣ ସାମିଲ ହୋଇଥିଲେ। ରତ୍ନଗିରିରେ ଆୟୋଜିତ କାର୍ଯ୍ୟକ୍ରମରେ ଲୋକସଭା ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା ଯୋଗ ଦେଇଥିଲେ। ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ସମାଜସେବୀ ଦେବଯାନୀ ପ୍ରଧାନ, ଜିଲ୍ଲା କ୍ରୀଡା ଅଧିକାରୀ ଫକୀର ମୋହନ ଟୁଡୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଅତିରିକ୍ତ ଉନ୍ନୟନ ଅଧିକାରୀ ଲମ୍ବୋଦର ଖୁଣ୍ଟିଆ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସବିତା ନାୟକ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଏହାସହ ଜିଲ୍ଲାର ବିଭିନ୍ନ ବ୍ଲକ, ମୁନିସିପାଲିଟି, ଗ୍ରାମ ପଂଚାୟତ ସ୍ତରରେ ମଧ୍ୟ ଯୋଗ ଦିବସ ପାଳିତ ହୋଇଥିଲା।

ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

କେନ୍ଦୁଝର,୨୧।୯:(ମନ୍ଥନ))ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଆଜି ସ୍ଥାନୀୟ ଶଙ୍କରପୁରସ୍ଥିତ ଧରଣୀଧର କ୍ରୀଡ଼ା ପରିସର ଠାରେ ଜିଲ୍ଲା କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ଓ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ସ୍ତରୀୟ ଯୋଗ ସମାରୋହ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ମାନ୍ୟବର ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମବେତ ଯୋଗାଭ୍ୟାସ କରିବା ସହିତ ଅନନ୍ୟ ଭାରତୀୟ ପରମ୍ପରା ଯୋଗକୁ ବିଶ୍ୱ ଦରବାରରେ ବିଦିତ କରି ଆନ୍ତର୍ଜାତିକ ସ୍ତରରେ ଏହାର ପ୍ରଚାର ପ୍ରସାର କରିଥିବାରୁ ମାନନୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଭିଡିଓ କନଫରେନସିଂ ମାଧ୍ୟମରେ କୋଲକାତାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଉଦବୋଧନର ସିଧାପ୍ରସାରଣକୁ ପ୍ରଦର୍ଶିତ କରାଯାଇଥିଲାୟ ଏହି ସାମୁହିକ ଯୋଗାଭ୍ୟାସରେ ମାନ୍ୟବର ସାଂସଦ ଅନନ୍ତ ନାୟକ, ମାନ୍ୟବର ଜିଲ୍ଲା ଯୋଜନା କମିଟି ଅଧକ୍ଷ ତଥା ତେଲକୋଇ ବିଧାୟକ

ଡାକ୍ତର ଫକୀର ମୋହନ ନାଏକ, ଜିଲ୍ଲାପାଳ ଶିଶିର ସିଂହ, ବନଖଣ୍ଡ ଅଧିକାରୀ ଧନରାଜ ଏଚଡ଼ି, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ, ଡେପୁଟି କଲେକ୍ଟର ସଂଗ୍ରାମ କେଶରୀ ପରିଡ଼ା, ଅଭିଳାଷ ପୁରୋହିତଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀ, କର୍ମଚାରୀ ଓ ପ୍ରାୟ ୧ ହଜାର ଜନସାଧାରଣ ମାନେ ଯୋଗାଭ୍ୟାସ କରିଥିଲେ । ଯୋଗକୁ ନିଜ ଦୈନନ୍ଦିନ ଜୀବନରେ ସାମିଲ କରିବା ପାଇଁ ଏକ ଶପଥପାଠ ଆୟୋଜିତ କରାଯାଇଥିଲାୟ ପରିଶେଷରେ ଯୋଗ ଦିବସ ପରିପ୍ରେକ୍ଷୀରେ ବିଦ୍ୟାଳୟସ୍ତରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଜିଲ୍ଲା କ୍ରୀଡ଼ା ଅଧିକାରୀ ସରୋଜ କୁମାର ମଲ୍ଲିକ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

କୁଚିଣ୍ଡା ରେ ୧୨ତମ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ

କୁଚିଣ୍ଡା,୨୧।୯:(ମନ୍ଥନ)ସମ୍ବଲପୁର ଜିଲ୍ଲା କୁଚିଣ୍ଡା ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରାଙ୍ଗଣରେ ୧୨ତମ ଆନ୍ତର୍ଜାତୀୟ ଯୋଗ ଦିବସ ମହାସମାରୋହ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହିତ ଯୋଗର ମହତ୍ତ୍ୱ ଓ ଦୈନନ୍ଦିନ ଜୀବନରେ ଏହାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ସମାରୋହରେ ଅନ୍ୟାନ୍ୟ ସମ୍ମାନିତ ଅତିଥି ଭାବେ ଏନ.ଏ.ସି ଅଧକ୍ଷ ପ୍ରଦ୍ୟୁତ ମହାନ୍ତି, ଏନ.ଏ.ସି ନିର୍ବାହୀ ଅଧିକାରୀ

ମନୋରଞ୍ଜନ ସୁନା,କୁଚିଣ୍ଡା ଏସ.ଡି.ଆଇ.ପି.ଆର.ଓ ଆଲୋକ ପଟେଲ, କୁଚିଣ୍ଡା ତହସିଲଦାର ସରିତା ଓରାମ, ଏସ.ଡି.ଏମ.ଓ ସୁବୋଧ ନାୟକ,ଏମପି ପ୍ରତିନିଧି ସୁଶିଲ କର ଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳତାର ସହ ଆଗକୁ ବଢ଼ାଇବାରେ ସହଯୋଗ କରିଥିଲେ । ଉପସ୍ଥିତ ସମସ୍ତ ଅତିଥି, ସରକାରୀ ପଦାଧିକାରୀ ଏବଂ ଜନସାଧାରଣ ଏକତ୍ରିତ ହୋଇ ସାମୂହିକ ଯୋଗାଭ୍ୟାସ କରିଥିଲେ। ସ୍ୱାସ୍ଥ୍ୟ ରକ୍ଷା ଏବଂ ମାନସିକ ଶାନ୍ତି ପାଇଁ ଯୋଗକୁ ଜୀବନଶୈଳୀର ଏକ ଅଂଶ କରିବାକୁ ଏହି ଅବସରରେ ସଂକଳ୍ପ ନିଆଯାଇଥିଲା । ଶେଷରେ ସମସ୍ତଙ୍କ ସହଯୋଗ ପାଇଁ କୁଚିଣ୍ଡା ମହାବିଦ୍ୟାଳୟ ଅଧକ୍ଷ ଓ କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷ ଧନ୍ୟବାଦ ଅର୍ପଣ ପୂର୍ବକ କାର୍ଯ୍ୟକ୍ରମ ସାଙ୍ଗ ହୋଇଥିଲା । ଏଥିରେ କୁଚିଣ୍ଡା ଅଞ୍ଚଳର ଜନସାଧାରଣ ସାମିଲ ହୋଇଥିଲେ ।

ଯୁବ ସାମ୍ବାଦିକ ଦୀପକ ସାହୁଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ

ମାହାଙ୍ଗା, ୨୧।୯:(ମନ୍ଥନ)ମାହାଙ୍ଗା ବ୍ଲକର ଯୁବ ସାମ୍ବାଦିକ, ତଥା ସମ୍ବାଦ ଖବର କାଗଜର ପ୍ରତିନିଧି ଦୀପକ କୁମାର ସାହୁଙ୍କ ଅକାଳ ବିୟୋଗ ମାହାଙ୍ଗା ଅଂଚଳ ପାଇଁ ଏକ ଅପୂରଣୀୟ କ୍ଷତି । ଦୀର୍ଘ ବର୍ଷ ଧରି ସେ ବ୍ଲକ ପ୍ରତିନିଧି ଭାବେ କାର୍ଯ୍ୟ କରିଆସୁଥିବା ବେଳେ,ହଠାତ ଗୁରୁତର ଅସୁସ୍ଥ ହେବାରୁ ତାଙ୍କୁ ଟାଙ୍ଗୀ ସ୍ଥିତ ପଦ୍ମିନୀ କେୟାର ହସ୍ପିଟାଲରେ ଭର୍ତ୍ତି କରାଯାଉଥିଲା । ଚିକିତ୍ସିତ ଅବସ୍ଥାରେ ତାଙ୍କର ପରଲୋକ ଘଟିଥିଲା । ସ୍ୱର୍ଗତ ସାହୁଙ୍କ ବିୟୋଗରେ ମାହାଙ୍ଗା ଅଞ୍ଚଳର ସମସ୍ତ ସାମ୍ବାଦିକ ମାନଙ୍କୁ ନେଇ ବଣ୍ଣୁଆ ମହାପୁରୁଷଙ୍କ ପୀଠରେ ଏକ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ସାମ୍ବାଦିକ ଅଖିଳେଶପଦ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସ୍ମୃତି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ମାହାଙ୍ଗା ଅଞ୍ଚଳର ସମସ୍ତ ସାମ୍ବାଦିକ, ସମାଜସେବୀ ତଥା ବୁଦ୍ଧିଜୀବୀ ମାନେ ଯୋଗଦେଇଥିଲେ ।

ଗୋକୁଳପୁର ଡକାୟତି ଓ ଲୁଟ ଘଟଣାରେ ସାତ ଗିରଫ ଓ ଲୁଟ ସାମଗ୍ରୀ ଜବତ

କବିସୂର୍ଯ୍ୟନଗର,୨୧।୯:(ମନ୍ଥନ)ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗରରେ ଘଟିଥିବା ଏକ ସଶସ୍ତ୍ର ଡକାୟତି ଘଟଣାର ପର୍ଦ୍ଦାଫାସ କରିଛି ପୋଲିସ । ଫାର୍ମ ହାଉସରେ ପଶି ବନ୍ଧୁକ ଦେଖାଇ ସୁନା ଅଳଙ୍କାର, ନଗଦ ଟଙ୍କା ଓ ମୋବାଇଲ ଫୋନ ଲୁଟ ଘଟଣାରେ ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ସେମାନଙ୍କ ନିକଟରୁ ଲୁଟ ସାମଗ୍ରୀ ସହ ଦେଶୀ ପିସ୍ତଲ, ଜୀବନ୍ତ ଗୁଳି ଏବଂ ଦୁଇଟି ମୋଟର ସାଇକେଲ ଜବତ କରାଯାଇଛି । ଘଟଣାରେ ଆଉ ଦୁଇଜଣ ଅଭିଯୁକ୍ତ ଫେରାର ଥିବାବେଳେ ସେମାନଙ୍କୁ ଧରିବା ପାଇଁ ପୋଲିସର ତଲାସି ଜାରି ରହିଛି । ଗତ ୧୯ ତାରିଖ ସନ୍ଧ୍ୟା ପ୍ରାୟ ୮ଟା ସମୟରେ ଗୋକୁଳପଲ୍ଲୀ ଗ୍ରାମର ରଜନୀକାନ୍ତ ମିଶ୍ରଙ୍କ ଫାର୍ମ ହାଉସରେ ୬ ଜଣ ଦୁର୍ବୃତ୍ତ ପ୍ରବେଶ କରିଥିଲେ। ବନ୍ଧୁକ ଦେଖାଇ ରଜନୀକାନ୍ତ ଓ ତାଙ୍କ ସ୍ତ୍ରୀଙ୍କୁ ବାନ୍ଧି ଦେବା ପରେ ଘର ତଲାସି କରି ପ୍ରାୟ ୧୫ ତୋଳା ସୁନା ଅଳଙ୍କାର, ୧୨ ହଜାର ଟଙ୍କା ନଗଦ ଏବଂ ଦୁଇଟି ମୋବାଇଲ ଫୋନ ଲୁଟ କରି ଫେରାର ହୋଇଯାଇଥିଲେ ।

ଏନେଇ କବିସୂର୍ଯ୍ୟନଗର ଥାନାରେ ମାମଲା ରୁଜୁ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ସମୟରେ ବୈଜ୍ଞାନିକ ଦଳ, ଫିଙ୍ଗର ପ୍ରିଣ୍ଟ ବିଶେଷଜ୍ଞ ଓ ପୋଲିସ ଟିମ ଘଟଣାସ୍ଥଳ ପରିଦର୍ଶନ କରି ଗୁରୁତ୍ୱପୂର୍ଣ୍ଣ ସାକ୍ଷ୍ୟ ସଂଗ୍ରହ କରିଥିଲେ । ତଦନ୍ତରୁ ଜଣାପଡ଼ିଥିଲା ଯେ ସନ୍ତୋଷ ମହାପାତ୍ର ଓ ମନୋରଞ୍ଜନ ଗୌଡ଼ ଅଭିଯୋଗକାରୀଙ୍କ ଆର୍ଥିକ ସ୍ଥିତି ସମ୍ପର୍କରେ ଜାଣିଥିବାରୁ ଏହି ଡକାୟତିର ଯୋଜନା କରିଥିଲେ। ପରେ ସେମାନେ ଅନ୍ୟ ସହଯୋଗୀମାନଙ୍କୁ ସାମିଲ କରି ଅପରାଧକୁ ଅଞ୍ଜାମ ଦେଇଥିଲେ । ବିଶ୍ୱସ୍ତ ସୂଚନା ଆଧାରରେ ପୋଲିସ କଙ୍କଣାଦେଇ ମନ୍ଦିର ନିକଟସ୍ଥ ଜଙ୍ଗଲ ଅଞ୍ଚଳରେ ଚଢ଼ାଉ କରି ରୁଦ୍ରନାରାୟଣ ସେଠୀ, ଶୁଭମ ରାଉତ, ଜିତେନ୍ଦ୍ର ଖଟେଇ ଓରଫ ହିନ, ଦୂତିକୃଷ୍ଣ ନାୟକ, ମନୋରଞ୍ଜନ ଗୌଡ଼, ସନ୍ତୋଷ ମହାପାତ୍ର ଓ ରାଜୀବ କୁମାର ଦାସଙ୍କୁ ଗିରଫ କରିଥିଲା । ସେମାନଙ୍କ ନିକଟରୁ ଲୁଟ ହୋଇଥିବା ଅଳଙ୍କାର, ୧୨ ହଜାର ୫ ଶହ ଟଙ୍କା ନଗଦ, ମୋବାଇଲ ଫୋନ, ଦୁଇଟି ମୋଟର ସାଇକେଲ ଏବଂ ଏକ ଦେଶୀ ପିସ୍ତଲ ସହ ୩ ରାଉଣ୍ଡ ଜୀବନ୍ତ ଗୁଳି ଜବତ କରାଯାଇଛି । ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ଜିତେନ୍ଦ୍ର ଖଟେଇ ଅପରାଧରେ ଅସ୍ତ୍ର ବ୍ୟବହାର କରିଥିବା ସ୍ୱୀକାର କରିଥିବା ବେଳେ ତାଙ୍କ ଦେଖାଇବା ଅନୁଯାୟୀ ପିସ୍ତଲ ଓ ଗୁଳି ଉଦ୍ଧାର କରାଯାଇଛି । ଘଟଣାରେ ସମ୍ପୃକ୍ତ ଆଉ ଦୁଇଜଣ ଅଭିଯୁକ୍ତ ହିତେଶସ୍ୱାଇଁ ଓ ସ୍ୱେତା ଖଟେଇ ବର୍ତ୍ତମାନ ଫେରାର ଅଛନ୍ତି। ସେମାନଙ୍କୁ ଗିରଫ କରିବା ପାଇଁ ପୋଲିସର ତଦନ୍ତ ଓ ଚଢ଼ାଉ ଜାରି ରହିଛି । ସମସ୍ତ ଗିରଫ ଅଭିଯୁକ୍ତଙ୍କୁ ଆଜି ଅଦାଲତରେ ହାଜର କରାଯାଇ ୧୫ ଦିନିଆ ନ୍ୟାୟିକ ହାଜତ ପାଇଁ ଆବେଦନ କରାଯାଇଛି । ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି ।

ବୁଗୁଡ଼ାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ବୁଗୁଡ଼ା, ୨୧।୯:(ମନ୍ଥନ)ଓଡ଼ିଶା ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରାଳୟର ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ପିପୁଲ୍ସ କଲେଜରେ ଅଧ୍ୟକ୍ଷ ପୁରୁଷୋତ୍ତମ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଯୋଗ ଦିବସ ପାଳନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡଃ. ଶୁଭ୍ରାଂଶୁ ସେଠୀ , ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ହରିକୃଷ୍ଣ ନାୟକ, ଅଧ୍ୟାପକ ଅକ୍ଷୟ କୁମାର ସାହୁ ଓ ଦିଲ୍ଲୀପ କୁମାର ସେଠୀ ଯୋଗଦେଇ ଯୋଗର ଉପଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ । ଏ ଅବସରରେ ବୁଗୁଡା ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ଯୋଗାସନ କରାଯାଇ ଏଥିରେ ଶ୍ରେଷ୍ଠତ୍ୱ ହାସଲ କରିଥିବା

ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ କ୍ରୀଡା ଶିକ୍ଷକ କ୍ରିଷ୍ଣା ରାଓ ପାତ୍ର ଓ ଶ୍ରୀନିବାସ ଦୋରା ପରିଚାଳନା କରିଥିଲେ । ଅନ୍ୟପକ୍ଷରେ ବୁଗୁଡା ପଞ୍ଚାୟତ ସମିତି ଓ ଏନ୍ଏସି ପ୍ରଶାସନ ପକ୍ଷରୁ ବିଡିଓ ଦୁତିକୃଷ୍ଣ ପାତ୍ର ଓ କାର୍ଯ୍ୟନିର୍ବାହୀ ଅଧିକାରୀ ବିଭୁତି ଭୂଷଣ ବେହେରାଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମ ପରିସରରେ ପାଳିତ ଦ୍ୱାଦଶତମ ଆନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ସାମୁହିକ ଯୋଗାଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସେହିପରି ସ୍ଥାନୀୟ ଶ୍ରୀ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟତ୍ରୀ କୃଷ୍ଣପ୍ରିୟା ମହାରଣାଙ୍କ ତତ୍ତ୍ୱାବଧାନରେ ଏବଂ କ୍ରୀଡ଼ା ଶିକ୍ଷକ ବିଶ୍ୱେଶ୍ୱର ଗିରିଙ୍କ ତତ୍ତ୍ୱାବଧାନରେ ପିପୁଲ୍ସ ହାଇସ୍କୁଲ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ ଅବସରରେ ଯୋଗାସନ ପ୍ରଦର୍ଶିତ ହୋଇଥିଲା ।

ଯୋଡାରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ଯୋଡା,୨୧।୯:(ମନ୍ଥନ) ଆନ୍ତର୍ଜାତୀୟ ଯୋଗ ଦିବସ ଅବସରରେ କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଏବଂ ପୌରପାଳିକା ତରଫରୁ କୋମାରଯୋଡ଼ା ନିକଟରେ ଥିବା ଇଣ୍ଡୋର ଷ୍ଟାଡିୟମ ଏବଂ କଲ୍ୟାଣ ମଣ୍ଡପ ରେ ଯୋଗ ଶିବିରର ଆୟୋଜନ କରାଯାଇଥିଲା । ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡେନିଷ ବେହେରା ଏବଂ ଯୋଡ଼ା ପୋରର୍ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଧଳ ଙ୍କ ନେତୃତ୍ୱରେ ଆୟୋଜିତ ଉଭୟ କାର୍ଯ୍ୟକ୍ରମରେ, ଯୋଡ଼ା ନଗରପାଳ ଜଗଦୀଶ ସାହୁ ,ସାଂସଦ ପ୍ରତିନିଧି ଅଗୁନୁ ଚରଣ ମହାନ୍ତ, ବି.ଏନ.ଦାସ , ବିଜେପି ଜିଲ୍ଲା ଅନୁଚିତ ଜାତି ସେଲ ସାଧାରଣ ସମ୍ପାଦକ କୃଷ୍ଣ ଚନ୍ଦ୍ର ପାତ୍ର,ବିଭିନ୍ନ ବିଭାଗର ଅଧିକାରୀ, ଶିକ୍ଷକ, ଛାତ୍ରଛାତ୍ରୀ ଓ ସ୍ଥାନୀୟ ଅଞ୍ଚଳର ଶତାଧିକ ଲୋକ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଯୋଗର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରାଯାଇଥିଲା । ବିଡିଓ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ନିୟମିତ ଯୋଗାଭ୍ୟାସ ଦ୍ୱାରା ଶାରୀରିକ ଓ ମାନସିକ ସୁସ୍ଥତା ବଜାୟ ରହିଥାଏ । ଆଧୁନିକ ଜୀବନଶୈଳୀରେ ବିଭିନ୍ନ ରୋଗ ଓ ମାନସିକ ଚାପରୁ ମୁକ୍ତି ପାଇବା ପାଇଁ ଯୋଗ ଏକ ସହଜ ଓ ପ୍ରଭାବଶାଳୀ ମାଧ୍ୟମ ବୋଲି ସେ କହିଥିଲେ । ଏହି ଅବସରରେ ପ୍ରଶିକ୍ଷକଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ଯୋଗାସନ, ପ୍ରାଣାୟାମ ଓ ଧ୍ୟାନ ପ୍ରକ୍ରିୟାର ପ୍ରଦର୍ଶନ କରାଯାଇଥିଲା । ଉପସ୍ଥିତ ସମସ୍ତେ ଉତ୍ସାହର ସହିତ ଯୋଗାଭ୍ୟାସରେ ସାମିଲ ହୋଇଥିଲେ ।

କାର୍ଯ୍ୟକ୍ରମ ଶେଷରେ ସମସ୍ତଙ୍କୁ ନିଜ ଦୈନନ୍ଦିନ ଜୀବନରେ ଯୋଗକୁ ସାମିଲ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା । ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ଯୋଗ ଦିବସ କାର୍ଯ୍ୟକ୍ରମ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ସହ ଲୋକଙ୍କ ମଧ୍ୟରେ ଯୋଗ ପ୍ରତି ଆଗ୍ରହ ସୃଷ୍ଟି କରିଥିବା ଦେଖାଯାଇଛି ।

ଜଳେଶ୍ୱରରେ ବ୍ଲକ ସ୍ତରୀୟ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ଜଳେଶ୍ୱର,୨୧।୯:(ମନ୍ଥନ)ଆଜି ବିଶ୍ୱ ଯୋଗ ଦିବସ ଅବସରରେ ଜଳେଶ୍ୱର ଅଞ୍ଚଳରେ ବିଭିନ୍ନ ସ୍ଥାନରେ ଯୋଗ କାର୍ଯ୍ୟକ୍ରମର ଅନୁଷ୍ଠିତ ହୋଇଛି । ଯୋଗ ଦ୍ୱାରା କିପରି ମନୁଷ୍ୟ ସୁସ୍ଥ ଆରୋଗ୍ୟ ରହିପାରିବ ସେ ନେଇ ଯୋଗ ହିଁ ଏକପାତ୍ର ବିକଳ୍ପ ବୋଲି ବକ୍ତାମାନେ ମତ ପ୍ରକାଶ କରିଛନ୍ତି। ସ୍ୱାସ୍ଥ୍ୟପାଇଁ ଯୋଗ ନିତାନ୍ତ ଜରୁରୀ ଆଜି ୧୨ତମ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଜଳେଶ୍ୱର ବ୍ଲକ ତତ୍ତ୍ୱାବଧାନରେ ଜଳେଶ୍ୱର ବିଜୁପଟ୍ଟନାୟକ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମରେ ଆୟୋଜିତ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି । କାଉନସିଲର ଚନ୍ଦନ ଦାସଙ୍କ ପୌରହିତ୍ୟରେ ଆୟୋଜିତ ସଭାରେଜଳେଶ୍ୱର ବ୍ଲକ ଅଧକ୍ଷ ମାନସ କୁମାର ଜେନା, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଧୀର କୁମାର ସାହୁ,ପୌରପାଳିକାର କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତ ସିଂ,ପୂର୍ବତନ ବ୍ଲକ ଉପାଧକ୍ଷ ବ୍ରଜ ମୋହନ ପ୍ରଧାନ,ଯୋଗ ମହୋତ୍ସବ ସମିତି ମୁଖ୍ୟ ଉପଦେଷ୍ଟା ସୁକୁମାର ରଣା,ସଂଯୋଜକ ଅଧ୍ୟାପକ ଅନନ୍ତ ଦାସ,ବ୍ଲକ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ସବ୍ୟସାଚୀ ଦାସ, ଅଧ୍ୟାପିକା ପୁଷ୍ପାଞ୍ଜଳି ପାଇକରାୟ,ଅଧ୍ୟାପକ ତପନ କୁମାର ଜେନା,ଯୁବ ସମାଜସେବୀ କାଳୀ ଚରଣ ଦାସ ପ୍ରମୁଖ ଅତିଥି ରୂପେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ସୁମତି ରାଣୀ ଦେ ଅତିଥି ମାନଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେୟଶେଷରେ ଫାଲଗୁନୀ ପାଣଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପିକା ଇନ୍ଦୁମତି ଗିରିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଯୋଗ ଶିବିରରେ ବାଲେଶ୍ୱର ଆର୍ଟ ଅଫ୍ ଲିଭିଙ୍ଗ ପ୍ରଶିକ୍ଷକ କାମାକ୍ଷା ପ୍ରସାଦ ମହାନ୍ତି,ସ୍ୱେଚ୍ଛାସେବୀସୁଭ୍ରାଜ୍ୟୋତି ମହାନ୍ତି, ସ୍ଥାନୀୟ ଯୁବ ପ୍ରଶିକ୍ଷକ ଓମପ୍ରକାଶ ସାହୁ ପ୍ରମୁଖ ୨୦୦ ରୁ ଉର୍ଦ୍ଧ୍ୱଛାତ୍ରଛାତ୍ରୀ, ଅଭିଭାବକ ଓ ବରିଷ୍ଠ ନାଗରିକ ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ସ୍ଥାନୀୟ କାଉନସିଲର ଶିବ ନାରାୟଣ ମହାପାତ୍ର, ଅଞ୍ଜନ ଦାସ,ତାପସ ପାଣିଗ୍ରାହୀ,ବନମାଳୀ ଧଳ,ବରେନ୍ଦ୍ର ପରିଡ଼ା,ଦେବଜାନୀ ଅଣ୍ଡିଆ,ମଞ୍ଜୁଲିକା ଘୋଷ,ସୁମତି ରଣା,ମାଳତୀ ଦତ୍ତ ,ମୁକ୍ତାରାଣୀ ପାଲ,ଶିକ୍ଷକ ରାଜେନ୍ଦ୍ର ପାଣିଗ୍ରାହୀ, ଶିକ୍ଷୟତ୍ରୀ ସବିତା ପାଠୀ,ଏ.ଟି.ଓ ଅକ୍ଷୟ କୁମାର ଭଞ୍ଜ, ଟ୍ରେନର ସୁମନ୍ତ ଦେ ପ୍ରମୁଖ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଦୀନକୃଷ୍ଣ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ,ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟ,ଜ୍ଞାନ ବିକାଶ ଆଇ.ଟି.ଆଇ, ପିଏମଶ୍ରୀ ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ, ଶିକ୍ଷୟତ୍ରୀ ମାନେ ଯୋଗଦେଇଥିଲେ ।

କାଠଚକ୍ର ବାଣରେ ପ୍ରକମ୍ପିଲା ପୁରା ବାଗେଶ୍ୱରପୁର ଗ୍ରାମ, ୫ ହଜାରରୁ ଅଧିକ ଶ୍ରଦ୍ଧାଳୁଙ୍କ ସମାଗମ

ପିପିଲି,୨୧।୯:(ମନ୍ଥନ)ପିପିଲି ବ୍ଲକ ବାଗେଶ୍ୱରପୁରରେ ଦେବାଦିଦେବ ରାଜାଧିରାଜ ବାବା ରାମେଶ୍ୱର ମହାଦେବଙ୍କ ପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରା ଧୁମଧାମରେ ପାଳିତ ହୋଇଯାଇଛି । ଶତାବ୍ଦୀ ପୁରୁଣା ଏହି ପରମ୍ପରାର ମୁଖ୍ୟ ଆକର୍ଷଣ ଥିଲା କାଠଚକ୍ର ବାଣ ଯାତ୍ରାୟ କାଠଚକ୍ର ବାଣର ଗର୍ଜନ ଓ ଜୟଧ୍ୱନିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା । ପରମ୍ପରା ଅନୁଯାୟୀ ପ୍ରଥମେ ଶିବ ଓ ପାର୍ବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା । ବାଗେଶ୍ୱରପୁରର ସୋମନାଥ ଦାଶ ବରପିତା ଓ ଜମ୍ବିଲା ଗ୍ରାମର ଶ୍ରୀମନ୍ତ କୁମାର ମିଶ୍ର କନ୍ୟାପିତା ଭାବେ ଦାୟିତ୍ୱ ତୁଲାଇଥିଲେ । ବିବାହ ପରେ ଶୀତଳ ଷଷ୍ଠୀ ଦିନ ଶିବ ପାର୍ବତୀ ସୁସଜ୍ଜିତ ବିମାନରେ ଜମ୍ବିଲା, ଝରିଘେରିଆ (ମାଧିପୁର) ଓ ବାଗେଶ୍ୱରପୁର ଗ୍ରାମ ପରିକ୍ରମା କରି ଭୋଗ ଗ୍ରହଣ କରିଥିଲେ । ବିବାହ ଅବସରରେ ପାରମ୍ପରିକ ଆଲିପଣା ଚୁଡ଼ା ଘଷା ଭୋଗ ପ୍ରଭୁଙ୍କ ନିକଟରେ ଲାଗି ହୋଇଥିଲାୟ



ବହୁ ବର୍ଷ ଧରି ଏହି ପରମ୍ପରାକୁ ବାଗେଶ୍ୱରପୁରର ଆଚାର୍ଯ୍ୟ ପରିବାର ବହନ କରୁଥିବାବେଳେ ଚଳିତ ବର୍ଷ ଆଚାର୍ଯ୍ୟ ପରିବାର ଜ୍ୟେଷ୍ଠ ପୁତ୍ର ଶ୍ରୀଧର ଆଚାର୍ଯ୍ୟ ଏହାର ଦାୟିତ୍ୱ ସମ୍ପାଦନ କରିଥିଲେ । ସପ୍ତମୀ ତିଥିରେ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ କାଠଚକ୍ର ବାଣ ଯାତ୍ରା ଦେଖିବାକୁ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲାୟ କନ୍ୟାପକ୍ଷ ଜମ୍ବିଲା ଓ ବରପକ୍ଷ ବାଗେଶ୍ୱରପୁର ଗ୍ରାମର କାରିଗରମାନଙ୍କ ମଧ୍ୟରେ କାଠଚକ୍ର ବାଣ ପ୍ରଦର୍ଶନକୁ ନେଇ ରୋମାଞ୍ଚକର ପ୍ରତିଯୋଗିତା ଦେଖିବାକୁ ମିଳିଥିଲା । ଉଭୟ ଗ୍ରାମର ବାଣ ପ୍ରଦର୍ଶନ ଦର୍ଶକଙ୍କ ମନ ମୋହିଥିଲାୟ ଏହି ଯାତ୍ରା ଦେଖିବାକୁ ୫ ହଜାରରୁ ଅଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲାୟ ସୁରକ୍ଷା ଦୃଷ୍ଟିରୁ ଉଭୟ ଗ୍ରାମର ଗ୍ରାମବାସୀ ଓ ରାମେଶ୍ୱର ଦେବ ଯୁବ ପରିଷଦ , ସ୍ଥାନୀୟ ପୋଲିସ, ଅଗ୍ନିଶମ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । ଉତ୍ସବ ପରିଚାଳନାରେ ଶରତ ମିଶ୍ର, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ରାଜକିଶୋର ମହାପାତ୍ର, ନାରାୟଣ ସାମନ୍ତରାୟ, ଦିବାକର ସାମନ୍ତରାୟ, ରମେଶ ସାମନ୍ତରାୟ, ମାନସ ଦାଶ, ବିରଞ୍ଚି ନାରାୟଣ ମିଶ୍ର, ପବିତ୍ର ମିଶ୍ର, କପିଳ ମିଶ୍ର, ସୁକାନ୍ତ ମିଶ୍ର, ସତ୍ୟବ୍ରତ ମିଶ୍ର, ନଟବର ମିଶ୍ର, ଗଙ୍ଗୁଳି ରଥ ଓ ଶ୍ରୀଧର ଆଚାର୍ଯ୍ୟଙ୍କ ସମେତ ଅନେକ ଗ୍ରାମବାସୀ ସହଯୋଗ କରିଥିଲେ ।ଯାତ୍ରା ପରେ ଆଜିଠାରୁ ଦୁଇ ରାତି ଧରି ରାମେଶ୍ୱର ମହାଦେବଙ୍କ ପୀଠ ପଡ଼ିଆରେ ରାମେଶ୍ୱର ଦେବ ଯୁବ ପରିଷଦ ପକ୍ଷରୁ ରାମଲୀଳା ଯାତ୍ରା ପରିବେଷଣ କରାଯିବ।

ରାସ୍ତାରେ ବାଲି ଗଦାକୁ ବିରୋଧ କରିବାରୁ ଆକ୍ରମଣ

ଖଣ୍ଡପଡ଼ା, ୨୧।୯:(ମନ୍ଥନ) ଖଣ୍ଡପଡ଼ା ବ୍ଲକ ଅଧୀନ ଗୁଣ୍ଡୁଣି ଗ୍ରାମରେ ବାଲି ଗଦାଇବାକୁ ବିରୋଧ କରିବାରୁ ଆକ୍ରମଣ ପ୍ରାଣାନ୍ତକ ଆକ୍ରମଣର ଶିକାର ହୋଇଛନ୍ତି ପୂର୍ବତନ ସମିତି ସଭ୍ୟ ଓ ପରିବାର । ମିଳିଥିବା ଅଭିଯୋଗ ଅନୁଯାୟୀ ଆଜି ଅପରାହ୍ନରେ ପୂର୍ବତନ ସମିତିସଭ୍ୟ ନାରାୟଣ ଜେନା (୩୮) ଓ ତାଙ୍କ ସାନଭାଇ ଜିତୁ ଜେନା(୩୫)ଙ୍କୁ ପ୍ରାଣାନ୍ତକ ଆକ୍ରମଣ ହୋଇଛି । ଗ୍ରାମର ମୁଖ୍ୟ ରାସ୍ତାରେ ପଡୋଶୀ କାଠିଆ ବାରିକ ବାଲି ଗଦାଇବାକୁ ଶ୍ରୀ ଜେନା ପ୍ରଥମେ ମନା କରିଥିଲେ । ଦୀର୍ଘଦିନ ଧରି ଏଭଳି କରିଆସୁଥିବାରୁ ନାରାୟଣ ଏହାକୁ ବିରୋଧ କରିବା ପରେ ବଚସା ହୋଇଥିଲାୟ ତେବେ ହଠାତ କାଠିଆ ଓ ତାଙ୍କ ପରିବାର ଲୋକେ ଉଭୟଙ୍କୁ ଖଣ୍ଡା ସାହାଯ୍ୟରେ ଆକ୍ରମଣ କରିଥିଲେ। ଏହି ସମୟରେ ତାଙ୍କୁ ବଞ୍ଚାଇବାକୁ ଯାଇ ସାନଭାଇ ଜିତୁ ଜେନା ମଧ୍ୟ ଗୁରୁତର ଆହତ ହୋଇଥିବା ଜଣାପଡିଛି । ଆକ୍ରମଣରେ ଜିତୁଙ୍କ ମୁଣ୍ଡରେ ଗଭୀର ଆଘାତ ହୋଇଥିବା ବେଳେ ପୂର୍ବତନ ସମିତି ସଭ୍ୟ ଶ୍ରୀ ଜେନାଙ୍କ ଡାହାଣ ହାତ ବୁଢା ଆଙ୍ଗୁଠି ସଂପୂର୍ଣ୍ଣ ଛିଣ୍ଡି ଯାଇଛି । ଗୁରୁତର ଦୁଇ ଭାଇଙ୍କୁ ପ୍ରଥମେ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ଅବସ୍ଥା ଗୁରୁତର ହେବାରୁ ନୟାଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ପରିବାର ସୂତ୍ରରୁ ସୂଚନା ମିଳିଛି । ଏ ନେଇ ସନ୍ଧ୍ୟାରେ ସ୍ଥାନୀୟ ଥାନାରେ ଏତଲା ହୋଇଥିବା ବେଳେ ଘଟଣାରେ ସମ୍ପୃକ୍ତ କାଠିଆଙ୍କୁ ଗିରଫ ଦାବି କରିଛନ୍ତି ପୂର୍ବତନ ସମିତି ସଭ୍ୟଙ୍କ ପରିବାର ବର୍ଗ । ନୟାଗଡ଼ ଜିଲ୍ଲା ପୋଲିସ ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି ।

ବନ୍ଧନ ବ୍ୟାଙ୍କ ପକ୍ଷରୁ ଏଫ୍‌ସିଏନ୍‌ଆର୍ (ବି) ଜମା ଉପରେ ଆକର୍ଷଣୀୟ ଲାଭ ପ୍ରଦାନ

ଭୁବନେଶ୍ୱର, ୨୧।୬ (ନି.ପ୍ର) : ବନ୍ଧନ ବ୍ୟାଙ୍କ ପକ୍ଷରୁ ଏହାର ଏନ୍‌ଆର୍‌ଆଇ (ପ୍ରବାସୀ ଭାରତୀୟ) ଗ୍ରାହକମାନଙ୍କ ପାଇଁ ଆକର୍ଷଣୀୟ ଏଫ୍‌ସିଏନ୍‌ଆର୍ (ବି) ଜମା ଘୋଷଣା କରାଯାଇଛି ଯାହା ମାଧ୍ୟମରୁ ଦୀର୍ଘକାଳୀନ ଅବଧିରେ ଆମେରିକୀୟ ଡଲାର (ୟୁଏସ୍‌ଡି) ଉପରେ ନିବେଶ କରିବାର ଚମତ୍କାର ସୁଯୋଗ ପ୍ରଦାନ କରୁଛି। ବ୍ୟାଙ୍କ ପକ୍ଷରୁ ଏକ ନିୟୁତ ଡଲାର ଓ ତାଠାରୁ ଅଧିକ ମୂଲ୍ୟର ୩-୫ ବର୍ଷିଆ ଅବଧିର ଏଫ୍‌ସିଏନ୍‌ଆର୍ (ବି) ଜମା ଉପରେ ୭.୧ ପ୍ରତିଶତ ସୁଧ ପ୍ରଦାନ କରାଯାଉଛି। ୧ ନିୟୁତ ଡଲାର ପର୍ଯ୍ୟନ୍ତ ଜମା ଉପରେ ସୁଧ ହାରକୁ ୭ ପ୍ରତିଶତକୁ ବୃଦ୍ଧି କରାଯାଇଛି।

ଏହା ପ୍ରବାସୀ ଭାରତୀୟ ଗ୍ରାହକମାନଙ୍କୁ ଦୀର୍ଘକାଳୀନ ଭିତ୍ତିରେ ସ୍ଥିର ଓ ପ୍ରତିଯୋଗିତାମୂଳକ ରିଟର୍ଣ୍ଣ ପ୍ରଦାନ କରିବା ସହ ଭାରତୀୟ ଟଙ୍କାର ଅବମୂଲ୍ୟାୟନ ଭଳି ମାମଲାରେ ବିନିମୟ ମୁଦ୍ରା ମୂଲ୍ୟରେ ହେଉଥିବା ଅସ୍ଥିରତାର ମୁକାବିଲା କରିବାରେ ସହାୟକ ହେବା ଆଶା କରାଯାଉଛି।

ଏ ସମ୍ପର୍କରେ ବନ୍ଧନ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଓ ମୁଖ୍ୟ ବ୍ୟବସାୟ ଅଧିକାରୀ ରାଜିନ୍ଦର କୁମାର ବବର କହିଛନ୍ତି ଯେ, 'ଏନଆରଆଇ ଗ୍ରାହକମାନେ ସେମାନଙ୍କ ବିଦେଶ ନିବେଶ ଉପରେ ସ୍ଥିର ଓ ମୂଲ୍ୟ ଚାହୁଁଥିବା ଭଳି ଏକ ସମୟରେ ଆମେ ସେମାନଙ୍କ ପାଇଁ ଆକର୍ଷଣୀୟ ଏଫସିଏନଆର (ବି) ଜମାର ଶୁଭାରମ୍ଭ କରି ଅତ୍ୟନ୍ତ ଉଲ୍ଲସିତ। ଏହା ସେମାନଙ୍କୁ ଦୀର୍ଘକାଳୀନ ସମୟ ପର୍ଯ୍ୟ' ପ୍ରତିଯୋଗିତାପୂର୍ଣ୍ଣ ରିଟର୍ଣ୍ଣ ପ୍ରଦାନ କରିବ ଏବଂ ମୁଦ୍ରା ସହ ଜଡ଼ିତ ରିସ୍କର ମଧ୍ୟ ମୁକାବିଲା କରିବ। ବନ୍ଧନ ବ୍ୟାଙ୍କରେ ଆମେ ଗ୍ରାହକମାନଙ୍କୁ ସୁହାଇବା ଭଳି ସମାଧାନ ପ୍ରଦାନ କରିବାକୁ ପ୍ରତିବଦ୍ଧ ରହିଛୁ ଯାହା ଆମ ବିଶ୍ୱସ୍ତରୀୟ ଗ୍ରାହକମାନଙ୍କ ଉଦୀୟମାନ ଆର୍ଥିକ ଆବଶ୍ୟକତା ପୂରଣ କରିବ। ଭାରତୀ ରିଜର୍ଭ ବ୍ୟାଙ୍କ ପକ୍ଷରୁ ସର୍ବନିମ୍ନ ତିନି ବର୍ଷ ଓ ସର୍ବାଧିକ ପାଂଚ ବର୍ଷ ପାଇଁ ନୂଆ ଏଫସିଏନଆର (ବି) ଜମା ଉପରେ ଆମେରିକୀୟ ଡଲାର-ଭାରତୀୟ ଟଙ୍କା ଫୋରେକ୍ସ ସ୍ୱାପ୍ ସୁବିଧା ଆରମ୍ଭ କରାଯିବା ପରେ ବ୍ୟାଙ୍କ ଏହି ଜମା ସୁବିଧା ପ୍ରଦାନ କରିଛି। ଏହି ନିୟାମକ ପଦକ୍ଷେପର ଲକ୍ଷ୍ୟ ହେଉଛି ବ୍ୟାଙ୍କିଂ ବ୍ୟବସ୍ଥାକୁ ଅଧିକ ବିଦେଶୀ ମୁଦ୍ରା ପ୍ରବାହକୁ ଉତ୍ସାହିତ କରିବା। ସାରା ଦେଶରେ ବନ୍ଧନ ବ୍ୟାଙ୍କର ପ୍ରାୟ ୨୦୦୦ ଶାଖା ରହିଛି ଯାହା ଏନଆରଆଇ ଗ୍ରାହକମାନଙ୍କ ପାଇଁ ଏହି ସୀମିତ ଅବଧିର ଲାଭ ପ୍ରଦାନ କରୁଛି ଏବଂ ଯେକୌଣସି ଶାଖାରେ ପ୍ରବାସୀ ଖାତା ଖୋଲିବା ପାଇଁ ଓ ସଂପ୍ରତି ସୁହାଇବା ଭଳି ଜମା ହାରର ଲାଭ ଉଠାଇବା ପାଇଁ ସେମାନଙ୍କୁ ସ୍ୱାଗତ କରୁଛି।

ରିଲାଏନ୍ସରେ ଆକାର ନେଉଛି ଉତ୍ତରାଧିକାର; ଦୈନନ୍ଦିନ ପରିଚାଳନାର ପିଢ଼ିଗତ ହସ୍ତାନ୍ତରଣ ପ୍ରାୟ ସମ୍ପୂର୍ଣ୍ଣ

ମୁମ୍ବାଇ, ୨୧।୬ (ନି.ପ୍ର): ଦେଶର ସର୍ବବୃହତ କମ୍ପାନୀ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଭବିଷ୍ୟତ ନେତୃତ୍ୱ ଢାଞ୍ଚା ଏବେ ସ୍ପଷ୍ଟ ଭାବରେ ଆକାର ଧାରଣ କରୁଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ୪୯ତମ ବାର୍ଷିକ ସାଧାରଣ ସଭା (ଏଜିଏମ) ରେ, ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ମୁକେଶ ଡି. ଅମ୍ବାନୀ ଘୋଷଣା କରିଛନ୍ତି ଯେ କମ୍ପାନୀର ଦୈନନ୍ଦିନ ପରିଚାଳନାର ପିଢ଼ିଗତ ହସ୍ତାନ୍ତର ପ୍ରାୟ ସମ୍ପୂର୍ଣ୍ଣ ହେବାକୁ ଯାଉଛି।

ମୁକେଶ ଅମ୍ବାନୀ କହିଛନ୍ତି ଯେ ଇଶା, ଆକାଶ ଏବଂ ଅନନ୍ତ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ବୋର୍ଡରେ ତିନି ବର୍ଷ ପୂରଣ କରିଛନ୍ତି। ସେ ସୂଚନା ଦେଇଛନ୍ତି ଯେ ଇଶା ଗ୍ରାହକ ବା କ୍ରୁମର ବ୍ୟବସାୟର ନେତୃତ୍ୱ ନେଉଛନ୍ତି, ଆକାଶ ପ୍ରଯୁକ୍ତି ବା ଟେକ୍ନୋଲୋଜି ବ୍ୟବସାୟର ନେତୃତ୍ୱ ନେଉଛନ୍ତି, ଏବଂ ଅନନ୍ତ ଶକ୍ତି ବା ଏନର୍ଜି ବ୍ୟବସାୟର ନେତୃତ୍ୱ ନେଉଛନ୍ତି। ମୁକେଶ ଅମ୍ବାନୀ କହିଛନ୍ତି, 'ଇଶା, ଆକାଶ ଏବଂ ଅନନ୍ତ ଭିନ୍ନ ଭିନ୍ନ ବ୍ୟବସାୟିକ କ୍ଷେତ୍ରର ନେତୃତ୍ୱ ନେଉଛନ୍ତି, କିନ୍ତୁ ସେମାନେ ରିଲାଏନ୍ସ ଇକୋସିଷ୍ଟମର ସାମଗ୍ରିକ ବିକାଶ ପାଇଁ ଏକତ୍ର କାମ କରୁଛନ୍ତି। ସେମାନେ ତିନୋଟି ଶରୀର, ଗୋଟିଏ ଆତ୍ମା। ସେମାନଙ୍କର ଆତ୍ମା ହେଉଛି ରିଲାଏନ୍ସ - ଏକକ, ଅବିଭାଜ୍ୟ ରିଲାଏନ୍ସ, ଆଜି ଏବଂ ସବୁଦିନ ପାଇଁ। ଏହି ଉକ୍ତି ଗୁରୁତ୍ୱପୂର୍ଣ୍ଣ କାରଣ ରିଲାଏନ୍ସରେ ଉତ୍ତରାଧିକାରର ପ୍ରଶ୍ନ ଉପରେ ଦୀର୍ଘ ଦିନ ଧରି ନିବେଶକ,

ବଜାର ଏବଂ ଶିଳ୍ପର ନଜର ରହିଛି। ଏଜିଏମରେ, ମୁକେଶ ଅମ୍ବାନୀ ଏହାକୁ କେବଳ ପରିବାର ନେତୃତ୍ୱର ପରିବର୍ତ୍ତନ ଭାବରେ ନୁହେଁ, ବରଂ ରିଲାଏନ୍ସକୁ ଦୀର୍ଘ କାଳ ପାଇଁ ଏକ ମଜଭୁତ ସଂସ୍ଥା ଭାବରେ ବଜାୟ ରଖିବାକୁ ସୁନିଶ୍ଚିତ କରିବା ପାଇଁ ଏକ ପ୍ରକ୍ରିୟା ଭାବରେ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି ଯେ ମହାନ କମ୍ପାନୀଗୁଡ଼ିକ ନେତୃତ୍ୱ ନେଉଥିବା ଜଣେ ବ୍ୟକ୍ତିଙ୍କ କାର୍ଯ୍ୟକାଳ ଦ୍ୱାରା ନୁହେଁ, ବରଂ ସେମାନେ ନିର୍ମାଣ କରୁଥିବା ସଂସ୍କାର ଶକ୍ତି, ସ୍ଥାୟୀତ୍ୱ ଏବଂ ଦୀର୍ଘସ୍ଥାୟୀତା ଦ୍ୱାରା ପରିଭାଷିତ ହୋଇଥାଏ। ଏହି ଦୃଷ୍ଟିକୋଣକୁ ଧ୍ୟାନରେ ରଖି, ସଂସ୍ଥାଗତ ନିରନ୍ତରତା ସୁନିଶ୍ଚିତ କରିବା ପାଇଁ ରିଲାଏନ୍ସରେ ଏକ '୫-ଏସ' ଢାଞ୍ଚା କାର୍ଯ୍ୟକାରୀ କରାଯାଉଛି। ଏହି ୫-ଏସ ଢାଞ୍ଚାର ପ୍ରଥମ ଉପାଦାନ ହେଉଛି 'ଉତ୍ତରାଧିକାର'। ତେବେ ମୁକେଶ ଅମ୍ବାନୀ ଏହା ମଧ୍ୟ କହିଛନ୍ତି ଯେ ସେ ରିଲାଏନ୍ସକୁ ସକ୍ରିୟ ନେତୃତ୍ୱ ପ୍ରଦାନ କରିବା ଜାରି ରଖିବେ। ଏଥିସହିତ ସେ ସେୟାରଧାରକମାନଙ୍କୁ ଆଶ୍ୱାସନା ଦେଇଥିଲେ ଯେ କମ୍ପାନୀର ଭବିଷ୍ୟତ କେବଳ ସୁରକ୍ଷିତ ହାତରେ ନୁହେଁ ବରଂ ଏଭଳି ହାତରେ ରହିଛି ଯାହା ରିଲାଏନ୍ସକୁ ଆହୁରି ଉଚ୍ଚତାରେ ପହଞ୍ଚାଇବ। ଏଜିଏମରେ, ମୁକେଶ ଅମ୍ବାନୀ ରିଲାଏନ୍ସର ଅଭିବୃଦ୍ଧି ଯାତ୍ରାକୁ 'ପ୍ରତିଷ୍ଠାତା ମାନସିକତା' ସହିତ ଯୋଡିଥିଲେ। ସେ କହିଥିଲେ ଯେ ରିଲାଏନ୍ସର ଅଭିବୃଦ୍ଧିର ରହସ୍ୟ ଦୁଇଟି ଶବ୍ଦରେ ନିହିତ: ପ୍ରତିଷ୍ଠାତା ମାନସିକତା। ତାଙ୍କ ଅନୁସାରେ, ପ୍ରତ୍ୟେକ ନୂତନ ପିଢ଼ିକୁ ବିଶ୍ୱାସ କରିବାକୁ ପଡିବ ଯେ ସେମାନେ ରିଲାଏନ୍ସର ପ୍ରତିଷ୍ଠାତା ଏବଂ ପ୍ରଥମ ପିଢ଼ିର ପ୍ରତିନିଧିତ୍ୱ କରୁଛନ୍ତି। ସେ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ଇଶା, ଆକାଶ ଏବଂ ଅନନ୍ତ ଏବେ ସେହି କାମ କରୁଛନ୍ତି ଯାହା ସେ ନିଜେ ୨୫ ବର୍ଷ ପୂର୍ବେ କରିଥିଲେ, କିନ୍ତୁ ଅଧିକ ମହତ୍ୱାକାଂକ୍ଷା ଏବଂ ଏକ ବିଶାଳ ଆର୍ଥିକ ଓ ପ୍ରଫେସନାଲ ଭିତ୍ତିଭୂମି ସହିତ। ମୁକେଶ ଅମ୍ବାନୀ ବିଶ୍ୱାସ ପ୍ରକଟ କରିଛନ୍ତି ଯେ, ଭବିଷ୍ୟତରେ, ଏହି ପ୍ରତ୍ୟେକଟି ବ୍ୟବସାୟ ଆଜିର ରିଲାଏନ୍ସ ପରି ବଡ଼ ହୋଇପାରିବ। ରିଲାଏନ୍ସର ନେତୃତ୍ୱ ସମ୍ପର୍କରେ ଏହି ସଙ୍କେତ ଏପରି ସମୟରେ ଆସିଛି ଯେତେବେଳେ କମ୍ପାନୀ ଜିଓ ଆଇପିଓ, ରିଲାଏନ୍ସ ଇଣ୍ଟେଲିଜେନ୍ସ, ନ୍ୟୁ ଏନର୍ଜି, ଏଫଏମସିଜି ଏବଂ ବିଶ୍ୱସ୍ତରରେ ରପ୍ତାନି ଭଳି ଅନେକ ପ୍ରମୁଖ ଅଭିବୃଦ୍ଧି ଇଞ୍ଜିନ ଉପରେ କାମ କରୁଛି। ଏଜିଏମରେ, ମୁକେଶ ଅମ୍ବାନୀ ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ କମ୍ପାନୀର ସମନ୍ୱିତ ଏବିଟା ଆୟକୁ ଦ୍ୱିଗୁଣିତ କରିବା ନେଇ ମଧ୍ୟ ବିଶ୍ୱାସ ପ୍ରକଟ କରିଛନ୍ତି। ଏହି ପରିପ୍ରେକ୍ଷୀରେ, ରିଲାଏନ୍ସର ଉତ୍ତରାଧିକାର ଢାଞ୍ଚା କେବଳ ନେତୃତ୍ୱ ପରିବର୍ତ୍ତନର ଏକ କାହାଣୀ ନୁହେଁ; ଏହା କମ୍ପାନୀର ଅଭିବୃଦ୍ଧିର ପରବର୍ତ୍ତୀ ପର୍ଯ୍ୟାୟ, ସାଂସ୍ଥାଗତ ନିରନ୍ତରତା ଏବଂ ଭବିଷ୍ୟତର ମୂଲ୍ୟ ସୃଷ୍ଟିର ଏକ ଗୁରୁତ୍ୱପୂର୍ଣ୍ଣ ସଙ୍କେତ।

ରାହୁଲ ଭାଟ୍ସ ଭାରତୀ ହେଲେ ଏୟାରଟେଲର ନୂତନ ନିର୍ଦ୍ଦେଶକ

ନୂଆଦିଲ୍ଲୀ, ୨୧।୬ (ନି.ପ୍ର) : ଭାରତର ପ୍ରମୁଖ ଦୂରସଂଚାର ସେବା ପ୍ରଦାନକାରୀମାନଙ୍କ ମଧ୍ୟରେ ଭାରତୀ ଏୟାରଟେଲ୍ ଅନ୍ୟତମ. ଯିଏ ରାହୁଲ ଭାଟ୍ସଙ୍କ ଦାୟିତ୍ୱକୁ ବିସ୍ତାର କରିଛି, ତାଙ୍କୁ ନିର୍ଦ୍ଦେଶକ - କର୍ପୋରେଟ୍ ବ୍ୟାପାର ଏବଂ ଗୋଷ୍ଠୀ ମୁଖ୍ୟ ନିୟାମକ ଅଧିକାରୀ ଭାବରେ ନିଯୁକ୍ତ କରିଛି।

ଏହି ବିସ୍ତାରିତ ଭୂମିକାରେ, ରାହୁଲ କର୍ପୋରେଟ୍ ବ୍ୟାପାର ଦଳର ନେତୃତ୍ୱ ନେବେ ଏବଂ ଶିଳ୍ପ ଓ ସରକାରଙ୍କ ମଧ୍ୟରେ ଅଂଶୀଦାରଙ୍କ ସମ୍ପର୍କକୁ ପରିଚାଳନା କରିବେ, କମ୍ପାନୀର ସାର୍ବଜନୀନ ନୀତି ସ୍ଥିତି ଏବଂ ନିୟାମକ ରଣନୀତିକୁ ମଧ୍ୟ ଆକାର ଦେବେ। ସେ ଭାରତୀ ଏୟାରଟେଲ୍ ପାଇଁ ପ୍ରାଥମିକ ସରକାର ଏବଂ ନିୟାମକ ଇଣ୍ଟରଫେସ୍ ଭାବରେ ମଧ୍ୟ

କାର୍ଯ୍ୟ କରିବେ। ଏହି ପଦକ୍ଷେପ କମ୍ପାନୀର କର୍ପୋରେଟ୍ ବ୍ୟାପାର କ୍ଷମତାକୁ ସୁଦୃଢ଼ କରିବ.ଏଥିସହ ରାହୁଲ ଏୟାରଟେଲ୍ ପରିଚାଳନା ବୋର୍ଡରେ ସେବା ଜାରି ରଖିବେ। ସେ ଫାଉଣ୍ଡେସନ କାର୍ଯ୍ୟକଳାପ କମ୍ପାନୀର ବୃହତ୍ତର ଉଦ୍ଦେଶ୍ୟ ସହିତ ସମନ୍ୱିତ ହେବା ନିଶ୍ଚିତ କରିବା ପାଇଁ ତାଙ୍କୁ ଭାରତୀ ଏୟାରଟେଲ୍ ଫାଉଣ୍ଡେସନ୍ ବୋର୍ଡରେ ସାମିଲ କରାଯିବ। ପ୍ରାୟ ୩୦ ବର୍ଷର ଅଭିଜ୍ଞତା ସହିତ ଜଣେ ଟେଲିକମ୍ ଅଭିଜ୍ଞ, ରାହୁଲ ଏପ୍ରିଲ ୨୦୨୦ରେ ମୁଖ୍ୟ ନିୟାମକ ଅଧିକାରୀ ଭାବରେ ଏୟାରଟେଲରେ ଯୋଗ ଦେଇଥିଲେ। ସେ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ-ଅହମ୍ମଦାବାଦ ଏବଂ ଦି ୱ୍ୱାର୍ଟନ୍ ସ୍କୁଲ, ପେନସିଲଭାନିଆର ପୂର୍ବତନ ଛାତ୍ର।

ଟିପିଏସ୍‌ଓଡିଏଲ୍ ତରଫରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ବ୍ରହ୍ମପୁର, ୨୧।୬ (ନି.ପ୍ର) : ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସଓଡିଏଲ) ତା'ର ସମଗ୍ର କାର୍ଯ୍ୟକ୍ଷେତ୍ରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରିଛି। ଏଥିରେ ଯୋଗ ଉତ୍ସାହୀ ଏବଂ କମ୍ପାନୀର କର୍ମଚାରୀମାନେ ଯୋଗ ଦେଇଛନ୍ତି। ଏହି ଅବସରରେ ସ୍ୱାସ୍ଥ୍ୟ ଏବଂ ମାନସିକ ସୁସ୍ଥତା ଅଧିବେଶନ ମଧ୍ୟ ହୋଇଛି। ଯାହା ମାନସିକ ସ୍ୱାସ୍ଥ୍ୟ, ସଚେତନତା ଏବଂ ଚାପ ପରିଚାଳନା ଉପରେ କେନ୍ଦ୍ରିତ ଥିଲା। ଟିପିଏସଓଡିଏଲର ବ୍ରହ୍ମପୁର, ଭଞ୍ଜନଗର, ଆସିକା ଏବଂ ରାୟଗଡ଼ା ସମେତ ଅନ୍ୟାନ୍ୟ ସ୍ଥାନରେ

ମଧ୍ୟ କର୍ମଚାରୀମାନେ ଏଥିରେ ସାମିଲ ହୋଇଥିଲେ। ଏହି ଅଧିବେଶନର ମୂଳ ଲକ୍ଷ୍ୟ ଥିଲା କର୍ମଚାରୀଙ୍କ ମଧ୍ୟରେ ଶାରୀରିକ ସୁସ୍ଥତା, ମାନସିକ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଏବଂ ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନରେ ଏକ ସୁସ୍ଥ ସନ୍ତୁଳନ ବଜାଏ ରଖିବାର ଭାବନାକୁ ପ୍ରୋତ୍ସାହିତ କରିବା। ଯାହା ଖୁବ୍ ଗୁରୁତ୍ୱପୂର୍ଣ୍ଣ ଅଟେ। ଏହି ଅବସରରେ ଶ୍ରୀ ଅମିତ କୁମାର ଗର୍ଗ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପିଏସଓଡିଏଲ୍ କହିଛନ୍ତି, "ଯୋଗ ହେଉଛି ଏକ ଜୀବନଶୈଳୀ, ଯାହା ଅନୁଶାସନ, ସକାରାତ୍ମକ ଭାବନା ଏବଂ ଅନ୍ତର୍ନିହିତ ଶକ୍ତିକୁ ପ୍ରୋତ୍ସାହିତ କରେ। ଉପଭୋକ୍ତାଙ୍କୁ ଦକ୍ଷ ଏବଂ ଭରସାଯୋଗ୍ୟ ସେବା ପହଞ୍ଚାଇବା ପାଇଁ ଏକ ସୁସ୍ଥ ଏବଂ ପ୍ରେରଣାପୂର୍ଣ୍ଣ କର୍ମଶକ୍ତିର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ"। ବିଭିନ୍ନ ସର୍କଲରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁ ବିଭାଗର ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ଯୋଗ ଦେଇଥିଲେ। ଏପରି ଉଦ୍ୟମ ମାଧ୍ୟମରେ ଟିପିଏସ୍ ?ଓଡିଏଲ୍ କର୍ମଚାରୀଙ୍କ ସ୍ୱାସ୍ଥ୍ୟକୁ ଉତ୍ସାହିତ କରିବା ଏବଂ ଏକ ସ୍ଥିର, ସତର୍କ ଓ ଭବିଷ୍ୟତ-ପ୍ରସ୍ତୁତ କର୍ମଶକ୍ତିକୁ ପ୍ରୋତ୍ସାହିତ କରିବାର ଅଭିଯାନ ଜାରି ରଖିଛି। ଯାହା ଦକ୍ଷିଣ ଓଡ଼ିଶାରେ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣ ପ୍ରତି ଥିବା ପ୍ରତିବଦ୍ଧତାକୁ ଦୃଢ଼ କରେ।

ଜୀବନ ବୀମା ଲାଭ ଦୀର୍ଘକାଳୀନ ଭିତିରେ ଚିନ୍ତାଧାରା ଠାରୁ ବହୁଗୁଣିତ ପ୍ରଦାନ କରିଥାଏ

ଭୁବନେଶ୍ୱର, ୨୧।୬ (ନି.ପ୍ର) : ଜୀବନ ବୀମା ଶିଳ୍ପ ଜୀବନ ବୀମା ପ୍ରତି ଅଧିକ ସନ୍ତୁଳିତ ଆଭିମୁଖ୍ୟ ଗ୍ରହଣ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛି। ଏହି ଶିଳ୍ପ ବିଶ୍ୱାସ କରେ ଯେ ଜୀବନ ବୀମାର ଦୀର୍ଘମିଆଦୀ ଲାଭ ଯେପରିକି ଆର୍ଥିକ ସୁରକ୍ଷା, ପରିବାର ସୁରକ୍ଷା ଏବଂ ଶୃଙ୍ଖଳିତ ସଂଚୟ, ଯାହା ବିଭିନ୍ନ ସମୟରେ ହେଉଥିବା ମିସ୍-ସେଲିଂ ସହିତକିଛି ବିଚ୍ଛିନ୍ନ ଚି'ାଧାରା ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ।

ଇନ୍ସୁରାନ୍ସ ଆୱାରନେସ କମିଟି - ଲାଇଫ୍ ଇନ୍ସୁରାନ ଗ୍ରାହକ ଏବଂ ଅନ୍ୟ ହିତାଧିକାରୀମାନଙ୍କୁ ଜୀବନ ବୀମାକୁ ଏକ ଦୀର୍ଘକାଳୀନ ଆର୍ଥିକ ସୁରକ୍ଷା ଉପକରଣ ଭାବରେ ବ୍ୟବହାର କରିବା ପାଇଁ ଉତ୍ସାହିତ କରେ। ଜୀବନ ବୀମାକୁ କେବଳ ତୁରନ୍ତ କିମ୍ବା ସ୍ୱଳ୍ପ ମିଆଦୀ ଫଳାଫଳ ଉପରେ ଆଧାର କରି ମୂଲ୍ୟାୟନ କରାଯିବା ଉଚିତ୍ ନୁହେଁ। ଇନ୍ସୁରାନ୍ସ ଆୱାରନେସ କମିଟି ର ଅଧ୍ୟକ୍ଷ କମଲେଶ ରାଓ କହିଛନ୍ତି: 'ଜୀବନ ବୀମାର ଉଦ୍ଦେଶ୍ୟ ହେଉଛି ସମୟ ସହିତ ମୂଲ୍ୟ ଯୋଗାଇବା

ଏହା ପରିବାରକୁ ଆର୍ଥିକ ସୁରକ୍ଷା ଯୋଗାଇଥାଏ, ବିପଦରୁ ରକ୍ଷା କରିଥାଏ ଏବଂ ଶୃଙ୍ଖଳିତ ସଞ୍ଚୟକୁ ପ୍ରୋତ୍ସାହିତ କରିଥାଏ। ଯଦିଓ ମିସ୍-ସେଲିଂ ଭଳି ଚିନ୍ତାଧାରା ରହିଛି ଏବଂ ଏହି ଶିଳ୍ପ ଏହାର ସମାଧାନ କରିବ, ସେଗୁଡିକ ସମ୍ପୂର୍ଣ୍ଣ ଜୀବନ ବୀମା ଇକୋସିଷ୍ଟମର ମାତ୍ର ଏକ ଛୋଟ ଅଂଶ। ଅନ୍ୟ ପକ୍ଷରେ, ଏହି ଶିଳ୍ପ ଲକ୍ଷ ଲକ୍ଷ ପଲିସିଧାରୀଙ୍କୁ ନିରନ୍ତର ଏବଂ ମହତ୍ୱପୂର୍ଣ୍ଣ ଲାଭ ପ୍ରଦାନ କରୁଛି। ଏହା ବିଶେଷ ଭାବରେ ଉଲ୍ଲେଖନୀୟ ଯେ ଜୀବନ ବୀମା ହେଉଛି ଏକମାତ୍ର ଆର୍ଥିକ ଉପକରଣ ଯେଉଁଥିରେ 'ଫ୍ରି-ଲୁକ୍ ପିରିୟଡ୍' ର ସୁବିଧା ଉପଲବ୍ଧ। ଏହି ବୈଶିଷ୍ଟ୍ୟ ପଲିସିଧାରକମାନଙ୍କୁ ଏହାକୁ କିଣିବା ପରେ ସମୀକ୍ଷା କରିବାର ସୁଯୋଗ ପ୍ରଦାନ କରେ। ଶ୍ରୀ ରାଓ ଆହୁରି ମଧ୍ୟ କହିଛନ୍ତି, 'ଯଦି ଦୀର୍ଘକାଳୀନ ଆର୍ଥିକ ସମାଧାନକୁ କେବଳ ସ୍ୱଳ୍ପମିଆଦୀ ଦୃଷ୍ଟିକୋଣରୁ ମୂଲ୍ୟାୟନ କରାଯାଏ, ତେବେ ସେମାନଙ୍କ ପ୍ରକୃତ ଏବଂ ସାମଗ୍ରିକ ମୂଲ୍ୟ ବିଷୟରେ ଏକ ଅସମ୍ପୂର୍ଣ୍ଣ ଜ୍ଞାନ ମିଳିପାରେ। ଜୀବନ ବୀମାର ମୂଳ ଉଦ୍ଦେଶ୍ୟ ହେଉଛି ଜୀବନର ଜଟିଳ ପରିସ୍ଥିତିରେ ଆର୍ଥିକ ସୁରକ୍ଷା ଯୋଗାଇବା। ଜୀବନ ବୀମା ଶିଳ୍ପ ୨୦୨୪-୨୫ଆର୍ଥିକବର୍ଷ ମଧ୍ୟରେ ମୋଟ ୬.୩ ଲକ୍ଷ କୋଟିରୁ ଅଧିକ ଅର୍ଥ ପ୍ରଦାନ କରିଛି, ଯେଉଁଥିରେ ମୃତ୍ୟୁ ଦାବି, ପରିପକ୍ୱତା ଲାଭ, ବାର୍ଷିକ ଦେୟ ଏବଂ ପ୍ରତ୍ୟାହାର ଅନ୍ତର୍ଭୁକ୍ତ। ଏହା ଲକ୍ଷ ଲକ୍ଷ ପରିବାରକୁ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ସହାୟତା ପ୍ରଦାନ କରିଥିଲା।

ଭାରତରେ ୱାଟର ପଜିଟିଭରେ ପରିଣତ ହୋଇଛି ଆମାଜନ

ଭୁବନେଶ୍ୱର, ୨୧।୬ (ନି.ପ୍ର) : ଆମାଜନ ଭାରତରେ ୱାଟର ପଜିଟିଭରେ ପରିଣତ ହୋଇଛି। ଏହାର ଅର୍ଥ ହେଉଛି କମ୍ପାନୀ ଏବେ ଭାରତବ୍ୟାପୀ କର୍ପୋରେଟ ଅଫିସ, ଡାଟା ସେଂଟର ଓ ଫୁଲ୍‌ଫିଲମେଂଟ ସେଂଟରଗୁଡିକ ସମେତ ଏହାର ପ୍ରତ୍ୟକ୍ଷ ପରିଚାଳନାରେ ବ୍ୟବହୃତ ଜଳଠାରୁ ଅଧିକ ପରିମାଣର ଜଳ ସମୁଦାୟଗୁଡିକୁ ଫେରସ୍ତ କରୁଛି। ଆମାଜନ ୨୦୨୭ ସୁଦ୍ଧା ଭାରତରେ ୱାଟର ପଜିଟିଭ ହେବା ପାଇଁ ଏକ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା ଏବଂ ସମୟ ପୂର୍ବରୁ ଏହି ଲକ୍ଷ୍ୟ ହାସଲ କରିଛି। ଏହି ସଫଳତା କମ୍ପାନୀର ଆନ୍ତର୍ଜାତୀୟ ଜଳ ପରିଚାଳନା ରଣନୀତି କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ସୂଚିତ କରୁଛି। ଭାରତ ବିଶ୍ୱ ଜନସଂଖ୍ୟାର ୧୮% ଧାରଣ କରିଛି କିନ୍ତୁ ଏଠାରେ ବିଶ୍ୱ ମଧୁର ଜଳ ସମ୍ବଳର ମାତ୍ର ୪% ରହିଛି, ଯାହା ଏହାକୁ ବିଶ୍ୱର ଅନ୍ୟତମ ସର୍ବାଧିକ ଜଳ-ସଙ୍କଟପୂର୍ଣ୍ଣ ଅଂଚଳରେ ପରିଣତ କରୁଛି। ଆମାଜନ ୩ଟି ସ୍ତମ୍ଭ ଅଧିନରେ ବିଭିନ୍ନ ପଦକ୍ଷେପ ମାଧ୍ୟମରେ ଏହି ସମସ୍ୟାର ସମାଧାନ କରୁଛି, ତାହା ହେଉଛି: ଜଳ ବ୍ୟବହାର ହ୍ରାସ କରିବା, ଟ୍ରିଟମେଂଟ ହାର୍ଭେଷ୍ଟିଙ୍ଗ ସିଷ୍ଟମ ମାଧ୍ୟମରେ ଜଳର ପୁନଃବ୍ୟବହାର ଏବଂ ଜଳ ସଙ୍କଟ ଥିବା ସମୁଦାୟଗୁଡିକରେ ଜଳର ପୁନଃଭରଣ। ଏହି ପ୍ରୟାସଗୁଡିକ ଆମାଜନକୁ ୨୦୨୫ରେ ଏହା ବ୍ୟବହାର କରିଥିବା ଜଳର ୧୨୦% ଫେରାଇବା ପାଇଁ ସକ୍ଷମ କରିଥିଲା, ଯାହା ଏହାକୁ ୱାଟର ପଜିଟିଭରେ ପରିଣତ କରିଛି। ଏହି ପ୍ରଗତିକୁ ନିୟମିତ ଆଭ୍ୟନ୍ତରୀଣ ଓ ତୃତୀୟ ପକ୍ଷ ଅଡିଟ ମାଧ୍ୟମରେ ଯାଂଚ କରାଯାଇଥାଏ।

ଏହି ସଫଳତା ସମ୍ପର୍କରେ ଆମାଜନ ଇଣ୍ଡିଆ, ଏପିଏସି, ମିଡିଲ ଇଷ୍ଟ ଓ ତୁର୍କୀର ପରିଚାଳନା ବିଭାଗର ଉପାଧ୍ୟକ୍ଷ ଅଭିନବ ସିଂହ କହିଛନ୍ତି,' ଭାରତରେ ୱାଟର ପଜିଟିଭ ହାସଲ କରିବା ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ଅଟେ। ଏହା ହ୍ରଦ ପୁନରୁଦ୍ଧାରଠାରୁ ଆରମ୍ଭ କରି ୱାଟରସେଡ ଡେଭ୍‌ଲପମେଂଟ ପର୍ଯ୍ୟନ୍ତ ବୃହତ ସ୍ତରର ସମୁଦାୟ-ପ୍ରକଳ୍ପଗୁଡିକରେ ନିବେଶ କରିବା ସହ ଆମର ପରିଚାଳନାରେ ଜଳ ଦକ୍ଷତାକୁ ଉନ୍ନତ କରିବା ପାଇଁ ଆମର ଅନେକ ବର୍ଷର ନିରନ୍ତର କାର୍ଯ୍ୟକୁ ପ୍ରତିଫଳନ କରୁଛି। ଆମେ ଜଳ ଗୁଣବତା ଉନ୍ନତ କରିବା ଏବଂ ଦେଶରେ ଅଧିକ ଜଳ-ସ୍ଥାୟୀ ସମୁଦାୟ ନିର୍ମାଣରେ ସାହାଯ୍ୟ କରିବା ପାଇଁ ପ୍ରତିବଦ୍ଧ ରହିଛୁ।

ଆମାଜନ ନାଓ'ର ସମ୍ପ୍ରସାରଣକୁ ଦ୍ୱିଗୁଣିତ କରିଛି ଆମାଜନ

ଭୁବନେଶ୍ୱର, ୨୧।୬ (ନି.ପ୍ର) : ଆମାଜନ ପକ୍ଷରୁ ଆଜି ୧୦୦ରୁ ଅଧିକ ସ୍ୱତନ୍ତ୍ର ଅର୍ବାନ ଫୁଲଫିଲମେଂଟ ସେଂଟରର ଆରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି, ଯାହା ଏକ ଗୁରୁତ୍ୱପୂର୍ଣ୍ଣ ସମ୍ପ୍ରସାରଣକୁ ସୂଚିତ କରୁଛି। ଏହା ଆମାଜନ ନାଓରେ ଉପଲବ୍ଧ ହଜାର ହଜାର ଜରୁରୀ ସାମଗ୍ରୀ ଉପରେ ୪ ଗୁଣ ଅଧିକ ଚୟନ ପ୍ରଦାନ କରିବ। ପ୍ରାଇମ ଡେ ୨୦୨୬ ପୂର୍ବରୁ ଏହି ସେଂଟରଗୁଡିକ ଗ୍ରୋସରୀ (ଫଳ ଓ ପନିପରିବା ଏବଂ ଫ୍ରୋଜେନ ଫୁଡ ସମେତ), ପର୍ସନାଲ କେୟାର, ଫ୍ୟାଶନ ଓ ବିୟୁଟି ପ୍ରଡକ୍ଟ, କ୍ଷୁଦ୍ର ଆପ୍ଲାଏନ୍ସ, ବେବି ପ୍ରଡକ୍ଟ, ପେଟ୍ ସପ୍ଲାଇ ଏବଂ ହେଲ୍‌ଥକେୟାର ସପ୍ଲିମେଂଟ ବ୍ୟତୀତ ଗ୍ରାହକଙ୍କୁ ପୋଷାକ, ଇଲେକ୍‌ଟ୍ରୋନିକ୍ସ, ଜୁଏଲାରୀ, ଜୋତା, ଲଗେଜ, ୱାଚ, ୱାୟାରଲେସ, ମ୍ୟୁଜିକାଲ ଇନ୍‌ଷ୍ଟ୍ରୁମେଂଟ, ଫର୍ଣ୍ଣିଚର ଆଦି ପାଇଁ ପହଂଚ ପ୍ରଦାନ କରିବ ଯାହାକୁ ମାତ୍ର କିଛି ମିନିଟରେ ଡେଲିଭର କରାଯିବ। ୧୦୦୦ରୁ ଅଧିକ ମାଇକ୍ରୋ-ଫୁଲଫିଲମେଂଟ ସେଂଟର ସହିତ ୧୦୦ ସହରକୁ ଆମାଜନ ନାଓର ସମ୍ପ୍ରସାରଣ ସମ୍ପର୍କରେ ପୂର୍ବରୁ କରାଯାଇଥିବା ଘୋଷଣା ଉପରେ ଏହି ଅର୍ବାନ ଫୁଲ୍‌ଫିଲମେଂଟ ସେଂଟରଗୁଡିକର ଲଂଚ ଆଧାରିତ।

ଏହି ସେଂଟରଗୁଡିକୁ ବେଙ୍ଗାଲୁରୁ, ଚେନ୍ନାଇ, ଦିଲ୍ଲୀ-ଏନସିଆର, ହାଇଦ୍ରାବାଦ ଓ ମୁମ୍ବାଇ ଭଳି ସହରଗୁଡିକରେ ପର୍ଯ୍ୟାୟକ୍ରମେ ଲଂଚ କରାଯିବ।

ଏସମ୍ପର୍କରେ ଆମାଜନ ଇଣ୍ଡିଆର ଏପିଏସି, ମିଡିଲ ଇଷ୍ଟ, ଆଫ୍ରିକା ଓ ତୁର୍କୀର ପରିଚାଳନା ବିଭାଗର ମୁଖ୍ୟ ଉପାଧ୍ୟକ୍ଷ ଅଭିନବ ସିଂହ କହିଛନ୍ତି, 'ଗ୍ରାହକମାନେ ଆମାଜନ ନାଓରେ ଉପଲବ୍ଧ ବେଗ, ସୁବିଧା ଓ ସିଲେକ୍ସନକୁ ପ୍ରଶଂସା କରିଛନ୍ତି। ଆମାଜନ ନାଓରେ ବିସ୍ତାର ଜାରି ରହିଥିବାରୁ ଆମେ ଗ୍ରାହକଙ୍କୁ ବିଭିନ୍ନ ବର୍ଗରେ ଏକ ବିସ୍ତୃତ ସିଲେକ୍ସନ, ମୂଲ୍ୟ ଓ ଦ୍ରୁତ ଡେଲିଭରି ବେଗ ପ୍ରଦାନ କରିବା ଉପରେ ଗୁରୁତ୍ୱ ବଜାୟ ରଖିଛୁ। ଏହା ଗତ ୧୩ ବର୍ଷ ହେବ ଟେକ୍ନୋଲୋଜି, ଭିତିଭୂମି ଓ ଲୋକଙ୍କ କ୍ଷେତ୍ରରେ ଆମର ଦୀର୍ଘାବଧି ନିବେଶ ଦ୍ୱାରା ସମ୍ଭବ ହୋଇଛି ଯାହା ଆମକୁ ଅତ୍ୟାଧୁନିକ ଟେକ୍ନୋଲୋଜି, ଏଆଇ-ଚାଳିତ ଇନ୍‌ଭେଂଟୋରୀ ପ୍ଲାନିଙ୍ଗ, ଚାହିଦା ପୂର୍ବାନୁମାନ ଓ ଏକ ଅଧିକ ଉନ୍ନତ ପରିଚାଳନା ଭିତିଭୂମି ଦ୍ୱାରା ପରିଚାଳିତ ଭାରତର ଅନ୍ୟତମ ସର୍ବାଧିକ ସୁରକ୍ଷିତ, ଦ୍ରୁତ ଓ ନିର୍ଭରଯୋଗ୍ୟ ନେଟ୍‌ୱର୍କ ନିର୍ମାଣ କରତବାରେ ସାହାଯ୍ୟ କରିଥିଲା। ଅର୍ବାନ ଫୁଲଫିଲମେଂଟ ସେଂଟର ଗୁଡିକର ଲଂଚ ସହିତ ଆମେ ଇନ୍‌ଭେଂଟୋରୀକୁ ଗ୍ରାହକଙ୍କ ନିକଟତର କରିଛୁ।

ବେଦାନ୍ତ ଆଲୁମିନିୟମ ଝାରସୁଗୁଡାରେ ବେଦକଳା ପଦକ୍ଷେପ ମାଧ୍ୟମରେ ପାରମ୍ପରିକ ହସ୍ତଶିଳ୍ପକୁ ପ୍ରୋତ୍ସାହିତ କରିଛି

ଝାରସୁଗୁଡା, ୨୧।୬ (ନି.ପ୍ର) : ବେଦାନ୍ତ ଆଲୁମିନିୟମର ବେଦକଳା ପ୍ରକଳ୍ପ ସହିତ ଜଡିତ ଅନେକ ମହିଳା ହିତାଧିକାରୀ ଝାରସୁଗୁଡାରେ ଓଡ଼ିଶା ସରକାରଙ୍କ ଦ୍ୱାରା ଆୟୋଜିତ ଜିଲ୍ଲାସ୍ତରୀୟ ଆଉଟରିଚ୍ ପ୍ରୋଗ୍ରାମ (DLOP)ରେ ଅଂଶଗ୍ରହଣ କରିଥିଲେ, ଯେଉଁଠାରେ ସେମାନେ ହସ୍ତଶିଳ୍ପ ସୌରା କଳା, ବାଉଁଶ ହସ୍ତଶିଳ୍ପ ଏବଂ ସବାଇ ଘାସ ଉତ୍ପାଦର ବିବିଧ ପରିସର ପ୍ରଦର୍ଶନ କରିଥିଲେ। ପ୍ରଦର୍ଶନୀ ଗ୍ରାମୀଣ ମହିଳା କାରିଗରମାନଙ୍କୁ ସେମାନଙ୍କର ଉତ୍ପାଦର ପ୍ରଚାର, ବଜାର ପ୍ରବେଶ ବିସ୍ତାର ଏବଂ ପାରମ୍ପରିକ ହସ୍ତଶିଳ୍ପ ମାଧ୍ୟମରେ ସ୍ଥାୟୀ ଜୀବିକା ନିର୍ବାହର ସୁଯୋଗ ସୃଷ୍ଟି କରିବାରେ ବେଦକଳା ପଦକ୍ଷେପ ଦ୍ୱାରା ହାସଲ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପ୍ରଦର୍ଶନ କରିବା ପାଇଁ ଏକ ମୂଲ୍ୟବାନ ପ୍ଲାଟଫର୍ମ ପ୍ରଦାନ କରିଥିଲା। ପ୍ରଦର୍ଶନୀଟି ଅନେକ ବିଶିଷ୍ଟ ପରିଦର୍ଶକଙ୍କୁ ଆକର୍ଷିତ କରିଥିଲା, ଯେଉଁଥିରେ ଶ୍ରୀ କୁନାଲ ମୋତିରାମ ଚଭନ, ଜିଲ୍ଲା ମାଜିଷ୍ଟ୍ରେଟ୍ ଏବଂ କଲେକ୍ଟର, ଝାରସୁଗୁଡା; ଶ୍ରୀ ଟଙ୍କଧର ତ୍ରିପାଠି, ମାନ୍ୟବର ବିଧାୟକ,

ଝାରସୁଗୁଡା; ଓଡ଼ିଶା ଗ୍ରାମୀଣ ବିକାଶ ଏବଂ ମାର୍କେଟିଂ ସୋସାଇଟି (ଓରମାସ୍) ର ପ୍ରତିନିଧି ଏବଂ ଅନ୍ୟାନ୍ୟ ସରକାରୀ ଅଧିକାରୀ ସାମିଲ ଥିଲେ। ବିଶିଷ୍ଟ ବ୍ୟକ୍ତିମାନେ କାରିଗରମାନଙ୍କ ସହିତ ଆଲୋଚନା କରିଥିଲେ, ପ୍ରଦର୍ଶିତ ଉତ୍ପାଦଗୁଡ଼ିକର ଗୁଣବତା ଏବଂ କାରିଗରିର ପ୍ରଶଂସା କରିଥିଲେ ଏବଂ ବେଦାନ୍ତ ଦ୍ୱାରା ସ୍ୱଦେଶୀ କଳାର ସଂରକ୍ଷଣ ଏବଂ ମହିଳା ନେତୃତ୍ୱାଧୀନ ଉଦ୍ୟୋଗଗୁଡ଼ିକୁ ସୁଦୃଢ଼ କରିବା ପାଇଁ କରାଯାଉଥିବା ପ୍ରୟାସକୁ ପ୍ରଶଂସା କରିଥିଲେ। ଏହି ଅବସରରେ, ବେଦାନ୍ତ ଆଲୁମିନିୟମ, ଝାରସୁଗୁଡାର ସିଇଓ ସି. ଚନ୍ଦ୍ରୁ କହିଥିଲେ, 'ନିରନ୍ତର ବିକାଶ ଆମ ସମ୍ପ୍ରଦାୟ ପାଇଁ ଅର୍ଥପୂର୍ଣ୍ଣ ଜୀବିକା ନିର୍ବାହର ସୁଯୋଗ ସୃଷ୍ଟି କରିବାରେ ମୂଳ। ବେଦକଳା ମାଧ୍ୟମରେ, ଆମେ ମହିଳା କାରିଗରମାନଙ୍କୁ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରିବା ସହିତ ପାରମ୍ପରିକ କୌଶଳକୁ ଆୟର ସ୍ଥାୟୀ ଉତ୍ସରେ ପରିଣତ କରିବାକୁ ସକ୍ଷମ କରୁଛୁ। ଏହି ଭଳି ପ୍ଲାଟଫର୍ମ ମୂଲ୍ୟବାନ ବଜାର ସମ୍ପ୍ରସାରଣ ପ୍ରଦାନ କରେ ଏବଂ ଗ୍ରାମୀଣ ମହିଳାମାନଙ୍କର ଉଦ୍ୟୋଗୀ ଯାତ୍ରାକୁ ସୁଦୃଢ଼ କରିବାରେ ସାହାଯ୍ୟ କରେ, ଅଧିକ ଆର୍ଥିକ ସ୍ୱାଧୀନତା ଏବଂ ଆତ୍ମବିଶ୍ୱାସକୁ ପ୍ରୋତ୍ସାହିତ କରିଥାଏ। ସିରିଆପାଲି ଗ୍ରାମର ବେଦକଳା କାରିଗର ରଶ୍ମିତା ସୁନାନୀ ତାଙ୍କ ଅଭିଜ୍ଞତା ବାଂଟି କହିଥିଲେ, 'ପ୍ରଦର୍ଶନୀରେ ଅଂଶଗ୍ରହଣ କରିବା ଆମକୁ ସରକାରୀ ଅଧିକାରୀ, କ୍ରେତା ଏବଂ ପରିଦର୍ଶକଙ୍କ ସମ୍ମୁଖରେ ଆମର କାର୍ଯ୍ୟ ପ୍ରଦର୍ଶନ କରିବାର ସୁଯୋଗ ଦେଇଛି। ବେଦକଳା ମାଧ୍ୟମରେ ପ୍ରାପ୍ତ ସମର୍ଥନ ଆମକୁ ଆମର ଦକ୍ଷତାକୁ ଉନ୍ନତ କରିବାରେ, ଆମର ରୋଜଗାର ବୃଦ୍ଧି କରିବାରେ ଏବଂ ଆମର ଉତ୍ପାଦଗୁଡ଼ିକୁ ବୃହତ ବଜାରକୁ ନେବାରେ ଆତ୍ମବିଶ୍ୱାସ ହାସଲ କରିବାରେ ସାହାଯ୍ୟ କରିଛି। ଆମର ପାରମ୍ପରିକ ହସ୍ତଶିଳ୍ପକୁ ସ୍ୱୀକୃତି ଏବଂ ପ୍ରଶଂସା ପାଇବା ଦେଖିବା ଉତ୍ସାହଜନକ। ବେଦକଳା ହେଉଛି ଝାରସୁଗୁଡାରେ ବେଦାନ୍ତ ଆଲୁମିନିୟମର ପ୍ରମୁଖ ଜୀବିକା ସୃଷ୍ଟି ପଦକ୍ଷେପ ମଧ୍ୟରୁ ଗୋଟିଏ, ଯାହା ପାରମ୍ପରିକ କଳା ଫର୍ମକୁ ପୁନରୁଦ୍ଧାର କରିବା, କାରିଗର କ୍ଷମତାକୁ ସୁଦୃଢ଼ କରିବା ଏବଂ ଗ୍ରାମୀଣ ସମ୍ପ୍ରଦାୟ ପାଇଁ ସ୍ଥାୟୀ ଆୟ ସୁଯୋଗ ସୃଷ୍ଟି କରିବା ଉପରେ ଧ୍ୟାନ କେନ୍ଦ୍ରିତ। ସଂରଚନାଗତ ତାଲିମ, ଉତ୍ପାଦ ବିକାଶ ସମର୍ଥନ, ଡିଜାଇନ୍ ହସ୍ତକ୍ଷେପ ଏବଂ ବଜାର ସଂଯୋଗ ମାଧ୍ୟମରେ, ଏହି କାର୍ଯ୍ୟକ୍ରମ ମହିଳା କାରିଗରମାନଙ୍କୁ ଉତ୍ପାଦର ଗୁଣବତା ବୃଦ୍ଧି କରିବାରେ, ନୂତନ ବଜାର ପ୍ରବେଶ କରିବାରେ ଏବଂ ସ୍ଥିର ସୂକ୍ଷ୍ମ-ଉଦ୍ୟୋଗ ନିର୍ମାଣ କରିବାରେ ସାହାଯ୍ୟ କରୁଛି। ଏହି ପଦକ୍ଷେପ ବ୍ୟାପକ ଦର୍ଶକଙ୍କ ମଧ୍ୟରେ ସ୍ୱଦେଶୀ ହସ୍ତଶିଳ୍ପକୁ ପ୍ରୋତ୍ସାହିତ କରି ଓଡ଼ିଶାର ଅନନ୍ୟ ସାଂସ୍କୃତିକ ପରମ୍ପରାର ସଂରକ୍ଷଣରେ ମଧ୍ୟ ଯୋଗଦାନ କରେ। ଆର୍ଥିକ ବର୍ଷ ୨୬ରେ, ଝାରସୁଗୁଡାରେ ବେଦାନ୍ତ ଆଲୁମିନିୟମର ସମ୍ପ୍ରଦାୟ ବିକାଶ ପ୍ରୟାସ ୬୧ଟି ଗ୍ରାମର ୭ ଲକ୍ଷରୁ ଅଧିକ ଲୋକଙ୍କ ଜୀବନକୁ ସକାରାତ୍ମକ ଭାବରେ ପ୍ରଭାବିତ କରିଥିଲା, ସ୍ଥାୟୀ, ଅର୍'ର୍ଭୁକ୍ତ ଅଭିବୃଦ୍ଧି ସୁନିଶ୍ଚିତ କରିଥିଲା। ଶିକ୍ଷା, ସ୍ୱାସ୍ଥ୍ୟସେବା, ଜୀବିକା, ମହିଳା ସଶକ୍ତିକରଣ, ଗ୍ରାମୀଣ ଭିତିଭୂମି ଏବଂ ତୃଣମୂଳ କଳା ଏବଂ କ୍ରୀଡାରେ ଲକ୍ଷ୍ୟଭେଦୀ ହସ୍ତକ୍ଷେପ ମାଧ୍ୟମରେ, କମ୍ପାନୀ ସ୍ଥାନୀୟ ସମ୍ପ୍ରଦାୟର ଜୀବନର ଗୁଣବତା ଉନ୍ନତ କରିବା ପାଇଁ କାର୍ଯ୍ୟ କରୁଛି। ଏହି ପଦକ୍ଷେପଗୁଡ଼ିକ ସହଭାଗୀ ମୂଲ୍ୟ ସୃଷ୍ଟି ପ୍ରତି ପ୍ରତିବଦ୍ଧତା ଦ୍ୱାରା ପରିଚାଳିତ, ବିକାଶ ଅର୍ଥପୂର୍ଣ୍ଣ ଏବଂ ସ୍ଥାୟୀ ହେବା ନିଶ୍ଚିତ କରିଛି।



ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ

କଟକ, ୨୧।୬ (ନି.ପ୍ର): କଟକ ଜିଲ୍ଲାସ୍ତରୀୟ ଆର୍ନ୍ତଜାତୀୟ ଯୋଗ ଦିବସ ସ୍ଥାନୀୟ ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ପାଳିତ ହୋଇଯାଇଛି । ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀ ଦତ୍ତାତ୍ରୟ ଭାଉ ସାହେବ ଶିନ୍ଦେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ନିର୍ଦ୍ଦେଶାନୁସାରେ ବିଭିନ୍ନ ଯୋଗ ଅନୁଷ୍ଠାନ ମାନଙ୍କ ସହଯୋଗ ଓ ସହାଭାଗିତାରେ ଏହି ଯୋଗ ଦିବସ ପାଳନ କରାଯାଇଅଛି । ସ୍ୱାଗତ ପୂର୍ବକ ନିଜର ଅଭିଭାଷଣ ରଖି ଜିଲ୍ଲାପାଳ କହିଲେ ଯେ ସମସ୍ତ ଦେଶବାସୀଙ୍କ ସୁସ୍ଥତା ତଥା ସେମାନେ ନିରୋଗ ରହିବା ଉଦ୍ଦେଶ୍ୟରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ସକାରାତ୍ମକ ଚିନ୍ତାଧାରାକୁ କେନ୍ଦ୍ର ସରକାରଙ୍କ ଦ୍ୱାରା ଏହି ଦିବସ ସମଗ୍ର ଦେଶରେ ପାଳନ କରାଯାଉଥିବା ବେଳେ ୧୦୦ରୁ ଉର୍ଦ୍ଧ ଦେଶରେ ଏହି ଦିବସ ପାଳନ କରାଯାଉଛି । ଯୋଗାଭ୍ୟାସ ସହ ନିରୋଗ ରହି ନିଜ ନିଜ କ୍ଷେତ୍ରରେ ସହଜରେ ତଥା ସେବା କାର୍ଯ୍ୟ କରିପାରିବା ଉପରେ ସେ ଆଲୋକପାତ କରିଥିଲେ ।ଆଜିର ଦ୍ଵିସ ପାଳନ ଅବସରରେ ମୁଖ୍ୟ ଅତିଥିଭାବେ ମାନ୍ୟବର ରାଜ୍ୟସଭା ସାଂସଦ ଶ୍ରୀ ମନମୋହନ ସାମଲ ଯୋଗ ଦେଇ ଚଳିତ ବର୍ଷ ଅନ୍ତର୍ଜାତୀୟ ଯୋଗ ଦିବସର ବିଷୟବସ୍ତୁ 'ସୁସ୍ଥ ଜୀବନ ପାଇଁ ଯୋଗ' ଉପରେ ଆଲୋକପାତ କରି ଯୋଗାଭ୍ୟାସ ସହ ଦୈନନ୍ଦିନ ଜୀବନ ଯାପନ କିପରି ସରଳ ହୋଇପାରିବ ତଥା ଶାରୀରିକ ସୁସ୍ଥତା ଓ ମାନସିକ ଚାପମୁକ୍ତ ହୋଇ ଆମେ ରାଜ୍ୟ ତଥା ଦେଶର ପ୍ରଗତିରେ ନିଜ ନିଜ କ୍ଷେତ୍ରରେ ଭଲଭାବେ କାର୍ଯ୍ୟ ସଂପାଦନ କରିପାରିବା ,ସେ ଦିଗରେ ଆଲୋକପାତ କରିଥିଲେ । ଜନସେବା ସହ ସମସ୍ତ କାର୍ଯ୍ୟ ନିମନ୍ତେ ଯୋଗାଭ୍ୟାସକୁ ଦୈନନ୍ଦିନ ଜୀବନର ଅଭ୍ୟାସ ଭାବେ ଆପଣାଇବାକୁ ସେ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥିଭାବେ କଟକ ସଦର ବିଧାୟକ, ଇଂ ପ୍ରକାଶ ଚନ୍ଦ୍ର ସେଠୀ ଯୋଗାଭ୍ୟାସ ତାତ୍ପର୍ଯ୍ୟ ସମ୍ବନ୍ଧରେ ନିଜର ମତାମତ ଦର୍ଶାଇ ଏହାର ପ୍ରଭାବ କିପରି ଦୈନନ୍ଦିନ କାର୍ଯ୍ୟଶୈଳୀରେ ଲାଭଦାୟକ ହୋଇଥାଏ ସେ ସମ୍ବନ୍ଧରେ ଆଲୋକପାତ କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ଅନ୍ୟମାନଙ୍କ ମଧ୍ୟରେ କଟକ ମହାନଗର ନିଗମ ଆୟୁକ୍ତ, ସୁଶ୍ରୀ କିରଣଦୀପ କୌର ସହୋତା, ଡିସିପି ଶ୍ରୀ ଖିଲାରୀ ଋଷିକେଶ ଦ୍ୟାନଦେଓ, ରାଷ୍ଟ୍ର ସ୍ୱୟଂ ସେବକ ସଂଘ ପ୍ରାନ୍ତ ବୈଦିକ ପ୍ରମୁଖ, ଶ୍ରୀ ତନ୍ମୟ କୁମାର ମହାପାତ୍ର, ଯୋଗ ମହୋତ୍ସବ ସମିତିର ସଂଯୋଜକ,ଡଃ ଜୟକୃଷ୍ଣ ପରିଡ଼ା ଏବଂ ସହ ସଂଯୋଜକ ଭୋଳାନାଥ ନାୟକ,ବରିଷ୍ଠ ସିନେ ଅଭିନେତା, ଶ୍ରୀତମ ଦାସ ପ୍ରମୁଖ ଉପସ୍ଥିତ ରହି ଯୋଗ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

ଭାରତୀୟ ତଟ ରକ୍ଷକ ବାହିନୀ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ପାରାଦୀପ, ୨୧/୦୬ (ନି.ପ୍ର): ଭାରତୀୟ ତଟ ରକ୍ଷକ ବାହିନୀ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ,ଭାରତୀୟ ତଟରକ୍ଷୀ ବାହିନୀ ଜିଲ୍ଲା ମୁଖ୍ୟାଳୟ ପାରାଦୀପ ଠାରେ ୧୦ ଜୁନ ରୁ ୨୧ ଜୁନ୍ ୨୦୨୬ ପର୍ଯ୍ୟନ୍ତ ଯୋଗ ଅଧିବେଶନର ଏକ ଶୃଙ୍ଖଳା ଆୟୋଜନ କରିଥିଲା । ଏହା ୨୧ ଜୁନ୍ ରେ ଏକ ମୁଖ୍ୟ କାର୍ଯ୍ୟକ୍ରମରେ ପରିଣତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମତ୍ସ୍ୟଜୀବୀ ସମ୍ପ୍ରଦାୟ,ଡିଏସସି କର୍ମଚାରୀ, ସ୍କୁଲ ଏବଂ କଲେଜ ଛାତ୍ର ଏବଂ ବିଭିନ୍ନ ସରକାରୀ ଏବଂ ବେସରକାରୀ ସଂସ୍ଥାର ପ୍ରତିନିଧିମାନେ ସାମିଲ ହୋଇ ଯୋଗ ହିଁ ନିରୋଗ ରହିବାର ଏକମାତ୍ର ମାଧ୍ୟମ ବୋଲି କହିଥିଲେ । ଯୋଗର ଶାରୀରିକ ଏବଂ ମାନସିକ ଲାଭ ବିଷୟରେ ସଚେତନତା ବୃଦ୍ଧି କରିବା ଲକ୍ଷ୍ୟରେ,ଏହି ପଦକ୍ଷେପ ଚଳିତ ବର୍ଷର ବିଷୟବସ୍ତୁ,ସୁସ୍ଥ ବାର୍ଦ୍ଧକ୍ୟ ପାଇଁ ଯୋଗକୁ ଅନୁସରଣ କରିଥିଲା ।ମୁଖ୍ୟ କାର୍ଯ୍ୟକ୍ରମ ପାରାଦୀପର ପ୍ରାୟ ୨୫୦ ଜଣଙ୍କ ସମେତ ଭାରତୀୟ ତଟ ରକ୍ଷକ ବାହିନୀ କର୍ମଚାରୀ ଏବଂ ସେମାନଙ୍କ ପରିବାର ଧ୍ୟାନ, ଶ୍ୱାସକ୍ରିୟା ବ୍ୟାୟାମ ଏବଂ ଯୋଗ ଆସନ ପ୍ରଦର୍ଶନରେ ଉତ୍ସାହର ସହିତ ଅଂଶଗ୍ରହଣ କରି ଥିଲେ କ୍ଷଯୋଗ୍ୟ ପ୍ରଶିକ୍ଷକମାନେ ସାଧାରଣ ଯୋଗ ପ୍ରୋଟୋକଲ ପ୍ରଚଳନ କରିଥିଲେ, ବୟସ-ଉପଯୁକ୍ତ ଅଭ୍ୟାସ ପ୍ରଦର୍ଶନ କରିଥିଲେ ଏବଂ ଅଂଶ ଗ୍ରହଣ କାରୀମାନଙ୍କୁ ଜୀବନବ୍ୟାପୀ ସୁସ୍ଥତା ପାଇଁ ଯୋଗକୁ ଗ୍ରହଣ କରିବା ବିଷୟରେ ସୂଚନା ଦେଇଥିଲେ ।ଶେଷରେ କମାଣ୍ଡର କୋଷ୍ଟ ଗାର୍ଡ (ଓଡ଼ିଶା) ସମସ୍ତ ଅଂଶ ଗ୍ରହଣ କାରୀଙ୍କୁ ସେମାନଙ୍କ ଅଂଶଗ୍ରହଣ ପାଇଁ ଧନ୍ୟବାଦ ଜଣାଇଥିଲେକ୍ଷ ମାନସିକ ଏବଂ ଶାରୀରିକ ସୁସ୍ଥତାକୁ ପ୍ରୋତ୍ସାହିତ କରିବାରେ ଯୋଗର ଭୂମିକା ଉପରେ ଆଲୋକପାତ କରିଥିଲେ ଏବଂ ଦୈନନ୍ଦିନ ଜୀବନରେ ନିୟମିତ ଯୋଗ ଅଭ୍ୟାସକୁ ସାମିଲ କରିବାକୁ ଉତ୍ସାହିତ କରିଥିଲେ ।ଏହି ବର୍ଷର ବିଷୟବସ୍ତୁ, 'ସ୍ୱସ୍ଥ୍ୟକର ବାର୍ଦ୍ଧକ୍ୟ ପାଇଁ ଯୋଗ'କୁ ପ୍ରତିଫଳିତ କରି,କର୍ମଚାରୀମାନେ ଶାରୀରିକ ସୁସ୍ଥତା,ମାନସିକ ସ୍ଥିରତା ଏବଂ ଏକ ସୁସ୍ଥ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ପାଇଁ ଏକାଠି ହୋଇଥିଲେ ।କାର୍ଯ୍ୟକ୍ରମରେ ଯୋଗର ସାଂସ୍କୃତିକ ଐତିହ୍ୟ ଉପରେ ସଂକ୍ଷିପ୍ତ ଉପସ୍ଥାପନା ଏବଂ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଅଂଶଗ୍ରହଣ ସୁନିଶ୍ଚିତ କରିବା ପାଇଁ ଦୁର୍ବଳ ଗୋଷ୍ଠୀମାନଙ୍କ ନିକଟରେ ଲକ୍ଷ୍ୟ ରଖାଯାଇଥିଲା ।

ଆଳିଆବାଦ ଗ୍ରାମର ମା' ବୁଢ଼ୀଠାକୁରାଣୀ ମନ୍ଦିର ପ୍ରତିଷ୍ଠା

ଗଞ୍ଜାମ,୨୧/୬ (ନି.ପ୍ର): ଗଞ୍ଜାମ ବ୍ଲକ ଅନ୍ତର୍ଗତ କରପଡା ପଞ୍ଚାୟତର ଆଳିଆବାଦ ଗ୍ରାମର ଗ୍ରାମ୍ୟଦେବୀ ମାଁ ବୁଢ଼ୀଠାକୁରାଣୀଙ୍କ ଭବ୍ୟ ନୂତନ ମନ୍ଦିର ପ୍ରତିଷ୍ଠା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବ୍ରହ୍ମପୁର ସାଂସଦ ଡ଼ ପ୍ରଦୀପ ପାଣିଗ୍ରାହୀ ଯୋଗ ଦେଇଥିଲେ । ସାଂସଦ ଗ୍ରାମରେ ପହଂଚିବା ପରେ ଆଲ୍ୟାବାଦ ଗ୍ରାମବାସୀଙ୍କ ଦ୍ୱାରା ଭବ୍ୟ ସ୍ୱାଗତ କରାଯାଇଥିଲା । କରପଡା ପଂଚାୟତ ସରପଞ୍ଚ ଅଜୟ ନାୟକ,ଠାକୁରାଣୀ ମନ୍ଦିର ସଭାପତି ଶ୍ରୀ ଡମ୍ବରୁ ଚୌଧୁରୀ, ସମ୍ପାଦକ ଶ୍ରୀ ଲିଙ୍ଗରାଜ ନାୟକ ଗ୍ରାମ ଅଧିକାରୀ ଶ୍ରୀ ଗୋପାଳ ପଟନାୟକ, ମାଁ ରାମଚଣ୍ଡୀ ପୂଜା କମିଟି ଉପଦେଷ୍ଟା ତଥା ସମାଜ ସେବୀ ଶ୍ରୀ କୃଷ୍ଣ ଚନ୍ଦ୍ର ନାୟକ (ମହାରାଜ), ଶ୍ରୀ ତ୍ରିପତି ବାଲାଜୀ ମିଶ୍ର, ଶ୍ରୀ ସୁଧୀର ମହାରଣା, ରାମଚଣ୍ଡୀ ଟ୍ରଷ୍ଟ ତରଫରୁ ଟ୍ରଷ୍ଟି ଲକ୍ଷ୍ମୀ ନୃସିଂହ ପଣ୍ଡା, ସାଂସଦ ପ୍ରତିନିଧି ଦିପ୍ତୀସ ପଟନାୟକ, ଶ୍ରୀ ସନ୍ତୋଷ ରେଡ଼ି, ଶ୍ରୀ ବିକ୍ରମ କେଶରୀ ପଣ୍ଡା, କରପଡା ଠାକୁରାଣୀ ମନ୍ଦିର କୋଷାଧକ୍ଷ ଶ୍ରୀ କୁଞ୍ଜ ବିହାରୀ ନାୟକ ଓ ହଜାର ହଜାର ଗ୍ରାମବାସୀ ଉପସ୍ଥିତ ଥିଲେ । ଏହି ଅବସରରେ ସହଣିକ ଧାରୀ ଗ୍ରାମବାସି ଓ ମାଆ ମାନେ ହଜାର ହଜାର ସଂଖ୍ୟାରେ ଭାଗନେଇଥିଲେ ଘଣ୍ଟ, ଢୋଲ,ଯୋଡ଼ି ଶଙ୍ଖ ଏବଂ ଏକାଧିକ ପଟୁଆର ନେଇ ଆଧାତ୍ମିକ ରୀତିନୀତିରେ ସାଂସଦ ଓ ସରପଞ୍ଚଙ୍କ ନେତୃତ୍ୱରେ ଭବ୍ୟତାର ସହିତ କଳସ ଯାତ୍ରାର ଶୁଭାରମ୍ଭ କରାଯାଇଥିଲା । ଏହି ପ୍ରତିଷ୍ଠା ଉତ୍ସବ ରେ ନାମ ଯଜ୍ଞ, ଅନ୍ନ ଯଜ୍ଞ, ଘୃତ ଯଜ୍ଞ, ଗୋ ଯଜ୍ଞ ଓ ଜ୍ଞାନ ଯଜ୍ଞ ୨୧ ରୁ ଆରମ୍ଭ ହୋଇ ୨୫. ୦୭. ୨୦୨୬ ପର୍ଯ୍ୟନ୍ତ ଚାଲିବ ।

ବିଧାୟିକା ସୋଫିଆଙ୍କ ଉତ୍କଳ ସାହିତ୍ୟ ସମାଜ ପରିଦର୍ଶନ

କଟକ, ୨୦/୦୬ (ନି.ପ୍ର) : ବାରବାଟୀ-କଟକର ବିଧାୟିକା ସୋଫିଆ ଫିର୍ଦ୍ଦୋସ ଗୁରୁବାର ଅପରାହ୍ଣରେ ଉତ୍କଳ ସାହିତ୍ୟ ସମାଜ ପରିଦର୍ଶନ କରିଥିଲେ । ଏହି ପରିଦର୍ଶନ କାଳରେ ସେ ଉତ୍କଳ ସାହିତ୍ୟ ସମାଜର କର୍ମକର୍ତ୍ତାଙ୍କ ସାହିତ ଏହି ଶତାୟୁ ଅନୁଷ୍ଠାନର ବିଭିନ୍ନ ସମସ୍ୟା ସଂପର୍କରେ ଅବଗତ ହୋଇଥିଲେ ଏବଂ ଏହାର ସାମାଧାନ ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିଲେ । ବିଧାୟିକାଙ୍କୁ ଅନୁଷ୍ଠାନର କର୍ମକର୍ତ୍ତାମାନେ ଏହି ଶତାୟୁ ଅନୁଷ୍ଠାନର ଗୌରବମୟ ଇତିହାସ ସଂପର୍କରେ ଅବଗତ କରାଇଥିଲେ । ଐତିହ୍ୟ ବାଣୀପିଠ ଶ୍ରୀରାମଚନ୍ଦ୍ର ଭବନ ୧୦୦ ବର୍ଷ ପୂରଣ ହେଉଥିବା ବେଳେ ଏହାର ସୁରକ୍ଷା, ଶତାବ୍ଦୀ ଭବନର ମରାମତି ଓ ସଂସ୍କୃତି ବିଭାଗ ପକ୍ଷରୁ ଦିଆଯାଉଥିବା ଅନୁଦାନ ବିଷୟରେ ବିଧାୟିକା ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ବିଧାୟିକା କହିଥିଲେ, ଉତ୍କଳ ସାହିତ୍ୟ ସମାଜ ଓଡ଼ିଶାର ଗର୍ବ ଏବଂ ଏହାର ବିକାଶ ସମସ୍ତଙ୍କ କର୍ତ୍ତବ୍ୟ ବୋଲି କହିଥିଲେ । ବିଧାୟିକାଙ୍କ ସହ ଅନୁଷ୍ଠାନର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ପୂର୍ବତନ ଉପସଭାପତି ସତ୍ୟ ରାୟ, ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ, ସାଧାରଣ ସଂପାଦକ ରାଜୀବ କୁମାର ଷଡ଼ଙ୍ଗୀ, ପାଠାଗାର ସଂପାଦକ ବ୍ରହ୍ମାନନ୍ଦ ମହାନ୍ତି, କୋଷାଧକ୍ଷ ଦିଲ୍ଲିପ କୁମାର ଦାସ, କାର୍ଯ୍ୟ ନିର୍ବାହିକା ସମିତି ସଦସ୍ୟା ଡକ୍ଟର ବୈଜୟନ୍ତୀବାଳା ଶତପଥୀ ପ୍ରମୁଖ । ବିଧାୟିକା ଶ୍ରୀରାମଚନ୍ଦ୍ର ଭବନ, ଶତାବ୍ଦୀ ଭବନ, ଉତ୍କଳ ଗୌରବ ମଧୁସୂଦନ ଦାସ ପାଠାଗାର ବୁଲି ଦେଖିଥିଲେ ।

ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ଜଗତସିଂହପୁର,୨୧।୬ (ନି.ପ୍ର) : ସ୍ଥାନୀୟ ବହୁମୁଖୀ ଇନ୍ ?ଡୋର ଷ୍ଟାଡିଅମ୍ ପରିସରରେ ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ ପ୍ରାୟୋଜିତ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଗତସିଂହପୁର ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧକ୍ଷ ଶ୍ରୀଯୁକ୍ତ ଅମରେନ୍ଦ୍ର ଦାସ କହିଥିଲେ ଯେ, "ଯୋଗ କେବଳ ଏକ ବ୍ୟାୟାମ ନୁହେଁ; ଏହା ଏକ ଜୀବନଶୈଳୀ, ଯାହା ଶରୀର, ମନ ଓ ଆତ୍ମାକୁ ଏକତ୍ର କରି ସୁସ୍ଥ, ସନ୍ତୁଳିତ ଓ ଶାନ୍ତିମୟ ଜୀବନଯାପନର ପଥ ଦେଖାଏ। ସେ ଆହୁରି କହିଥିଲେ ଯେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ଙ୍କ ପ୍ରସ୍ତାବକୁ ଗ୍ରହଣ କରି ୨୦୧୫ ମସିହା ଜୁନ୍ ୨୧ ତାରିଖଠାରୁ ସାରା ବିଶ୍ୱରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଉଛି । ଭାରତୀୟ ଜ୍ଞାନ ପରମ୍ପରା ଆଧାରିତ ଏହି ବିଶ୍ୱବ୍ୟାପୀ ଉତ୍ସବ ଭାରତର ସମୃଦ୍ଧ ଅତୀତ ଓ ଗୌରବମୟ ଐତିହ୍ୟକୁ ବିଶ୍ୱ ଦରବାରରେ ପ୍ରତିପାଦିତ କରୁଛି । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ଅଧ୍ୟକ୍ଷତା କରିଥିବା ବେଳେ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଜିଲ୍ଲା କ୍ରୀଡା ସଂସଦର ସମ୍ପାଦକ ଦୋଳ ଗୋବିନ୍ଦ ଦାଶ, ମୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ଦିପ ସିଂହ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ସମବେତ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ବୁଦ୍ଧିଜୀବୀ ଓ ଯୋଗ ମହୋତ୍ସବ ସମିତିର କର୍ମକର୍ତ୍ତାମାନଙ୍କୁ ଯୋଗର ଉପକାରିତା ସମ୍ପର୍କରେ ଉଦ୍‌ବୋଧନ ଦେଇଥଲେ । ବିଶିଷ୍ଟ ଶିକ୍ଷାବିତ ସୁଭାଷ ଚନ୍ଦ୍ର ରାଉତ ସ୍ୱାଗତ ଭାଷଣ ପ୍ରଦାନ ସହ ସମଗ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଯୋଗ ମହୋତ୍ସବ ସମିତି ପକ୍ଷରୁ ଯୋଗଗୁରୁ ନିହାର ରଞ୍ଜନ ସ୍ୱାଇଁ ଓ ଅଜିତାଭ ଭୂୟାଁ ଯୋଗ ପ୍ରାର୍ଥନା, ସହଜ ଯୋଗାଭ୍ୟାସ, ଧ୍ୟାନ, ପ୍ରାଣାୟାମ, ଶାନ୍ତିପାଠ ଓ ଶପଥପାଠ କରାଇଥିଲେ । ଏହି ଅବସରରେ ସହରର ବହୁ ବୁଦ୍ଧିଜୀବୀ, ସାମ୍ବାଦିକ, ବରିଷ୍ଠ ନାଗରିକ ଓ ବିଭିନ୍ନ ସାମାଜିକ ଅନୁଷ୍ଠାନର ପ୍ରତିନିଧିମାନେ ସମୂହ ଯୋଗରେ ସାମିଲ ହୋଇ ଯୋଗ ମାଧ୍ୟମରେ ସୁସ୍ଥ ଓ ଶୃଙ୍ଖଳିତ ଜୀବନ ଗଠନର ସଂକଳ୍ପ ନେଇଥିଲେ । ଶେଷରେ ଜିଲ୍ଲା କ୍ରୀଡା ଅଧିକାରୀ ବିଶ୍ୱବିଜୟିନୀ ପଟ୍ଟନାୟକ ସମୂହ ଯୋଗ କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀ ମାନଙ୍କୁ କ୍ୟୁଆର୍ କୋଡ୍ ସ୍କାନ୍ କରି ନିଜ ଅଂଶଗ୍ରହଣ ପ୍ରମାଣପତ୍ର ସଂଗ୍ରହ କରିବାକୁ ଅନୁରୋଧ କରିବା ସହ ଅନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ ।

କୋଡିଙ୍ଗାମାଳି ଖଣି ସମ୍ପ୍ରସାରଣ ଜନଶୁଣାଣି

ଜନ ପ୍ରତିନିଧି ଓ ଗ୍ରାମବାସୀଙ୍କ ଦାବି ଉପରେ ଓଏମସିର ପ୍ରତିଶ୍ରୁତି

ରାୟଗଡ଼ା,୨୧/୬ (ନି.ପ୍ର): ଓଡ଼ିଶା ଖଣି ନିଗମ (ଓଏମସି) ପକ୍ଷରୁ କୋଡିଙ୍ଗାମାଳି ବକ୍ସାଇଟ୍ ଖଣିର ବାର୍ଷିକ ଉତ୍ପାଦନ କ୍ଷମତାକୁ ୩.୬ ମିଲିୟନ ଟନରୁ ୬ ମିଲିୟନ ଟନକୁ ବୃଦ୍ଧି କରିବା ପାଇଁ ଆଜି ଏକ ସର୍ବସାଧାରଣ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ପୋଡ଼ାପାଡ଼ି ପଞ୍ଚାୟତର ପୋଡ଼ାପାଡ଼ି ଓ କଂସାରିଗୁଡ଼ା ଏବଂ ବାଙ୍କାମ୍ବ ପଞ୍ଚାୟତର ବାଙ୍କାମ୍ବ, ଉପର କୋଡିଙ୍ଗା, ବଜ୍ରଗଡ଼, ଫୁଲଜବା ଓ କିନ୍ଦିରିପଦର ଗ୍ରାମର ପ୍ରାୟ ୪୩୫ ଜଣ ଅଧିବାସୀ ଉପସ୍ଥିତ ଥିଲେ । ଏହି ଅବସରରେ ୨୬ ଜଣ ବ୍ୟକ୍ତି ମୌଖିକ ଭାବେ ନିଜର ମନ୍ତବ୍ୟ ରଖିଥିବା ବେଳେ ୨୩ ଜଣ ଲିଖିତ ଆକାରରେ ଦାବିପତ୍ର ପ୍ରଦାନ କରିଛନ୍ତି । ଜନଶୁଣାଣିରେ ଓଏମସି ପକ୍ଷରୁ ଚିନ୍ମୟ ପରିଡ଼ା ଏବଂ କୋଡିଙ୍ଗାମାଳି ଖଣି ମ୍ୟାନେଜର ବିଭୀଷଣ ମାଝୀ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ଶୁଣିଥିଲେ ।

ଜନଶୁଣାଣିରେ ଗ୍ରାମବାସୀଙ୍କ ପ୍ରମୁଖ ଅଭିଯୋଗ ମଧ୍ୟରୁ ନିଯୁକ୍ତି ଓ ଦାଦନ ସମସ୍ୟା ମୁଖ୍ୟ ସମସ୍ୟା ବୋଲି କହିଥିଲେ । ସ୍ଥାନୀୟ ଅଞ୍ଚଳରେ କାମ ନମିଳିବାରୁ ଯୁବକଯୁବତୀମାନେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି ଏବଂ ସେଠାରେ ଅନେକ ସମୟରେ ମୃତ୍ୟୁମୁଖରେ ପଡ଼ୁଛନ୍ତି । ନିକଟରେ ବାଙ୍କାମ୍ବ ଅଞ୍ଚଳର ଚାରି ଜଣ ଯୁବକ ବିଜୟୱାଡ଼ାଠାରେ ଦାଦନ ଖଟିବାକୁ ଯାଇ ମୃତ୍ୟୁବରଣ କରିଥିବା ନେଇ ନବୀନ ସାହୁ ଅଭିଯୋଗ କରିବା ସହ ସ୍ଥାନୀୟ ନିଯୁକ୍ତି ଏବଂ ବିଦ୍ୟାଳୟରେ ଶିକ୍ଷକ ପଦବୀ ପୂରଣ ପାଇଁ ଦାବି କରିଛନ୍ତି । କାମ ନପାଇ ଲୋକେ ବାହାରକୁ ଯାଉଥିବା ନେଇ ଦମୟନ୍ତୀ ଝୋଡ଼ିଆ ମଧ୍ୟ ପ୍ରକାଶ କରିଛନ୍ତି । ସେହିଭଳି ବାଙ୍କାମ୍ବ ଗ୍ରାମର ହରେକୃଷ୍ଣ ସାହୁ ଝାଙ୍କିରି ମଣ୍ଡପ ନିର୍ମାଣ ଓ ଛାତ୍ରଛାତ୍ରୀଙ୍କ ପାଇଁ ବୃତ୍ତି ବ୍ୟବସ୍ଥା ତଥା ସେବତୀ ସାହୁ ଏବଂ ପ୍ରଦୀପ କୁମାର ଖୋସଲା ଗରିବଙ୍କୁ ସହାୟତା ଓ ପାରିପାର୍ଶ୍ୱିକ ବିକାଶ ପାଇଁ ଦାବି କରିଛନ୍ତି । ପୋଡ଼ାପାଡ଼ିର ସନ୍ଧ୍ୟା ସିଂ ମାଝୀ ଓ ସଙ୍ଗିତା ମାଝୀ ଜଳଯୋଗାଣ ସୁବିଧା ଏବଂ ମାଙ୍କଡ଼ଝୋଲାର ଲକ୍ଷ୍ମୀ ବାଗ୍ ଯୁବକଯୁବତୀଙ୍କ ନିଯୁକ୍ତି ଉପରେ ଜୋର ଦେଇଛନ୍ତି । ମେଲେକା ବାଗ୍ ରାସ୍ତା ନିର୍ମାଣ ଓ ଜଳଯୋଗାଣ ପାଇଁ ଅନୁରୋଧ କରିଛନ୍ତି । ଉପର କୋଡିଙ୍ଗାର ପୁରବତି ସୂର୍ଯ୍ୟ ବିଜୁଳି, ପାନୀୟ ଜଳ ଅଭାବ ଓ ଭତ୍ତା ପ୍ରଦାନ ବିଷୟ ଉଠାଇଥିବା ବେଳେ ଦମୟନ୍ତୀ ଝୋଡ଼ିଆ ଖଣି ଯୋଗୁଁ ଧୂଳି ଉଡ଼ିବା, ବାର୍ଦ୍ଧକ୍ୟ ଭତ୍ତା ନମିଳିବା ଅଭିଯୋଗ କରି ବନିକରଣ ଓ ଆମ୍ବୁଲାନ୍ସ ସେବା ଦାବି କରିଛନ୍ତି । ବଜ୍ରଗଡ଼ର ଜାମା ମାଝୀ ପାଣି, ରାସ୍ତା ଓ ନିଯୁକ୍ତିର ଅଭାବ ଥିବା ଦର୍ଶାଇଛନ୍ତି । ବାଙ୍କାମ୍ବର ଜଗନ୍ନାଥ ସାହୁ ଅଭିଯୋଗ କରିଛନ୍ତି ଯେ ଖଣି ଅଞ୍ଚଳରୁ ମାଟି ଅତଡ଼ା ଖସୁଥିବାରୁ ପାଣି ଗୋଳିଆ ହେଉଛି ଏବଂ ଚାଷ କ୍ଷତିଗ୍ରସ୍ତ ହେଉଛି । ତେଣୁ କେନାଲ ମରାମତି ସହ ନିଯୁକ୍ତି ଦିଆଯାଉ । ଶରତ ମାଝୀ ଅଞ୍ଚଳରେ ଏକ ମେଡିକାଲ ପ୍ରତିଷ୍ଠା ପାଇଁ ଦାବି କରିଛନ୍ତି । ଏହାପରେ ଓଏମସି ଅଧିକାରୀ ଚିନ୍ମୟ କୁମାର ପରିଡ଼ା କହିଛନ୍ତି ଯେ ଓଏମସି କର୍ତ୍ତୃପକ୍ଷ ସମସ୍ତ ସମସ୍ୟାର ସମାଧାନ ପାଇଁ ଉପଯୁକ୍ତ ଭବିଷ୍ୟତ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ।

ଖଣି ପ୍ରଦୂଷଣ ଓ ଧୂଳି ରୋକିବା ପାଇଁ ନିୟମିତ ଜଳସିଞ୍ଚନ ସହ ରାସ୍ତା ସଫେଇ କରାଯିବ । ବନ୍ୟଜନ୍ତୁ ସୁରକ୍ଷା ପାଇଁ ଓଏମସି ବନ ବିଭାଗ ସହାୟତାରେ କାର୍ଯ୍ୟ କରୁଛି । ଶିକ୍ଷା କ୍ଷେତ୍ରରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ସ୍ଥାନୀୟ ପିଲାମାନେ ପଢୁଛନ୍ତି ଏବଂ ଗତ ତିନି ବର୍ଷ ଧରି ପ୍ରଦାନ କରାଯାଉଥିବା ମୋବାଇଲ ସ୍ୱାସ୍ଥ୍ୟ ସେବାକୁ ଆଗକୁ ଆହୁରି ବୃଦ୍ଧି କରାଯିବ ବୋଲି ଜଣାଇଛନ୍ତି । ଜନସାଧାରଣଙ୍କ ସମସ୍ତ ନ୍ୟାଯ୍ୟ ଦାବି ପୂରଣ ପାଇଁ ପ୍ରଶାସନିକ ସ୍ତରରେ ପଦକ୍ଷେପ ନିଆଯିବ ବୋଲି ସୂଚନା ଦିଆଯାଇଛି । ଏହି ଜନଶୁଣାଣି ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କହଁର ଓ ଆଞ୍ଚଳିକ ପ୍ରଦୂଷଣ ବୋର୍ଡ ଅଧିକାରୀ ଅଶୋକ ଭୋଇ ପ୍ରମୁଖ ଉପସ୍ଥିତ ରହି ଜନଶୁଣାଣି କରିଥିଲେ । ଜନ ଶୁଣାଣି ଶେଷରେ ଅତିରିକ୍ତ ଜିଲ୍ଲାପାଳ ନିହାର କହଁର କହିଛନ୍ତି ଯେ, ଜନସାଧାରଣଙ୍କ ସମସ୍ତ ମତାମତ, ଆପତ୍ତି ଓ ଦାବିଗୁଡ଼ିକୁ ସଠିକ୍ ଭାବେ ଲିପିବଦ୍ଧ କରାଯାଇଛି ଏବଂ ଏହି ସବିଶେଷ ବିବରଣୀକୁ ପରବର୍ତ୍ତୀ ଅନୁମୋଦନ ପାଇଁ ସରକାରଙ୍କ ନିକଟକୁ ପଠାଯିବ । ସମଗ୍ର କାର୍ଯ୍ୟକ୍ରମଟି ଶାନ୍ତିଶୃଙ୍ଖଳାର ସହ ସମାପ୍ତ ହୋଇଛି । ତେବେ ଜନ ଶୁଣାଣିକୁ ଧ୍ୟାନ ରେ ରଖି ବ୍ୟାପକ ପୋଲିସ ଫୋର୍ସ ମୁତୟନ ରହିଥିବା ବେଳେ ଏସପି ରାଜ ପ୍ରସାଦ ଆଇନ ଶୃଙ୍ଖଳା ବ୍ୟବସ୍ଥା ନିଜେ ଦେଖିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାୟଗଡ଼ା ଉପଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା, ଗୁଣପୁର ଉପଜିଲ୍ଲାପାଳ ଦୁଧାଲ ଅଭିଷେକ କୁମାର, ରାୟଗଡ଼ା ତହସିଲଦାର ପ୍ରିୟଦର୍ଶିନୀ ସ୍ୱାଇଁ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

ସମୀର ଦେଙ୍କ ଦ୍ୱିତୀୟ ବାର୍ଷିକ ସ୍ମୃତି ସମାରୋହ

କଟକ, ୨୧।୬ (ନି.ପ୍ର) : ଓଡ଼ିଶାର ପୂର୍ବତନ ମନ୍ତ୍ରୀ ତଥା ଲୋକପ୍ରିୟ ବିଧାୟକ ଏବଂ କଟକ ସହର ଭାଇଚାରାର ପ୍ରତୀକ ସ୍ୱର୍ଗତ ସମୀର ଦେଙ୍କର ସ୍ମୃତିକୁ ଉଜ୍ଜୀବିତ ରଖିବା ନିମନ୍ତେ ସମୀର ଦେ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଦ୍ୱିତୀୟ ବାର୍ଷିକ ସ୍ମୃତି ସମାରୋହ ଆଜି ରବିବାର ସନ୍ଧ୍ୟାରେ ସିଡ଼ିଏସ୍ଥିତ ୱିଣ୍ଡସର ପ୍ୟାଲେସ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଟ୍ରଷ୍ଟର ସଭାପତି ସଜ୍ଜନ ଶର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ସ୍ତ୍ରୀ ଓ ପ୍ରସୂତୀ ବିଭାଗର ସୁନାମଧନ୍ୟ ଡାକ୍ତର ପୂର୍ଣ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ସର୍ଜରି ବିଶେଷଜ୍ଞ ଡ଼ାକ୍ତର ଉମେଶ ରାୟ ଏବଂ ବିଜେପି କଟକ ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ସମୀର ଦେଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରି ସ୍ମୃତି ସମାରୋହକୁ ଉଦଘାଟନ କରି ସ୍ୱର୍ଗତ ଦାଦାଙ୍କ କଟକ ସହର ଭାଇଚାରାର ବଳିଷ୍ଠ ଦିଗଦର୍ଶନ ଉପରେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ସମୀର ଦେ ସ୍ମୃତି ସ୍ମାରକୀ ସ୍ୱରୂପ ସହରର ବିଭିନ୍ନ ବିଦ୍ୟାଳୟର ମେଧାବୀ ଛାତ୍ରଛାତ୍ରୀଙ୍କୁ ଟ୍ରଷ୍ଟ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ପ୍ରାରମ୍ଭରେ ବିଜେପି ନାରୀନେତ୍ରୀ ସ୍ମୃତି ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ସମାରୋହରେ ସ୍ୱର୍ଗତ ଦାଦାଙ୍କ ସହଧର୍ମିଣୀ ତଥା ଟ୍ରଷ୍ଟର ସଦସ୍ୟା ଦୀପିକା ଦତ୍ତ ରାୟ, ସଦସ୍ୟ ସୌରଜିତ ଦେ, ଶିଳ୍ପୀ ବୈଷ୍ଣବୀ ଦେ, ଇନ୍ଦ୍ରଜିତ ସେନ ଗୁପ୍ତା (ଜିତୁ), ଦେବାଶିଷ ଘୋଷ, ରଜନୀ ଦାସ, ସତ୍ୟ ମହାନ୍ତି, ଦୀପକ ମହାନ୍ତିଙ୍କ ସମେତ ରାଜନେତା, ପୂଜକମିଟି କର୍ମକର୍ତ୍ତା, ମୁରବୀ ଏବଂ ସହରର ବହୁ ବୁଦ୍ଧିଜୀବୀ ମାନେ ଉପସ୍ଥିତ ଥିଲେ ।



ଫ୍ରେଣ୍ଡଲି ଯୋଗ ଓ ପୋର୍ଟକ୍ଲବ୍ ପାରାଦୀପ ମିଳିତ ଆନୁକୂଲ୍ୟରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ

ଯୋଗ ନିରୋଗ ରହିବାର ଆମୋଘ ଅସ୍ତ୍ର : ଟୁଲୁ ବାବା



ପାରାଦୀପ,୨୧।୬ (ନି.ପ୍ର): ଆନ୍ତର୍ଜାତିକ ଯୋଗ ଦିବସ ଉପଲକ୍ଷେ ସ୍ଥାନୀୟ ପୋର୍ଟକ୍ଲବ,ନୂଆବଜାର ପରିସରରେ ଫ୍ରେଣ୍ଡଲି ଯୋଗ ଓ ପୋର୍ଟ କ୍ଲବର ମିଳିତ ଆନୁକୂଲ୍ୟରେ ଆନ୍ତର୍ଜାତିକ ଯୋଗ ଦିବସ ଯୋଗଗୁରୁ ବିଭୂତି ଭୂଷଣ ସାହୁ(ଟୁଲୁ ବାବା)ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଯୋଗଗୁରୁ ଯୋଗ ଶିକ୍ଷା ଦେବା ସହିତ 'ସ୍ୱାସ୍ଥ୍ୟ ହିଁ ସମ୍ପଦ' ଉପରେ ଗୁରୁତ୍ୱାରୋପ କରିବା ସହ ଶରୀର ପାଇଁ ଯୋଗ ର ଆବଶ୍ୟକତା ଉପରେ ବୁଝାଇ କହିଥିଲେ । ଯୋଗ ଏକ ଧାରା ନୁହେଁ ବରଂ ଜୀବନର ଏକ ବିଜ୍ଞାନ ଯାହା ବିଭିନ୍ନ ଋତୁ ସହିତ ଖାପ ଖୁଆଇ ଥାଏ । ଆମର ପୂର୍ବ ପୁରୁଷ ମାନେ ଶରୀର କୁ ବିଭିନ୍ନ ଋତୁ ସହିତ ଖାପ ଖୁଆଇ ଚାଲୁଥିଲେ ଯାହା ଫଳରେ ଦୀର୍ଘ ନିରାମୟ ଜୀବନ କିପରି ଲାଭ କରୁଥିଲେ ଶିଖାଇଥିଲେ ।ଏହି କାରଣରୁ ଆୟୁର୍ବେଦ ଏବଂ ଯୋଗ ଉଭୟରେ ଋତୁ କାଳୀନ କାର୍ଯ୍ୟ ପଦ୍ଧତିକୁ ସର୍ବୋଚ୍ଚ ଗୁରୁତ୍ୱ ଦିଆଯାଇଛି । ଶିତର କଠୋରତା,ଗ୍ରୀଷ୍ମର ଗରମ ଏବଂ ବର୍ଷାର ଆଳସ୍ୟ ପ୍ରତ୍ୟେକ ଋତୁର ଶରିର ଉପରେ ଭିନ୍ନ ପ୍ରଭାବ ପଡ଼ିଥାଏ ।ସେହି ଅନୁସାରେ ଯୋଗ ଆସନ ଗ୍ରହଣ କରିବା ସନ୍ତୁଳିତ ସ୍ୱାସ୍ଥ୍ୟର ଚାବିକାଠି ।ଆଜି ସବୁଠାରୁ ବଡ ଭୁଲ ହେଉଛି, ଲୋକମାନେ ବର୍ଷସାରା ସମାନ ଯୋଗ ଅଭ୍ୟାସ କରନ୍ତି ।ପରିଣାମ ସ୍ୱରୂପ କେତେବେଳେ ଥକ୍କା ପଣ,ଯନ୍ତ୍ରଣା, ଚିଡିଚିଡା ପଣ ।ସତ୍ୟ ହେଉଛି ପ୍ରତ୍ୟେକ ଋତୁ ପାଇଁ ଭିନ୍ନ ଭିନ୍ନ ଯୋଗ ଆସନ ରହିଛି ।ଶରିର ଏକ ମେସିନ ନୁହେଁ ବରଂ ପ୍ରକୃତି ସହିତ ଜଡିତ ଏକ ଜୀବନ୍ତ ବ୍ୟବସ୍ଥା ।ଋତୁ ପରିବର୍ତ୍ତନ ହେବା ସହିତ ଶରୀରର ଆବଶ୍ୟକତା ମଧ୍ୟ ପରିବର୍ତ୍ତନ ହୁଏ ।ପ୍ରତ୍ୟେକ ଋତୁରେ ଏକ ପ୍ରକାର ଯୋଗାସନ କରିବା ଗ୍ରୀଷ୍ମ ଋତୁର ପୋଷାକ ପିନ୍ଧିବା ଭଳି ।ପ୍ରକୃତ ଯୋଗ ହେଉଛି ଶରୀରର ମନ ଏବଂ ଋତୁର ସନ୍ତୁଳନ ।ଯେଉଁ ବ୍ୟକ୍ତି ଋତୁ ଅନୁସାରେ ଯୋଗାଭ୍ୟାସ କରନ୍ତି ତାଙ୍କୁ କମ୍ ଔଷଧ ଆବଶ୍ୟକ ପଡେ ।ଥଣ୍ଡାରେ ଶରୀରର ଉଷ୍ମତା ହ୍ରାସ ପାଏ, ମାଂସପେଶୀ କଠିନ ହୋଇଯାଏ ଏବଂ ଆଳସ୍ୟ ବଢ଼ିଯାଏ ।ଏହି ଋତୁରେ ସୂର୍ଯ୍ୟ ନମସ୍କାର,ଭୁଜଙ୍ଗ ଆସନ, ଧନୁରାସନ, କପାଳ ଭାତୀ ଏବଂ ଭସ୍ତିକା ଆସନ ଶରୀରକୁ ଉଷ୍ମ ରଖେ ଓ ରକ୍ତ ସଞ୍ଚାଳନ ଉନ୍ନତ କରେ ଏବଂ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ ।ଗ୍ରୀଷ୍ମ ଋତୁରେ କାହିଁକି ତୀବ୍ର ଯୋଗ କ୍ଷତି କାରକ ହୋଇଥାଏ ?ଗ୍ରୀଷ୍ମ ଋତୁରେ ଶରିର ପୂର୍ବରୁ ଉଷ୍ମ ରହିଥାଏ ।ଅତ୍ୟଧିକ ତୀବ୍ର ଯୋଗ ଶରୀରକୁ କ୍ଳାନ୍ତ କରିପାରେ ।ମୁଣ୍ଡ ବୁଲାଇବା ଏବଂ ଜଳୀୟ ଅଂଶ କମ୍ ହୋଇପାରେ ।ଏହି ଋତୁରେ ଯୋଗର ଲକ୍ଷ୍ୟ ଶିତଳତା ଏବଂ ସନ୍ତୁଳନ ହେବା ଉଚିତ ।ବର୍ଷା ଋତୁରେ ଯୋଗ କାହିଁକି ବିଶେଷ ଗୁରୁତ୍ୱପୂର୍ଣ୍ଣ ?ବର୍ଷା ଋତୁରେ ପାଚନ ଶକ୍ତି ଦୁର୍ବଳ ହୋଇଥାଏ ।ଶରିର ଭାରି ଭାରି ହୋଇଥାଏ ଏବଂ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇଥାଏ ।ଏଣୁ ବିଭିନ୍ନ ଋତୁରେ ଭିନ୍ନ ଭିନ୍ନ ଯୋଗ କରାଯାଇଥାଏ । ଆଜିର ଏହି କାର୍ଯ୍ୟକ୍ରମରେ ତାପସ ମହାନ୍ତି, ଆଲୋକ ମହାପାତ୍ର, ଗୌତମ ନାଏକ,ପ୍ରଭାତ ମହାପାତ୍ର,ରଘୁନାଥ ରଣସିଂହ, ତ୍ରିଲୋଚନ ସୋରେନ, କୁଳମଣି ସାହୁ, ସୁରେନ୍ଦ୍ର ମହାପାତ୍ର, ଦିପୁ ବାବୁ, ପ୍ରଭାସ ସାହୁ,ରମାକାନ୍ତ ନାୟକ, ଶ୍ୟାମସୁନ୍ଦର ଦାସ,ସତ୍ୟବ୍ରତ ଜେନା, ଲକି ବାବା ଓ ଶିବ ପ୍ରସାଦ ଜେନା ପ୍ରମୁଖ ଉପସ୍ଥିତ ରହି ଥିଲେ ଏବଂ ତତ୍ ସହିତ ପୋର୍ଟ କ୍ଲବ୍ ଓ ଫ୍ରେଣ୍ଡଲି ଯୋଗର ଶତାଧିକ ସଦସ୍ୟ, ସଦସ୍ୟା ମାନେ ଉପସ୍ଥିତ ରହି ଯୋଗ ଦିବସଟିକୁ ସଫଳ କରିଥିଲେ ।

ପିପିଲିରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ



ପିପିଲି,୨୧।୬ (ନି.ପ୍ର): ପିପିଲି ଜବାହର ବିଦ୍ୟାପୀଠ ପରିସରରେ ୧୨ତମ ଆନ୍ତର୍ଜାତିୟ ଯୋଗ ଦିବସ ପାଳିତ ହୋଇଯାଇଛି । ଯୋଗ ମହୋତ୍ସବ ସମିତି ଓ କନକ ଦୁର୍ଗା ଯୋଗ ସମିତି ମିଳିତ ଆନୁକୂଲ୍ୟରେ ଏହି ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ପିପିଲି ବିଧାୟକ ଆଶ୍ରୀତ ପଟ୍ଟନାୟକ ଯୋଗଦେଇ ଯୋଗ ରେ ଉପକାରିତା ସମ୍ପର୍କରେ ଆଲୋକପାତ କରି ଶାରୀରିକ ମାନସିକ ସୁସ୍ଥ ପାଇଁ ନିୟମିତ ଯୋଗ ଆବଶ୍ୟକ ବୋଲି କହିଥିଲେ । ଅନ୍ୟତମ ଅତିଥି ଭାବେ ପିପିଲି ଏସଡିପିଓ ଦେବାଶିଷ ମିଶ୍ର, ପିପିଲି ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରିଣୀ କାଦମ୍ବିନୀ ଜେନା, ସାଂସଦ ପ୍ରତିନିଧି ସୁକାନ୍ତ କୁମାର ଭଞ୍ଜ ପ୍ରମୁଖ ଯୋଗଦେଇ ଯୋଗାଭ୍ୟାସ କରିଥିଲେ । ଏହି ଅବସରରେ ପିପିଲିର ବିଭିନ୍ନ ଅଞ୍ଚଳରେ ଯୋଗ ଶିକ୍ଷା ଦେଉଥିବା ଯୋଗ ଶିକ୍ଷକ ଏବଂ ଯୋଗ ପ୍ରତିଯୋଗିତା ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଛାତ୍ରୀ ଶୀବାନି ପାଇକରାୟ ଙ୍କୁ ମୁଖ୍ୟ ଅତିଥି ଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମ କୁ କନକ ଦୁର୍ଗା ଯୋଗ ସମିତି ସଭାପତି ଲକ୍ଷ୍ମୀଧର ପ୍ରଧାନ, ଯୋଗ ଶିକ୍ଷକ ସଞ୍ଜୟ ନନ୍ଦୀ, ସୁଜିତ କୁମାର ନନ୍ଦ, ପ୍ରଭାତ କୁମାର ମହାପାତ୍ର ପ୍ରମୁଖ ପରିଚାଳନା କରିଥିବା ବେଳେ ସମିତି ର ସମସ୍ତ ସଦସ୍ୟ ସଦସ୍ୟା ଙ୍କ ସହ ଅଂଚଳର ଯୋଗ ପ୍ରେମୀ, ଏନଏସି କାର୍ଯ୍ୟକର୍ତ୍ତା ମାନେ ସାମିଲ ହୋଇଥିଲେ ।

ଆନ୍ତର୍ଜାତିକ ଅବୈଧ ନିଶା ବିରୋଧୀ ଦିବସ ପାଇଁ ପାରାଦୀପରେ ପ୍ରସ୍ତୁତି

ପାରାଦୀପ - ଦେଶ ବା ରାଷ୍ଟ୍ରର ମେରୁଦଣ୍ଡ ଯୁବ ପିଢ଼ି ହୋଇ ଥିଲାବେଳେ ଏବେ ଯୁବ ପିଢ଼ିଙ୍କୁ ଡ୍ରଗ୍ସ ଏପରି ଗ୍ରାସି ଯାଇଛି ପରିବାର, ସମାଜ ବିଗିଡି ଚାଲୁଥିବାବେଳେ ରାଷ୍ଟ୍ର ପାଇଁ ଶୁଭଙ୍କର ନୁହଁ ବୋଲି ଖୁଲମ ଖୁଲା କହିଛନ୍ତି ବରିଷ୍ଠ ଆଇନଜୀବୀ ତଥା ସୁସ୍ଥ ସମାଜ ଗଠନ ଦିଗରେ ସଂଗ୍ରାମ କରି ଚାଲୁଥିବା ମାଟିର ପୁଅ ଗତିକୃଷ୍ଣ ଶତପଥୀ ଛ ଗତି ଏହି କାରବାରକୁ ରୋକିବା ଦିଗରେ ଯେତିକି ପଦକ୍ଷେପ ନେଇଚାଲିଛନ୍ତି ଉଜୁଡି ଯାଉଥିବା ପରିବାରରେ ସଚେତନ ସୃଷ୍ଟି କରିବା ଦିଗରେ ଆସନ୍ତା ଜୁନ ୨୬ ତାରିଖରେ ପାଳିତ ହେବାକୁ ଥିବା ଆନ୍ତର୍ଜାତିକ ନିଶାଦ୍ରବ୍ୟ ବ୍ୟବହାର ଓ ଅବୈଧ ଚୋରାଚାଲାଣ ବିରୋଧୀ ଦିବସ ଅବସରରେ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଇଣ୍ଟରନ୍ୟାସନାଲ ହୋଟେଲ ପରିସରରେ ରବିବାର ଦିନ ଆୟୋଜିତ କରିଥିଲେ । ଡ୍ରଗ୍ସ ନିଶା ବିରୋଧରେ ନିରନ୍ତର କାର୍ଯ୍ୟ କରୁଥିବା ବାଣୀଧାରା ଚାରିଟେବୁଲ ଟ୍ରଷ୍ଟର ସାମାଜିକ ଅନୁଷ୍ଠାନ "ୱାଦା ପରିବାର" କେବଳ ଓଡ଼ିଶା ନୁହେଁ, ସମଗ୍ର ଭାରତରେ ନିଶାଦ୍ରବ୍ୟ ବିରୋଧୀ ସଚେତନତା ସୃଷ୍ଟି କରିଆସୁଛି। ସମାଜ ଉପରେ ଡ୍ରଗ୍ସର କୁପ୍ରଭାବ ରୋକିବା, ଯୁବପିଢ଼ୀଙ୍କୁ ନିଶାମୁକ୍ତ ଜୀବନ ପ୍ରତି ପ୍ରେରିତ କରିବା ସହ ଦେଶପ୍ରେମ ଓ ସମାଜସେବା ଭାବନା ଜାଗ୍ରତ କରିବା ଏହି ଅନୁଷ୍ଠାନର ମୂଳ ଲକ୍ଷ୍ୟ ରହିଛି। ଚଳିତ ବର୍ଷ ଜୁନ ୨୬ ତାରିଖ ସନ୍ଧ୍ୟା ୫ଟାରେ ପାରାଦୀପ ସ୍ଥିତ ଜୟଦେବ ସଦନ ଠାରେ ଆନ୍ତର୍ଜାତିକ ନିଶା ନିବାରଣ ଦିବସ ପାଳନ କରାଯିବ। ଏହି ଅବସରରେ ସାଧାରଣ ଜନତାଙ୍କ ମଧ୍ୟରେ ଡ୍ରଗ୍ସ ନିଶାର ଭୟାବହ ପରିଣାମ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବା ନେଇ ବୈଠକରେ ଆଲୋଚନା ହୋଇଥିଲା ଏବଂ ବିଭିନ୍ନ କାର୍ଯ୍ୟକ୍ରମର ଖସଡ଼ା ପ୍ରସ୍ତୁତ କରାଯାଇଥିଲା । ବୈଠକରେ କ୍ୟାପଟେନ ପ୍ରେମାନନ୍ଦ ରାଉତ ପୌରାହିତ୍ୟ କରିଥିବା ବେଳେ ୱାଦାର ସଂଯୋଜକ ଆଡ଼ଭୋକେଟ ଗତିକୃଷ୍ଣ ଶତପଥୀ, ବରିଷ୍ଠ ସାମ୍ବାଦିକ ଶୁକଦେବ ଜେନା ଏବଂ ସମାଜସେବୀ ତଥା ପାରାଦୀପ କଲେଜ ଏନସିସି ଆଲୁମୁନି ଆସୋସିଏସନର ସଭାପତି ଅମ୍ବିକା ପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ଏହା ସହ ୱାଦାର ସଦସ୍ୟବୃନ୍ଦ, ପାରାଦୀପର ବିଭିନ୍ନ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା, ସମାଜସେବୀ ଏବଂ ସାମ୍ବାଦିକମାନେ ଯୋଗଦେଇ ଡ୍ରଗ୍ସ ନିଶା ବିରୋଧୀ ସଚେତନତା ସୃଷ୍ଟି ଓ କାର୍ଯ୍ୟକ୍ରମର ସଫଳ ଆୟୋଜନ ସମ୍ପର୍କରେ ନିଜ ନିଜର ମତାମତ ରଖିଥିଲେ।

ପୁରୁଣାପାଣି ଶୀତଳ ଷଷ୍ଠୀ ଜଳନ୍ଧର ଦରବାର ଉଦ୍‌ଯାପିତ

ଉତ୍ସବ ମାଧ୍ୟମରେ ଶାନ୍ତି, ମୈତ୍ରୀର ବାର୍ତ୍ତା ହେବ ପ୍ରସାର : ନରସିଂହ

ବଲାଙ୍ଗିର, ତା.୨୧.୦୬.୨୬ - ଦେଓଗାଁ ବ୍ଲକ ଅନ୍ତର୍ଗତ ମୁକୁନ୍ଦପୁର ପଂଚାୟତର ପୁରୁଣାପାଣି ଠାରେ ଆଂଚଳିକ ଶିତଳଷଷ୍ଠୀ ମହୋତ୍ସବ କମିଟି ଦ୍ୱାରା ଆୟୋଜିତ ଜଳନ୍ଧର ଦରବାର ଉଦ୍‌ଯାପିତ ହୋଇଯାଇଅଛି । ଉଦ୍‌ଯାପନି ଦିବସରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଯୋଗ ଦେଇ ଲୋକଙ୍କ ଉଦ୍ଦେଶ୍ୟରେ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ । ସେ କହିଥିଲେ ଲୋକେ ସବୁବେଳେ ଶାନ୍ତି, ମୈତ୍ରୀ ଓ ପ୍ରଗତି ଚାହିଁଥାନ୍ତି । ଏହି ଉତ୍ସବ ମଧ୍ୟ ଏହି ବାର୍ତ୍ତାକୁ ଆହୁରି ପ୍ରସାର କରିବ । ଆମ ଭିତରେ ଦଳମତ ଧର୍ମ ନିର୍ବିଶେଷରେ ଏକତା ଭାବ ଉତ୍ପନ୍ନ କରିବ । ତାହା ହେଲେ ହିଁ ଏ ଅଂଚଳର ସର୍ବାଙ୍ଗିନ ବିକାଶ ହୋଇପାରିବ। ଆଉ ଯଦି କୋଣସି ଆଶୁରିକ ଶକ୍ତି ଏ ଅଂଚଳର ବିକାଶ କ୍ଷେତ୍ରରେ ବାଧା ସୃଷ୍ଟି କରେ ତେବେ ଲୋକେ ନିଶ୍ଚିତ ଭାବରେ କ୍ରାନ୍ତିର ବାଟ ଆପଣେଇବେ ବୋଲି ଶ୍ରୀ ମିଶ୍ର ନିଜ ବକ୍ତବ୍ୟରେ କହିଛନ୍ତି । ଆଜିର ଜଳନ୍ଧର ଦରବାର ର ଉଦ୍‌ଯାପନି ଦିନରେ ଶ୍ରୀ ମିଶ୍ର ଡବଲ ଇଞ୍ଜିନ ସରକାରର ଲୋକଙ୍କ ପ୍ରତି କରୁଥିବା ଅବହେଳା ଉପରେ ଅବଗତ କରିଥିଲେ । ତା ସହିତ ଅଂଚଳରେ ସେ ବିଧାୟକ ଥିବା ବେଳେ ଶିକ୍ଷା କ୍ଷେତ୍ରରେ ହୋଇଥିବା ବିକାଶ ଉପରେ ଲୋକଙ୍କୁ ସୂଚନା ଦେଇଥିଲେ । ପର୍ଯ୍ୟଟନ କ୍ଷେତ୍ରରେ ମଧ୍ୟ ଭୀମ ଡୁଙ୍ଗୁରିର ଅନେକ ଉନ୍ନତି କରାଯାଇଥିଲା କିନ୍ତୁ ବର୍ତ୍ତମାନ ଦୁଇ ବର୍ଷ ହେଲା ଏହି ପର୍ଯ୍ୟଟନ ସ୍ଥଳି କାହିଁକି ଖାଁ ଖାଁ ଲାଗୁଛି ବୋଲି ଶ୍ରୀ ମିଶ୍ର ପ୍ରଶ୍ନ କରିଥିଲେ । ଠିକ୍ ସେହିପରି ସ୍କୁଲ ଗୁଡିକରେ ଶିକ୍ଷକ ନ ଥିବା, ଅଧିକ ଛାତ୍ର ଥିବା ସ୍କୁଲ ଗୁଡିକରେ କମ ଶ୍ରେଣୀ ଗୃହ ଥିବା ଅଭିଯୋଗ ଆସୁଥିବାରୁ ଏ ଦିଗରେ ସେ ଶିକ୍ଷା ବିଭାଗ ସହ ନିଶ୍ଚିତ ଭାବରେ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ବ୍ଲକ ହେଉ କି ପୌର ପରିଷଦ ହେଉ ବଲାଙ୍ଗିର ରେ ଦୁର୍ନିତି ଚରମସୀମାରେ ପହଂଚିଛି । ଆଜିର ଏହି ଉଦ୍‌ଯାପନି ଦିବସରେ ଆଂଚଳିତ ଶିତଳଷଷ୍ଠୀ ମହୋତ୍ସବ କମିଟିର ସଂପାଦକ ମଧ୍ୟ ପ୍ରଧାନୀ ମଂଚ ପରିଚାଳନା କରିଥିବା ବେଳେ ଯୁବ ନେତା ଅସୀତ ମିଶ୍ର, ଅବସରପ୍ରାପ୍ତ ସେନା କର୍ମଚାରୀ ଚମାର ସିଂ ଭୋଇ, ସମାଜସେବୀ ବ୍ରଜ ନାଏକ, ବିଶ୍ୱଜିତ ପାତ୍ର, ରାଜିନ୍ଦ୍ର ନାଏକ, ମନବୋଧ ହରପାଲ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ସୁନ୍ଦର ଗୌର ହରି ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଂଚାସିନ ଥିଲେ । ସଭା ଶେଷରେ ଅନୁଷ୍ଠାନ ର ସଭାପତି ଚକ୍ର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

ବ୍ରହ୍ମପୁରରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ

ବ୍ରହ୍ମପୁର, ୨୧।୬(ମନ୍ଥନ): ବ୍ରହ୍ମପୁର ମହାନଗର ନିଗମ ଓ ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ, ବ୍ରହ୍ମପୁର ଶାଖାର ମିଳିତ ଆନୁକୂଲ୍ୟରେ ରବିବାର ପ୍ରାତଃ ୬ଟାରେ ମହାତ୍ମା ଗାନ୍ଧୀ କ୍ରୀଡାଙ୍ଗନ ଠାରେ ଭବ୍ୟ ଭାବରେ ଆନ୍ତର୍ଜାତୀୟ ଯୋଗ ଦିବସ ୨୦୨୬ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବ୍ରହ୍ମପୁର ଲୋକସଭା ସାଂସଦ ଡ଼ଃ ପ୍ରଦୀପ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ରୂପେ ବ୍ରହ୍ମପୁର ବିଧାୟକ ଶ୍ରୀ କେ. ଅନିଲ କୁମାର, ବିଶିଷ୍ଟ ଅତିଥି ଭାବେ ବ୍ରହ୍ମପୁର ମହାନଗର ନିଗମ କମିଶନର ଶ୍ରୀମତୀ ଏ ସାସ୍ୟା ରେଡ୍ଡୀ ଯୋଗଦେଇ ଥିଲେ।

ନୀଳାକ୍ଷୀ ଦିଦିଙ୍କ ନେତୃତ୍ୱରେ ରୁନୀ ମଲ୍ଲିକ ଓ ହେମନ୍ତ ସାବରଙ୍କ ସହଯୋଗରେ ବିଭିନ୍ନ ଯୋଗାସନ ଓ ପ୍ରାଣାୟାମ ପ୍ରଦର୍ଶନ କରାଯାଇଥିବା ବେଳେ, ଡ଼ଃ ଶଙ୍କର ମାଝୀଙ୍କ ଦ୍ୱାରା ଯୋଗ ସଙ୍କଳ୍ପ ପାଠ କରାଯାଇଥିଲା । ଯେଉଁଥିରେ ସମସ୍ତେ ମାନସିକ ସନ୍ତୁଳନ, ସ୍ୱାସ୍ଥ୍ୟ, ଶାନ୍ତି ଓ ସାମାଜିକ ସମନ୍ୱୟ ପାଇଁ ନିଜକୁ ସମର୍ପିତ କରିବାର ପ୍ରତିଜ୍ଞା କରିଥିଲେ। ଶେଷରେ ଶ୍ରୀ ଅଙ୍କିତ ସେନାପତିଙ୍କ ନେତୃତ୍ୱରେ "ସର୍ବେ ? ଭବନ୍ତୁ ସୁଖିନଃ, ସର୍ବେ ? ସନ୍ତୁ ନିରାମୟାଃ" ଶାନ୍ତିପାଠ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଅତିଥି ମାନେ ନିଜ ଅଭିଭାଷଣରେ ଯୋଗକୁ ଭାରତର ଅମୂଲ୍ୟ ସାଂସ୍କୃତିକ ଐତିହ୍ୟ ଭାବେ ବର୍ଣ୍ଣନା କରିବା ସହ ଏହା ଶାରୀରିକ, ମାନସିକ ଓ ଆଧାତ୍ମିକ ବିକାଶର ଏକ ଶ୍ରେଷ୍ଠ ମାଧ୍ୟମ ବୋଲି ମତ ପ୍ରକାଶ କରିଥିଲେ। ନିୟମିତ ଯୋଗାଭ୍ୟାସ ମାଧ୍ୟମରେ ସୁସ୍ଥ ଶରୀର, ଶାନ୍ତ ମନ ଓ ସୁସଂଗଠିତ ସମାଜ ଗଠନ ସମ୍ଭବ ବୋଲି ସେମାନେ କହିଥିଲେ ।

କାର୍ଯ୍ୟକ୍ରମ ଆରମ୍ଭରେ ଡ଼ଃ ଶଙ୍କର ମାଝୀ ଅତିଥି ମାନଙ୍କୁ ମଞ୍ଚାସୀନ କରାଇଥିବା ବେଳେ, ଆୟୋଜକ କମିଟିର ପରାମର୍ଶ ଦାତା ଶୁଶାନ୍ତ କୁମାର ସାବତ ସ୍ୱାଗତ ଭାଷଣ ପ୍ରଦାନ କରି ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ପରେ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ସମନ୍ୱୟକୁ ଡାକ୍ତର ସମରେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ, ବିବେକାନନ୍ଦ କେନ୍ଦ୍ରର କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ଓ ବ୍ରହ୍ମପୁର ମହାନଗର ନିଗମର ସହଯୋଗରେ ସମଗ୍ର କାର୍ଯ୍ୟକ୍ରମ ସୁଚାରୁ ରୂପେ ପରିଚାଳିତ ହୋଇଥିଲା।

ବାଘ ଛାଲ ଜବତ

ନବରଙ୍ଗପୁର, ୨୧।୬(ନି.ପ୍ର.): ୧୦ ଲକ୍ଷ ଟଙ୍କା ରେ ବିକ୍ରି ଉଦ୍ୟମ ବେଳେ ମହାବଳ ବାଘ ଛାଲ ଜବତ । ଗ୍ରାହକ ସାଜି ବନ ବିଭାଗ ର ଟିମ ଜଣକୁ ଗିରଫ କରିଥିବା ନବରଙ୍ଗପୁର ଜିଲ୍ଲା ଡାବୁଗାଁ ରେଞ୍ଜ ଅନ୍ତର୍ଗତ ପାତ୍ରି ସଂରକ୍ଷିତ ଜଙ୍ଗଲ ରୁ ଏହି ମହାବଳ ବାଘ ଛାଲ ଜବତ । ଜଣେ ଗିରଫ ହୋଇଥିବା ବେଳେ ଅନ୍ୟ ଦୁଇ ଫେରାର । ଗିରଫ ବ୍ୟକ୍ତି ଜଣେ ପାଷ୍ଟର ବୋଲି ସୂଚନା ଦେଲେ ଡିଏଫଓ। ଘଟଣା ସ୍ଥଳରୁ ଦୁଇ ଫେରାର । ବନଖଣ୍ଡ ଅଧିକାରୀ ଙ୍କ ସୂଚନା ଅନୁସାରେ ଗତ କିଛିଦିନ ଧରି ଜିଲ୍ଲାରେ ମହାବଳ ବାଘ ଛାଲ ବିକ୍ରି ହେଉଥିବା ନେଇ ଗୁପ୍ତ ସୂଚନା ପାଇବା ପରେ ସତର୍କ ହୋଇଥିଲେ ।ନବରଙ୍ଗପୁର ବନ ଖଣ୍ଡ ଅଧିକାରୀ ଉଦୟନ ସୁଦ୍ଧି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଏସିଏଫ୍ ସୁବାଷ ଚନ୍ଦ୍ର ଖୁଣ୍ଟିଆ ଓ ଡାବୁଗାଁ ବନାଞ୍ଚଳ ଅଧିକାରୀ ରାମଚନ୍ଦ୍ର ଭତରା ଙ୍କ ତତ୍ତ୍ୱାବଧାନରେ ଏକ ଟିମ ଡାବୁଗାଁ ବନାଞ୍ଚଳ ଅନ୍ତର୍ଗତ ପାତ୍ରି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପଛରେ ଥିବା ପାତ୍ରି ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଜଣେ ସନ୍ଦିଗ୍ଧ ବ୍ୟକ୍ତି ଏକ ବ୍ୟାଗ ରେ ରୟାଲ ବେଙ୍ଗଲ (ମହାବଳ) ବାଘ ଛାଲ ଚୋରା ଚାଲାଣ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ବନ ବିଭାଗ କର୍ମଚାରୀ ମାନେ ଗ୍ରାହକ ସାଜି ବାଘ ଛାଲ କିଣିବା ବାହାନା ରେ ମୁଖ୍ୟ ଆସାମୀ ଙ୍କୁ ଧରିବାରେ ସକ୍ଷମ ହୋଇଥିଲେ ।

ଅନ୍ତଃରାଷ୍ଟ୍ରୀୟ ଯୋଗ ଦିବସ ପାଳିତ

ରାଜଗାଙ୍ଗପୁର ,୨୧।୬(ନି.ପ୍ର.): ରାଜଗାଙ୍ଗପୁର କମ୍ୟୁନିଟି ସେଣ୍ଟର ଠାରେ ପୈରପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୋବିନ୍ଦ ଦଣ୍ଡସେନା ଙ୍କ ତତ୍ୱାବଧାନରେ ୧୨ ତମ ଅନ୍ତଃରାଷ୍ଟ୍ରୀୟ ଯୋଗ ଦିବସ ପାଳନ ଅବସରରେ ପୈରପରିଷଦ ର ଚେୟାରମେନ ଶ୍ରୀ ମତି ମାଧୁରୀ ଲୁଗୁଣ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଯୋଗ ଦିବସ କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ ।ଯୋଗ ଗୁରୁ ସୁଜାତା ଦାସ ସହାୟକ ଗୁଡିଆ ଗୁପ୍ତା ଙ୍କ ଦ୍ୱାରା ବିଭିନ୍ନ ଯୋଗାସନ ପ୍ରାଣାୟମ କରାଯାଇ ଉପସ୍ଥିତ ଜନସାଧାରଣଙ୍କୁ ଯୋଗାସନ ପ୍ରାଣାୟମ ର ମହତ୍ୱ ସମ୍ବନ୍ଧରେ ବିସ୍ତୃତ ଭାବରେ ଆଲୋକପାତ କରାଇ ଯୋଗାସନ ଦ୍ୱାରା ଶାରୀରିକ ସୁସ୍ଥତା ମନ ପ୍ରଫୁଲ୍ଲ ସୁସ୍ଥ ସବଳ ଦୀର୍ଘାୟୁ ଜୀବନ ଓ ନିରୋଗ ରହିବା ନିମନ୍ତେ ବିଭିନ୍ନ ପ୍ରକାରର ଯୋଗାସନ ଅଭ୍ୟାସ କରାଇଥିଲେ। କାର୍ଯ୍ୟକ୍ରମ ରେ ପୈରପାଳିକା ଚେୟାରମେନ ମାଧୁରୀ ଲୁଗୁଣ ଯୋଗଗୁରୁ ସୁଜାତା ଦାସ ଓ ସହାୟକ ଗୁଡିଆ ଗୁପ୍ତା ଙ୍କୁ ପୁଷ୍ପଗୁଚ୍ଛ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ ଉକ୍ତ କାର୍ଯ୍ୟକ୍ରମରେ ରାଜଗାଙ୍ଗପୁର ବିଜେପି ମଣ୍ଡଳ ସଭାପତି ରାଜନ୍ ସୋନି ମହିଳା ମୋର୍ଚ୍ଚା ସଭାପତି ଅନୀତା ଭଟ୍ଟାଚାର୍ଯ୍ୟ କାଉନସିଲର ଶ୍ୱେତା କୁମାରୀ ସୁମନ ଶର୍ମା ନୋଡାଲ ଅଧିକାରୀ ଡଃ ଐଶ୍ୱର୍ଯ୍ୟ ପାଣିଗ୍ରାହୀ ପରିମଳ ଅଧିକାରୀ କାର୍ତ୍ତିକ ମହାରଣା ବରିଷ୍ଠ ନାଗରିକ ଜଗତ ନାରାୟଣ ଶର୍ମା ପଦ୍ମନାଭ ସାମଳ ମହେନ୍ଦ୍ର ମାଝୀ ଶଂକର ମାଝୀ କୁଳଦୀପ ସିଂ ଙ୍କ ସହ ବହୁ ମହିଳା ପୁରୁଷ ଉପସ୍ଥିତ ରେ ଯୋଗାସନ ପ୍ରାଣାୟମ କରାଯାଇଥିଲା।

ଜାତି ଓ ଜନଜାତି ସମ୍ବାଦ କାର୍ଯ୍ୟକ୍ରମ

ନବରଙ୍ଗପୁର, ୨୧।୬(ନି.ପ୍ର.): ନବରଙ୍ଗପୁର ଜିଲ୍ଲାରେ ଆୟୋଜିତ ଜିଲ୍ଲାସ୍ତରୀୟ "ବିକାଶ ର ଧାରା ଓଡିଶା ସାରା" କାର୍ଯ୍ୟକ୍ରମର ଦ୍ୱିତୀୟ ଦିନ ଜାତି ଜନଜାତି ସମ୍ବାଦ ଓ ଆକାଂକ୍ଷା ଜିଲ୍ଲା କାର୍ଯ୍ୟକ୍ରମକୁ କେନ୍ଦ୍ର କରି ସଫଳତାର ସହ ଆୟୋଜିତ ହୋଇଥିଲା। ପ୍ରାୟ ୭୦୦ ଜଣ ଜନଜାତି ଓ ସ୍ଥାନୀୟ ଅଞ୍ଚଳର ଜନ ସାଧାରଣ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

ଏହି ଅବସରରେ ନବରଙ୍ଗପୁର ବିଧାୟକ ଏବଂ ଜିଲ୍ଲା ଯୋଜନା ବୋର୍ଡ ର ଅଧକ୍ଷ ଗୌରୀଶଙ୍କର ମାଝି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲେ। ଏହା ସହିତ ଲୋକସଭା ସାଂସଦଙ୍କ ପ୍ରତିନିଧି ଜ୍ୟୋତି ରଞ୍ଜନ କଂସ, ମୁଖ୍ୟ ଉନ୍ନୟନ ଅଧିକାରୀ,ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ପି ଏ,ଆଇ ଟି ଡି ଏ,ରାଜୀବ ଲୋଚନ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର ,ଡି ଆଇ ପି ଆର୍ ଓ ମନୋଜ ବେହେରା,ବିଶିଷ୍ଟ ଲେଖକ ଡ ବିଜୟ କୁମାର ମିଶ୍ର,ବିଡିଓ ନବରଙ୍ଗପୁର ସୁନିଲ କୁମାର ଖରା,ବିଡିଓ ତେନ୍ତୁଳିଖୁଣ୍ଟି ମନୋଜ ପାଣିଗ୍ରାହୀ ଓ ବିଡିଓ ନନ୍ଦାହାଣ୍ଡି କ୍ଷୀରୋଦ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ ଗତ ୨ ବର୍ଷରେ ଶିକ୍ଷା, ସ୍ୱାସ୍ଥ୍ୟ, ପୋଷଣ, ଜନଜାତି କଲ୍ୟାଣ ଓ ଗମନାଗମନ, ଭିତ୍ତିଭୂମି ବିକାଶ କ୍ଷେତ୍ରରେ ହୋଇଥିବା ଉନ୍ନତି ସମ୍ପର୍କରେ ଉଲ୍ଲେଖ କରିଥିଲେ। ସେ ବିଶେଷ କରି ଶହୀଦ ମାଧୋ ସିଂହ ହାତଖର୍ଚ୍ଚ ଯୋଜନା, ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ ଏବଂ ଆଦିବାସୀ ଅଧ୍ୟୁଷିତ ଗ୍ରାମ ର ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱ ଦେଇ କହିଥିଲେ। ଏହି କାର୍ଯ୍ୟକ୍ରମର ଅନ୍ୟତମ ଆକର୍ଷଣ ଥିଲା ସମ୍ମାନ ସମାରୋହ, ଯେଉଁଠାରେ ବୋର୍ଡ ପରୀକ୍ଷାରେ ଏ୨ ଗ୍ରେଡ୍ ପାଇଥିବା ୧୦୫ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା।

'ସୁସ୍ଥ ବାର୍ଦ୍ଧକ୍ୟ ପାଇଁ ଯୋଗ'

ନବରଙ୍ଗପୁର,୨୧।୬(ନି.ପ୍ର): ଆଜି ସ୍ଥାନୀୟ ପୋଲିସ ପଡ଼ିଆ ଠାରେ ଜିଲ୍ଲା ସ୍ତରୀୟ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି। ଆୟୋଜିତ ଯୋଗ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାଂସଦ ଲୋକସଭା ବଳଭଦ୍ର ମାଝୀ ଯୋଗ ଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ମାନ୍ୟବର ବିଧାୟକ ନବରଙ୍ଗପୁର ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ, ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ,ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ଼ ପ୍ରମୋଦ କୁମାର ପୃଷ୍ଟି,ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ବିଶ୍ୱଜିତ ଚନ୍ଦ୍ରବର୍ମନ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରିଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀ,ନବରଙ୍ଗପୁର ସହରର ମହାବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟ ର ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ, ବିଭିନ୍ନ ସଂଗଠନ କର୍ମକର୍ତ୍ତା,ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ଯୋଗ ସୁସ୍ଥ ଜୀବନ ସହ ଶାରୀରିକ,ମାନସିକ ଓ ଆଧ୍ୟାତ୍ମିକ ପ୍ରଗତିରେ ଯୋଗର ଏକ ବଡ ଅବଦାନ ରହିଛି। ଚଳିତ ବର୍ଷ ସୁସ୍ଥ ବାର୍ଦ୍ଧକ୍ୟ ପାଇଁ ଯୋଗ ବିଷୟକୁ ନେଇ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଉଛି। ଯୋଗ କେବଳ ଶାରୀରିକ ବ୍ୟାୟାମ ନୁହେଁ ,ଏହା ଏକ ନିୟମ ଓ ସନ୍ତୁଳିତ ଜୀବନ ଯାପନ ର ପଥ। ନିୟମିତ ଯୋଗାଭ୍ୟାସ କରି ମାନସିକ ଚାପ ହ୍ରାସ ସହ ଶାରୀରିକ ନମନୀୟତା,ସନ୍ତୁଳନ ରକ୍ଷା ପୂର୍ବକ ଏକ ଯୋଗୀ ପରି ନିରୋଗ ରହିବା ଏହି ଯୋଗ ଦିବସ ର ମୂଳ ଉଦ୍ଦେଶ୍ୟ ଅଟେ ବୋଲି ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ମତବ୍ୟକ୍ତ କରିଥିଲେ। ସକାଳ ୭.୦୦ ଘ ସମୟ ରେ ମଞ୍ଚରେ ଦୁଇ ଜଣ ଯୋଗ ଶିକ୍ଷକ କୃଷ୍ଣ ଚନ୍ଦ୍ର ପଟ୍ଟନାୟକ ଏବଂ ହରିଶ ବେହେରା ମଞ୍ଚରେ ଯୋଗ ଅଭ୍ୟାସ ପ୍ରଦର୍ଶନ କରିଥିଲେ ଏବଂ ତାହାକୁ ଅନୁସରଣ କରି ଉପସ୍ଥିତ ପଞ୍ଜୀକୃତ କରିଥିବା ପ୍ରାୟ ୭୦୦ ରୁ ଉର୍ଦ୍ଧ୍ୱ ଯୋଗ ଇଚ୍ଛୁକ ବ୍ୟକ୍ତିବିଶେଷ ଯୋଗ ଅଭ୍ୟାସ କରିଥିଲେ। ଯୋଗ ଅଭ୍ୟାସ କାର୍ଯ୍ୟକ୍ରମ ପରେ ସମସ୍ତେ ଯୋଗ ଦିବସ ଉପଲକ୍ଷେ ଶପଥ ପାଠ କରିଥିଲେ। ଅନ୍ତର୍ଜାତୀୟ ଯୋଗ ଦିବସ କାର୍ଯ୍ୟକ୍ରମ ନିମନ୍ତେ ଉଚ୍ଚ ବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ପ୍ରବନ୍ଧ, ବକ୍ତୃତା , ଚିତ୍ରାଙ୍କନ,ସ୍ଲୋଗାନ ଲିଖନ,ପୋଷ୍ଟର୍ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କୁ ଅତିଥି ଗଣ ପୁରସ୍କାର ପ୍ରଦାନ କରିଥିଲେ।

ସାମାଜିକ ଜନସେବା ପାଇଁ ସମ୍ମାନୀତ

ରାଜଗାଙ୍ଗପୁର, ୨୧।୬: ରାଜଗାଙ୍ଗପୁର ଓ ଜିଲ୍ଲା ର ବିଶିଷ୍ଟ ସମାଜସେବୀ ବିଶ୍ୱହିନ୍ଦୁ ପରିଷଦ ନେତା ଅଗ୍ରଣୀ ବାବସାୟି ତଥା ରାଜଗାଙ୍ଗପୁର ଫାଉଣ୍ଡେସନ ସଭାପତି କମଳ ଅଗ୍ରୱାଲ ଓ ତାଙ୍କ ସହ ଧର୍ମୀଣି ଅନିତା ଅଗ୍ରୱାଲ ଙ୍କ ତତ୍ତ୍ୱାବଧାନରେ ଅନ୍ତଃରାଷ୍ଟ୍ରୀୟ ଯୋଗ ଦିବସ ଓ ପିତୃ ଦିବସ ଅବସରରେ ବସଷ୍ଟାଣ୍ଡ ନିକଟରେ ଥିବା ଗିନି ପେଲେସ୍ ହୋଟେଲ ସଭାଗୃହ ଠାରେ ଆଇଟି କଲୋନୀ ରାମ ଭକ୍ତ ହନୁମାନ କମିଟି ର ପ୍ରାୟ ତିରିଶ ଜଣ ଯୁବକ ଯୁବତୀ ମାନଙ୍କୁ ଆଦର୍ଶ ଶିକ୍ଷା ସୁ ବ୍ୟବହାର ଶିଷ୍ଟାଚାର ସମାଜସେବା ସାମାଜିକ ଜନସେବା କାର୍ଯ୍ୟକ୍ରମ ନିମନ୍ତେ ମାନପତ୍ର ଉପଢୌକନ ଦେଇ ସମ୍ମାନିତ କରି ସୁସ୍ଥ ସମାଜ ଗଠନ ଦିଗରେ ଯୁବକ ଯୁବତୀ ଙ୍କ ଭୂମିକା ସମାଜରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିବା ଦର୍ଶାଇ ଯୁବକ ଯୁବତୀ ଙ୍କୁ ନିଶା ଠାରୁ ଦୁରେଇ ସୁସ୍ଥ ସମାଜ ପାଇଁ ଯୋଗାସନ ପ୍ରାଣାୟମ ଶାରୀରିକ ବ୍ୟାୟାମ ଉଚ୍ଚ ଶିକ୍ଷା ଦେଶ ପ୍ରେମ୍ ପରିବାର ଲୋକଙ୍କ ସହ ଉତ୍ତମ ସମ୍ପର୍କ ଧାର୍ମିକ ମନୋଭାବକୁ ଲକ୍ଷ୍ୟ ରଖି ସଦା ସର୍ବଦା କାର୍ଯ୍ୟ କରିବାକୁ ପରାମର୍ଶ ଦେଇ ନିଜ ଜନ୍ମମାଟି ଦେଶର ସୁନାମ ଅର୍ଜନ ରଖିବାକୁ ନିବେଦନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଯୁବ ନେତା ଗୌତମ ମହାରଥୀ ଶିବାଂଗି ପାଣ୍ଡେ ରିତେଶ ଜୟସୟାଲ ଙ୍କ ସହ ବହୁ ସ୍ଥାନୀୟ ଯୁବକ ଯୁବତୀ ଉପସ୍ଥିତ ଥିଲେ।

ନିଟ୍ ୟୁଜି ପୁନଃ ପରୀକ୍ଷା ସଫଳତାର ସହ ସମ୍ପନ୍ନ

ନବରଙ୍ଗପୁର ୨୧।୬(ନି.ପ୍ର.): ଆଜି ମେଡିକାଲ ଚିକିତ୍ସା ପାଠ୍ୟକ୍ରମରେ ଭର୍ତ୍ତି ହେବା ପାଇଁ ସାରା ଭାରତ ବର୍ଷରେ ଅନୁଷ୍ଠିତ ହେଉଥିବା ଏନ୍‌ଇଇଟି (ୟୁଜି) ୨୦୨୬ ପୁନଃ ପରୀକ୍ଷା ସଫଳତା ର ସହ ସମ୍ପନ୍ନ ହୋଇଛି ।ଜିଲ୍ଲାର ନବରଙ୍ଗପୁର ସହରର ଆର୍ ସି ଡି ହାଇସ୍କୁଲ ଏବଂ ପି ଏମ ଶ୍ରୀ କେନ୍ଦ୍ରିୟ ବିଦ୍ୟାଳୟ ଦୁଇଟି ଶିକ୍ଷା ଅନୁଷ୍ଠାନଙ୍କୁ ଏନ୍ ଟି ଏ (ଜାତୀୟ ପରୀକ୍ଷା ସଂସ୍ଥା) ମନୋନୀତ କରିଥିଲା ।ଏହି ଜାତୀୟ ସ୍ତର ପରୀକ୍ଷା ପାଇଁ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ସ୍ୱମନ୍ୱୟ କମିଟି ଗଠନ ହୋଇ ନୋଡାଲ ଅଧିକାରୀ ଙ୍କୁ ଦାୟିତ୍ୱ ଦିଆଯାଇଥିଲା। ମାଜିଷ୍ଟ୍ରେଟ ଡ୍ୟୁଟି ଅଧିକାରୀ ରୂପେ ନବରଙ୍ଗପୁର ତହସିଲଦାର ଭୋଲେଶ୍ୱର ନାଏକ ଏବଂ ନନ୍ଦାହାଣ୍ଡି ତହସିଲଦାର ଚନ୍ଦ୍ରହାସ ମହାନନ୍ଦିଆ ଦାୟିତ୍ୱ ତୁଲାଇଥିବା ବେଳେ ପୋଲିସ ନୋଡାଲ ଅଧିକାରୀ ରୂପେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ ଏବଂ ଡି ଏସ ପି (ଡି ଆଇ ବି) ବିନୋଦ ଲାକ୍ରା ଶାନ୍ତି ଶୃଙ୍ଖଳା,ଟ୍ରାଫିକ,ପାର୍କିଂ ଓ ଅନ୍ୟାନ୍ୟ ବ୍ୟବସ୍ଥା କରିଥିଲେ। ଏହି ପରୀକ୍ଷା ଅପରାହ୍ନ ୨.୦୦ ଘ ରୁ ଆରମ୍ଭ ହୋଇ ଘ୫.୧୫ ମି ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା ।ଉଭୟ କେନ୍ଦ୍ର ରେ ମୋଟ ୫୧୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବା ପାଇଁ ଆଡମିଟ କାର୍ଡ ପାଇଥିବାବେଳେ ମୋଟ ୪୨୧ ଜଣ ପରୀକ୍ଷା ଦେଇଥିଲେ ଏବଂ ୮୯ ଜଣ ଅନୁପସ୍ଥିତ ଥିଲେ।



'ସୁସ୍ଥ ବାର୍ଦ୍ଧକ୍ୟ ନିମନ୍ତେ ଯୋଗ' ବାର୍ତ୍ତା ନେଇ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ଅନୁଗୋଳ, ୨୧।୬(ନି.ପ୍ର.): ଜିଲ୍ଲା ସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ - ୨୦୨୬ ଆଜି ସକାଳେ ନୂଆ ଇଣ୍ଡୋର ଷ୍ଟାଡିୟମ୍ ହଲ୍ ଠାରେ ପାଳିତ ହୋଇଯାଇଛି । ଏହି ସାମୂହିକ ଯୋଗାଭ୍ୟାସରେ ମାନ୍ୟବର ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗ ଦେଇ ଦୈନନ୍ଦିନ ବ୍ୟସ୍ତବହୁଳ ଜୀବନରୁ କିଛି ସମୟ ବାହାର କରି ଯୋଗ ଓ ପ୍ରାଣାୟାମ କରିବା ସହ ନିଜକୁ ସୁସ୍ଥ ଓ ନିରୋଗ ରଖିବାକୁ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ସେହିଭଳି ଅନ୍ୟତମ ଅତିଥି ମାନ୍ୟବର ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଯୋଗ ଓ ପ୍ରାଣାୟାମ ଶରୀର ଓ ମନକୁ ସୁସ୍ଥ ରଖିବା ସହ ଏକ ନିରୋଗ ଜୀବନଯାପନ କରିବାରେ ସହାୟକ ହୋଇଥାଏ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ମାନ୍ୟବର କେନ୍ଦ୍ରଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ଶ୍ରୀ ସୁଦିପ କୁମାର ଗଡ଼ନାୟକ, ଜିଲ୍ଲାପାଳ ଅବ୍‌ଦାଲ୍ ମୁହମ୍ମଦ୍ ଅଖ୍ତର, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଆଇଏଏସ ପ୍ରୋବେସନର ଅଭି ଜୈନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ପତଞ୍ଜଳି ଯୋଗ ସମିତିର ସଭାପତି ତଥା ଯୋଗଗୁରୁ ଶ୍ରୀ ଅଭୟ ରାୟଙ୍କ ସହଯୋଗରେ ବିଭିନ୍ନ ଯୋଗାସନ ଅଭ୍ୟାସ କରାଯାଇଥିଲା। ପ୍ରକାଶ ଥାଉକି, ପ୍ରତ୍ୟେକ ବର୍ଷ ଜୁନ୍ ୨୧ ତାରିଖରେ ମିଳିତ ଜାତିସଂଘର ସାଧାରଣ ପରିଷଦର ନିଷ୍ପତ୍ତି କ୍ରମେ ୨୦୧୫ ମସିହାରୁ ଯୋଗ ଦିବସ ପାଳିତ ହୋଇଆସୁଅଛି। ଚଳିତ ବର୍ଷର ମୁଖ୍ୟ ବିଷୟବସ୍ତୁକୁ ଆଧାର କରି ଆୟୋଜିତ ଏହି ସମୂହ ଯୋଗାଭ୍ୟାସ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, କ୍ରୀଡ଼ାବିତ୍, ବୁଦ୍ଧିଜୀବୀ, ଜିଲ୍ଲାସ୍ତରୀୟ ଅଧିକାରୀ, ଗଣମାଧ୍ୟମର ପ୍ରତିନିଧିଙ୍କ ସମେତ ବହୁ ସଂଖ୍ୟାରେ ସ୍ଥାନୀୟ ଜନସାଧାରଣ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ସମାଜରେ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରିବା ଦିଗରେ ଏକ ସଫଳ ପ୍ରୟାସ। ପରିଶେଷରେ ଜିଲ୍ଲା କ୍ରୀଡା ଅଧିକାରୀ ଅକ୍ଷୟ କୁମାର ସିଠ ଧନ୍ୟବାଦ ଅର୍ପଣ କରିଥିଲେ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, **Email : odishamanthan@gmail.com**
● **Editor : Sarat Raut**
ସଂପାଦକ: ଶରତ ରାଉତ